


READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

ବର୍ଷ-୫ | ସଂଖ୍ୟା-୨୫ | ୦୫ - ୧୧ ଜୁଲାଇ, ୨୦୨୧ | ଭୁବନେଶ୍ୱର | Monday Weekly | VOL-5 | ISSUE-25 | 05th - 11th JULY, 2021 | BHUBANESWAR | ₹ 5/- (8 Pages)


### ସୌମ୍ୟରଞ୍ଜନଙ୍କ ଆଲେଖ୍ୟ ବିଜେଡି ସୁପ୍ରିମୋଙ୍କ କାନରେ ପହଞ୍ଚିବ ତ !

# ଶାସନର ମର୍ଯ୍ୟାଦାକୁ ନଷ୍ଟ କରୁଛି କିଏ ?

**ଭୁବନେଶ୍ୱର :** ଓଡ଼ିଶାରେ କୋଭିଡ୍ ମୃତ୍ୟୁକୁ ନେଇ ବିଭିନ୍ନ ସମୟରେ ରାଜନୈତିକ ଓ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଥିବା ବେଳେ ଖୋଦ ଶାସକ ଦଳର ଜଣେ ବିଧାୟକ ତଥା ଦଳର ଉପସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ଲେଖା ଏବେ ଆଲୋଡନ ସୃଷ୍ଟି କରିଛି। ସୌମ୍ୟ ବାବୁ ଦଳର ଉପସଭାପତି ତଥା ୭ଟି ଜିଲ୍ଲାର ପର୍ଯ୍ୟବେକ୍ଷକ ଏବଂ ଖଣ୍ଡପଡା ବିଧାୟକ। ତେବେ ଦଳରେ ଥାଇ ସେ ସିଧାସଳଖ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ବରିଷ୍ଠ ନେତା ପ୍ରଫୁଲ୍ଲ ଘଡେଇ ଓ ଡାକ୍ତର ଦାମୋଦର ରାଉତଙ୍କ ପରେ ବିଜେଡିରେ ଥାଇ ନବୀନଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇବାର ସାହସ ଦେଖାଇଥିବା ସୌମ୍ୟରଞ୍ଜନ ନିଜ ଖବରକାଗଜରେ ସମ୍ପାଦକୀୟ ଲେଖି ନିଜର ମତ ରଖିଛନ୍ତି। କର୍ମୀ ଓ ସାଧାରଣ ଲୋକଙ୍କଠୁ ଦୂରେଇ ରହି ନବୀନ ହାତଗଣତି ରାଜନେତା ଓ ପ୍ରଶାସକଙ୍କ ଗହଣରେ ରହୁଥିବା, ରାଜ୍ୟର ପ୍ରଶାସନିକ କାର୍ଯ୍ୟର ଖବର ତାଙ୍କ ପାଖରେ ପହଞ୍ଚୁନଥିବା, ଗଣମାଧ୍ୟମକୁ ନିୟନ୍ତ୍ରଣ କରାଯାଇ ସତ୍ୟ ଓ ସମାଲୋଚନାକୁ ଚପାଇ ଦିଆଯାଉଥିବା ଭଳି କିଛି ଗୁମର ଦିଗକୁ ଇଙ୍ଗିତ କରି ସୌମ୍ୟ ପରୋକ୍ଷରେ



ଦଳ, ସୁପ୍ରିମୋ ଓ ସରକାରର ପରିଚାଳନାଶୈଳୀ ଉପରେ ବି ପ୍ରଶ୍ନଚିହ୍ନ ଲଗାଇଛନ୍ତି। ବିଜେଡି ଉପସଭାପତି ତଥା ବିଧାୟକ ସୌମ୍ୟରଞ୍ଜନ ନିଜ ଖବରକାଗଜର ଆମଘର ହାଲଚାଲ ସ୍ତମ୍ଭରେ 'ଶ୍ରେଣୀରେ ପ୍ରଥମ ହେଲା ପରେ ବି କପି ?' ଶୀର୍ଷକରେ କୋଭିଡ୍ ପରିଚାଳନା ଓ କୋଭିଡଜନିତ ମୃତ୍ୟୁକୁ ଲୁଚାଇବା ପାଇଁ ପ୍ରଶାସନିକ ସ୍ତରରେ ହେଉଥିବା ପ୍ରୟାସକୁ ଉଲ୍ଲେଖ କରିଛନ୍ତି। କିନ୍ତୁ ଏହି କଥା କହିବାକୁ ଯାଇ ସୌମ୍ୟ ଗତ କିଛିବର୍ଷ ଧରି ରାଜ୍ୟରେ ବିଶେଷକରି ବିଜେଡି ଓ ସରକାରର ଅନାଲୋଚିତ ଦିଗକୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସୌମ୍ୟଙ୍କ ମତରେ ୨୫ ବର୍ଷ ତଳେ ରାଜନୀତିରେ ସମ୍ପୂର୍ଣ୍ଣ ଅପରିଚିତ ନବୀନ ନିରବଚ୍ଛିନ୍ନ ଭାବେ ଓଡ଼ିଶାର ଶାସନ କ୍ଷମତାରେ ରହିବା ଓ ପ୍ରତିଥର ଅଧିକ ଜନସମର୍ଥନ ପାଇବା ନିଶ୍ଚିତ ଭାବେ ସ୍ୱାଧୀନ ଭାରତରେ ଏକ ଅଲୌକିକ ସଫଳତା। ଅନାହାର ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କ୍ଷେତ୍ରରେ ନବୀନଙ୍କୁ ଜାତୀୟ ଓ ବିଶ୍ୱସ୍ତରରେ ମିଳୁଥିବା ପ୍ରଶଂସା କଥା ଉଲ୍ଲେଖ କରି ସୌମ୍ୟ ସିଧାସଳଖ ରାଜ୍ୟରେ କୋଭିଡ୍‌ଜନିତ ମୃତ୍ୟୁକୁ ନେଇ ପ୍ରଶାସନିକ ସ୍ତରରେ ପରିସଂଖ୍ୟାର ଖେଳକୁ ଦର୍ଶାଇଛନ୍ତି। ରାଜ୍ୟ ସରକାର କୋଭିଡ୍‌ଜନିତ ମୃତ୍ୟୁକୁ ଲୁଚାଇଥିବା ତଥା ପ୍ରଶାସନିକ ତ୍ରୁଟି ଓ ଅବହେଳା ଯୋଗୁ କୋଭିଡ୍ ମୃତ୍ୟୁ ସଂଖ୍ୟାକୁ ନେଇ ବିବାଦ ଦେଖାଦେଇଛି ବୋଲି ସୌମ୍ୟ ଅଭିଯୋଗ କରିବା ସହ କଳେବଳେ କୌଶଳେ ପ୍ରଥମ ହେବାର ନିଶା ଓ ଅତୀତର ସଫଳତାର ଅହଙ୍କାର ଏହି ତ୍ରୁଟି ପାଇଁ ଦାୟୀ ବୋଲି କହିଛନ୍ତି। ଆହୁରି ମଧ ସୌମ୍ୟ ବାବୁଙ୍କ ଅସଲ କଥାଟି ହେଲା- ଦେଶର ମୃତ୍ୟୁସଂଖ୍ୟା ତୁଳନାରେ ରାଜ୍ୟର ମୃତ୍ୟୁସଂଖ୍ୟା ଯଥେଷ୍ଟ କମ। ତେଣୁ ସତ ମୃତ୍ୟୁସଂଖ୍ୟାଟିକ କହିଦେଇଥିଲେ ଅମର ବିଶେଷ କିଛି କ୍ଷତି ହେବାର ନଥିଲା; ବରଂ ତାକୁ ଲୁଚାଇବାକୁ ଯାଇ ପ୍ରଶାସନ ଯେଉଁ ଗୁରୁଚଣ୍ଡାଳ ଦୋଷ ସବୁ କରିଛି ତାହା ଶାସନର ମର୍ଯ୍ୟାଦାକୁ ନଷ୍ଟ କରୁଛି। ଏତଦ୍‌ବ୍ୟତୀତ ସୌମ୍ୟ ବାବୁ ଲେଖିଛନ୍ତି ଯେ ସରକାରଙ୍କ କେତେକ ଅଭିବନ ଯୋଜନା ଯୋଗୁଁ ହିଁ ତଥ୍ୟ ଲୋକଲୋଚନକୁ ଆସିଲା। କୋଭିଡ୍ ମହାମାରୀରେ ଅନାଥ ହେଉଥିବା ଶିଶୁମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ବିଶେଷ ସୁବିଧା ଦେବାର ଯୋଜନା ➤ ପୃ-୬

## କୋଭିଡ୍ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦିଅ

**ସୁପ୍ରିମ୍‌କୋର୍ଟଙ୍କ ବଡ ନିଷ୍ପତ୍ତି**



**ନୂଆଦିଲ୍ଲୀ :** ସୁପ୍ରିମ୍‌କୋର୍ଟ ଏକ ବଡ ନିଷ୍ପତ୍ତି ନେଇଛନ୍ତି। ମହାମାରୀ କରୋନାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିବାରକୁ ଅନୁକମ୍ପା ରାଶି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ କୋର୍ଟ। ଜଷ୍ଟିସ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, କୋର୍ଟ ଅନୁକମ୍ପା ରାଶି ନିର୍ଦ୍ଧାରଣ କରିବେ ନାହିଁ। ସରକାର ଆଇନ ଅନୁଯାୟୀ ମୃତକଙ୍କ ପରିବାରକୁ ଅନୁକମ୍ପା ମୂଳକ ସହାୟତା ରାଶି ଦେଇପାରିବେ। ତେବେ କେତେ ଟଙ୍କା ଦିଆଯିବ ଏ ନେଇ କେନ୍ଦ୍ର ନିଷ୍ପତ୍ତି ନେବ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ବିପର୍ଯ୍ୟୟ ଆକ୍ଟ ଅନୁଯାୟୀ କେନ୍ଦ୍ର ଆର୍ଥିକ ସହାୟତା ଦେବାରେ ବିଫଳ ହୋଇଛନ୍ତି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ନିକଟରେ କୋଭିଡରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ କେନ୍ଦ୍ର ସରକାର ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବା ଦରକାର ବୋଲି ଯୁକ୍ତି ଦର୍ଶାଇ ସୁପ୍ରିମକୋର୍ଟରେ ଏକ ଆବେଦନ ଦାୟର ହୋଇଥିଲା। ଏହି ମାମଲାର ଶୁଣାଣି କରିଛନ୍ତି ସୁପ୍ରିମକୋର୍ଟ। କେନ୍ଦ୍ର ସରକାର ଏହି ଆବେଦନର ଜବାବ ➤ ପୃ-୬

## ଦେଶରେ କରୋନା ସଂକ୍ରମଣ ୮୬% ହ୍ରାସ

**ନୂଆଦିଲ୍ଲୀ :** ଦେଶରେ କରୋନା ସଂକ୍ରମଣ ଦ୍ରୁତ ଗତିରେ ହ୍ରାସ ପାଇଚାଲିଛି। ମେ' ପ୍ରଥମ ସପ୍ତାହରେ ସଂକ୍ରମଣ ସର୍ବୋଚ୍ଚ ଶିଖର ଛୁଇଁବା ପରଠାରୁ ଏବେ ସୁଦ୍ଧା ସଂକ୍ରମଣରେ ପ୍ରାୟ ୮୬% ହ୍ରାସ ପରିଲକ୍ଷିତ ହୋଇଛି। କିନ୍ତୁ ବିପଦ ଟଳିନି। ଲୋକମାନେ କେବେ ହେଲେ ବେପରୁଆ ହୁଅନ୍ତୁ ନାହିଁ ବୋଲି କେନ୍ଦ୍ର ମନ୍ତ୍ରଣାଳୟ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ମେ' ୩ରେ ଆରୋଗ୍ୟ ହାର ୮୧.୧ ପ୍ରତିଶତ ଥିଲା ବେଳେ




ଏବେ ତାହା ୯୭%କୁ ବୃଦ୍ଧି ପାଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲବ ଅଗ୍ରୱାଲ କହିଛନ୍ତି। ଜୁନ୍ ୨୩ରୁ ଜୁନ୍ ୨୯ ମଧ୍ୟରେ ଦେଶର ୭୧ଟି ଜିଲ୍ଲାରେ କୋଭିଡ୍ ପଜିଟିଭିଟି ରେଟ ୧୦% ଉପରେ ରହିଛି। ଜୁନ୍ ୩୦ ସୁଦ୍ଧା ୧୨ଟି ରାଜ୍ୟରୁ ୫୬ଟି ଡେଲ୍‌ଟା ପ୍ଲସ କେସ୍ ସାମ୍ନାକୁ ଆସିଛି। ସେ ଟିକାକରଣ ଓ କୋଭିଡ୍ ପ୍ରୋଟକଲ ମାନିବାକୁ ଗୁରୁତ୍ୱ ଦେବା ସହ ଦ୍ୱିତୀୟ ଲହରର ବିପଦ ➤ ପୃ-୬

### ବକ୍ରବାଣୀ



ଭଲା କରୋନା ଆଇଚି ଏବେରେ
ଶୁଣିନଥିଲା ଯେ କାନ କେବେରେ
ଲହର ପରେ ଲହର ଆଉଚି
ଆମ ଜୀବନ ଜୀବିକା ଖାଉଚି
ତିରିଶି ଜିଲ୍ଲାରୁ କୋଡିଏ ଜିଲ୍ଲା
କଟକଣା ଉଠି ହେଲାଣି ମେଲା
ବାକି ଦଶଟି ଯଉଁ ଉପକୁଳିଆ
ସେଇଠି କରୋନା ଯମ ଭଳିଆ
ଭଲ ବାର୍ତ୍ତାଟିଏ କରୋନା ଦେଲା
ସହରୀକରଣ ଭଲ ନୋହିଲା।

—— ଟୁଟୁ

## କାଳିଆ ଯୋଜନା ମୋର ସବୁଠାରୁ ପ୍ରିୟ ଯୋଜନା : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାଳିଆ ଯୋଜନା ଅନ୍ତର୍ଗତ ଭୂମିହୀନ କୃଷକ ପରିବାର ମାନଙ୍କୁ ୩୮୬ କୋଟି ଟଙ୍କାର ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସହାୟତା ପ୍ରଦାନ କରିଛନ୍ତି। ଏହାଦ୍ୱାରା ୧୮ଲକ୍ଷ ଭୂମିହୀନ କୃଷକ ପରିବାର ଉପକାର ପାଇବେ। ଏଥିରେ ପ୍ରତ୍ୟେକ ଭୂମିହୀନ ଚାଷୀ କାଳିଆ ଯୋଜନାର କିସ୍ତି ସହିତ ଅତିରିକ୍ତ ଭାବେ ୧୦୦୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସହାୟତା ଅନ୍ତର୍ଭୁକ୍ତ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ରାଜ୍ୟର ୧୮ଲକ୍ଷ ଭୂମିହୀନ ଚାଷୀ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସହାୟତା ପ୍ରଦାନ କରି ସେ ବହୁତ ଖୁସି। ଚାଷୀ, ଶ୍ରମିକ ଓ ମଜଦୁର ମାନଙ୍କ ପରି ଖଟିଖିଆ ବର୍ଗ ହେଉଛନ୍ତି ଆମ ଅର୍ଥନୀତି ନାଭିକେନ୍ଦ୍ର। ଏ ସମସ୍ତଙ୍କ ତ୍ୟାଗ ହିଁ ଆମ ଅର୍ଥନୀତିକୁ ସମୃଦ୍ଧ କରିଥାଏ। କୃଷି କ୍ଷେତ୍ରର ସବୁ ସଫଳତା ପଛରେ ଭୂମିହୀନ ଚାଷୀର ତ୍ୟାଗ ଓ ପରିଶ୍ରମ ରହିଛି



ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମେ ତା'ର ତ୍ୟାଗକୁ ସମ୍ମାନ କରୁ। ତା'ର ସ୍ୱାର୍ଥର ସୁରକ୍ଷା ପାଇଁ ଆମର ଲଢ଼େଇ ଜାରି ରହିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଏମ୍‌ଏସ୍ ସ୍ୱାମୀନାଥନ କମିଟିର ସୁପାରିସକୁ କାର୍ଯ୍ୟକାରୀ କରିବା ପାଇଁ ମୁଁ ସବୁବେଳେ ଦାବି କରି ଆସିଛି ଏବଂ ଏହା ପୂରଣ ହେଲା ପର୍ଯ୍ୟନ୍ତ ଆମର ଲଢ଼େଇ ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ। କାଳିଆ ଯୋଜନା ଯୋଗୁଁ ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ପରିବାର ମୁହଁରେ ହସ ଆଣିଛି ଓ ମନରେ ଭରସା ଦେଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏଥିପାଇଁ କାଳିଆ ଯୋଜନାର ମୋର ସବୁଠାରୁ ପ୍ରିୟ ଯୋଜନା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବର୍ତ୍ତମାନ କୋଭିଡ୍ ଯୋଗୁଁ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପଡିଛି। ପ୍ରଥମ ଲହରରେ କୃଷି ହିଁ ଆମ ଅର୍ଥନୀତିକୁ ବଞ୍ଚାଇଥିଲା। ଦ୍ୱିତୀୟ ଲହରରେ ଲକଡାଉନ ସଟଡାଉନ ଯୋଗୁଁ ଲୋକଙ୍କ ଜୀବିକା ଉପରେ ଗଭୀର ପ୍ରଭାବ ପଡିଛି। ସେଥିପାଇଁ ରାଜ୍ୟ ସରକାର ଚାଷୀ, ➤ ପୃ-୬

## ଡାକ୍ତରଙ୍କ ସେବା ପ୍ରେରଣାଦାୟୀ : ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ :** ଜାତୀୟ ଡାକ୍ତର ଦିବସରେ ସ୍ୱାସ୍ଥ୍ୟସେବାରେ ନିୟୋଜିତ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କରୋନାରୁ ଲକ୍ଷାଧିକ ଲୋକଙ୍କ ଜୀବନ ରକ୍ଷା କରିବାରେ ଡାକ୍ତରଙ୍କ ଭୂମିକାକୁ ସେ ମନେ ପକାଇବା ସହ ତାଙ୍କ ସରକାର ମହାମାରୀର ମୁକାବିଲା ପାଇଁ ସବୁବେଳେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ଅଧିକ ଗୁରୁତ୍ୱ ଦେଉଛି ବୋଲି କହିଛନ୍ତି। ଏଥିସହ ଏବେ ଦେଶ ମହାମାରୀ କରୋନା ସହ ଲଢ଼େଇ କରୁଥିବା ବେଳେ ଡାକ୍ତରମାନେ ଦିନ ରାତି ଏକ କରି ଲୋକଙ୍କ ଜୀବନ ବଞ୍ଚାଇବାରେ ଲାଗିଛନ୍ତି। କରୋନା ରୋଗୀଙ୍କୁ ରକ୍ଷା କରିବା ପାଇଁ ଅନେକ ଡାକ୍ତର ପ୍ରାଣ ହରାଇଛନ୍ତି। ତଥାପି ସେମାନେ ଲକ୍ଷାଧିକ ଲୋକଙ୍କ ଜୀବନ ବଞ୍ଚାଇଛନ୍ତି। ଡାକ୍ତରମାନଙ୍କୁ ଖାଲିଟାରେ ଈଶ୍ୱରଙ୍କ ଦ୍ୱିତୀୟ ରୂପ ବୋଲି କୁହାଯାଏ ନାହିଁ। ସେମାନେ ନିଜ ଜୀବନକୁ ବାଜି ଲଗାଇ ଅନ୍ୟମାନଙ୍କର ଜୀବନ ବଞ୍ଚାଉଥିବାରୁ ସେମାନଙ୍କୁ ଈଶ୍ୱରଙ୍କ



ଦ୍ୱିତୀୟ ରୂପ ବୋଲି କୁହାଯାଏ। ଲୋକଙ୍କ ଜୀବନ ବଞ୍ଚାଇବାର ପୁଣ୍ୟ କାମ କରି ଅନେକ ଡାକ୍ତର ସେମାନଙ୍କ ଜୀବନ ଦେଇଛନ୍ତି ବୋଲି ମୋଦି କହିଛନ୍ତି। ଏହାବାଦ ଯୋଗକୁ ବୈଜ୍ଞାନିକ ପଦ୍ଧତିରେ ଆଗକୁ ନେବାକୁ ସେ ଆଇଏମ୍‌ଏକୁ ଆହ୍ୱାନ ଦେଇଛନ୍ତି। ମୋଦି କହିଛନ୍ତି, ଭାରତ ଆଜି ଲକ୍ଷାଧିକ ଦେଶବାସୀଙ୍କ ଜୀବନ ବଞ୍ଚାଇବାକୁ ସକ୍ଷମ ହୋଇଛି। ଏହାର ସମସ୍ତ ଶ୍ରେୟ ଡାକ୍ତର, ➤ ପୃ-୬






### ୟୁ-ଟ୍ୟୁବ୍‌ରେ ପାଠପଢାର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ

# ୪୦ପ୍ରତିଶତ ବି ଛୁଇଁ ପାରିଲାନି

**ଭଦ୍ରକ,(ବିକାଶ କୁମାର ଧଳ):** ଗତ ୨୧ ତାରିଖ ଠାରୁ ରାଜ୍ୟର ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲା ୟୁ-ଟ୍ୟୁବ୍ ମାଧ୍ୟମରେ ପାଠପଢିବେ ବୋଲି ସରକାର ଘୋଷଣା କରିଛନ୍ତି । ଉକ୍ତ ଘୋଷଣା ପରେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ଏହାର ସଫଳତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସରକାରୀ ରିପୋର୍ଟ ଅନୁଯାୟୀ;ବନ୍ତ ବ୍ଲକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା୧୬୫ଟି ସରକାରୀ ବିଦ୍ୟାଳୟରେ ପାଖାପାଖି ୧୫ହଜାର ୯୪ଜଣ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରୁଛନ୍ତି । କରୋନାର ପ୍ରଭାବରେ ୨୦୨୦-୨୧ଶିକ୍ଷା ବର୍ଷରେ ଶିକ୍ଷା କ୍ଷେତ୍ରରେ ବାଧା ଉପୁଜି ଥିବାବେଳେ ବର୍ତ୍ତମାନ କରୋନାର ୨ୟ ଲହର ମଧ୍ୟ ୨୦୨୧-୨୨ ଶିକ୍ଷା ବର୍ଷରେ ଶିକ୍ଷା କ୍ଷେତ୍ରରେ ଗ୍ରହଣ ଲଗାଇଦେଇଛି,ଯଦ୍ୱାରା ଶିକ୍ଷା ବର୍ଷ ଆରମ୍ଭକୁ ଇତି ମଧ୍ୟରେ ୩ମାସ ପୁରିଯାଇଥିଲେ ସୁଦ୍ଧା ବିଦ୍ୟାଳୟର ଶ୍ରେଣୀ ଗୃହରେ ଏବେ ପର୍ଯ୍ୟନ୍ତ ପାଠପଢା ଆରମ୍ଭ ହୋଇପାରିନାହିଁ । ଏହାକୁ ଗୁରୁତର ସହ ନେଇ ସରକାର ୟୁ-ଟ୍ୟୁବ୍ ମାଧ୍ୟମରେ ପାଠପଢାର ଯୋଜନା କରିଥିଲେ । ଏବଂ ଗତ ସୋମବାର(୨୧.୦୬.୨୧)ଠାରୁ ଏହାର ଶୁଭାରମ୍ଭ ହୋଇଛି । ପ୍ରାପ୍ତ ସୂଚନା ଅନୁଯାୟୀ;ବନ୍ତ ବ୍ଲକରେ ବିଭିନ୍ନ ଦିବସରେ ୟୁ-ଟ୍ୟୁବ୍ ମାଧ୍ୟମରେ ଓଡ଼ିଆ ଶ୍ରେଣୀରେ ୪ହଜାର୯ଶହ୬୮ଜଣ,ଗଣିତରେ ୪ହଜାର୯ଶହ୭୪ଜଣ ଏବଂ ଇଂରାଜୀରେ ୩ହଜାର ୪ଶହ୧ଜଣ ଛାତ୍ରଛାତ୍ରୀ ଶିକ୍ଷା ଲାଭ କରିଛନ୍ତି । ଯାହାକି ସମୁଦାୟ ଛାତ୍ରଛାତ୍ରୀଙ୍କ ତୁଳନାରେ



ଶତକଡ଼ା ୩୭ଭାଗ ଅଟେ । ପ୍ରତିଦିନ ଅନୁପାତରେ ପରିବର୍ତ୍ତନ ଆସୁଥିଲେ ସୁଦ୍ଧା ଏହାର ସଫଳ ରୂପାୟନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହାର ମୂଖ୍ୟ କାରଣ ହେଉଛି ପିଲାଙ୍କ ପାଖରେ ଆଣ୍ଡ୍ରଏଡ଼ ମୋବାଇଲ ସେଟ୍ ଉପଲବ୍ଧ ନହେବା । ଯେପରିକି କାଦବରାଙ୍ଗ କ୍ଲଷ୍ଟର ଅଧିନ ଭଗାରାମ ପ୍ରାଥମିକ ବିଦ୍ୟାଳୟର ପିଲାସଂଖ୍ୟା ୫୦ଥିବାବେଳେ ପ୍ରଧାନଶିକ୍ଷକ ନିରଂଜନ ଖିଲାରଙ୍କ ସୂଚନା ଅନୁଯାୟୀ ଅଧା ପିଲାଙ୍କ ପାଖରେ ଆଣ୍ଡ୍ରଏଡ଼ ମୋବାଇଲ ସେଟ୍ ନାହିଁ । ସେହିପରି ଗୋପିନାଥପୁର ପଂଚାୟତ ଅନ୍ତର୍ଗତ ତୁଳିପଦା ପ୍ରାଥମିକ ବିଦ୍ୟାଳୟରେ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** ମାନସିକ ଶାନ୍ତି ବଢ଼ିବ। ଦାମ୍ପତ୍ୟ ଜୀବନର ସମସ୍ୟା ଦୂର ହେବ। ଚାକିରୀ କ୍ଷେତ୍ରରେ ଉପୁଜିଥିବା ବାଧା ଦୂର ହେବ। ବ୍ୟବସାୟରେ ସୁଫଳ ପ୍ରାପ୍ତି ହେବ। ଘର ଓ ଗାଡି କ୍ରୟ କରିପାରନ୍ତି। ଛାତ୍ରମାନେ ପାଠରେ ମନଦେବେ।

**ବୃଷ** ଖର୍ଚ୍ଚରେ ଅଯଥା ବୃଦ୍ଧି ହେବ। ଉଧାର ନେଇ ପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେବ। ଶତ୍ରୁ ମିତ୍ର ହେବେ। ପରିବାରର ଲୋକଙ୍କ ଠାରୁ ମତାମତ ନିଅନ୍ତୁ। କୋର୍ଟ କଚେରୀ କାର୍ଯ୍ୟରେ ସଫଳ ହେବେ ଓ ଦାମ୍ପତ୍ୟ ଜୀବନ ସାମାନ୍ୟ ରହିବ।

**ମିଥୁନ** ସପ୍ତାହର ପ୍ରାରମ୍ଭରେ ଆକସ୍ମିକ ଧନପ୍ରାପ୍ତି ଯୋଗ ଅଛି। ଅଟକ ରହିଥିବା କାର୍ଯ୍ୟ ଭାଇଭଉଣୀ ଓ ବନ୍ଧୁଙ୍କ ସହଯୋଗରେ ସମ୍ପୂର୍ଣ୍ଣ ହେବ। ଛାତ୍ରମାନେ ଉଚ୍ଚଶିକ୍ଷା ପାଇଁ ମନ ବଳାଇବେ।

**କର୍କଟ** ହୃଦୟ ବା ଛାତି ରୋଗରୁ ମୁକ୍ତି ମିଳିପାରେ। ଅନେକ ଦିନର ଖୋଜୁଥିବା ଚାକିରୀ ମିଳିପାରେ। ଉଧାର ଦିଅନ୍ତୁ ନାହିଁ। ସପ୍ତାହର ମଧ୍ୟଭାଗରେ ଖରାପ ପରିସ୍ଥିତି ଉପୁଜିପାରେ।

**ସିଂହ** ସ୍ୱାସ୍ଥ୍ୟରେ ସାମାନ୍ୟ ଉନ୍ନତି ହେବ। ବ୍ୟବସାୟରେ ଲାଭ ମିଳିପାରେ। ମାଆଙ୍କ ସହ ମତଭେଦ ଦେଖାଦେବ। ବିଦେଶ ଯାତ୍ରା କରିପାରନ୍ତି। ସନ୍ତାନ ସୁଖ ମିଳିବ। ଛାତ୍ରମାନେ ନୂଆ ଶିକ୍ଷା ଦିଗରେ ଅଗ୍ରସର ହେବେ।

**କନ୍ୟା** ପାଦ ଓ ପେଟରେ ପୀଡା ହୋଇପାରେ। ପ୍ରମୋସନ ଓ ପଦୋନ୍ନତି ହୋଇପାରେ। ଭାଇଭଉଣୀଙ୍କ ସହ ମତଭେଦ ହୋଇପାରେ। ପୁରୁଣା ବ୍ୟବସାୟ ପୁଣି ଆଗେଇବ।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। କାର୍ଯ୍ୟକ୍ଷେତ୍ର ଓ ବ୍ୟବସାୟରେ ଉପରୀସ୍ତ ବ୍ୟକ୍ତିଙ୍କ ସହଯୋଗ ମିଳିବ। ଭାଇଭଉଣୀଙ୍କ ସହ ସମ୍ପର୍କ ସୁଦୃଢ଼ ହେବ। ଧାର୍ମିକ ଯାତ୍ରା କରିପାରନ୍ତି।

**ବିଛା** ପପଟ ଓ ପାଦରେ ସମସ୍ୟା ହୋଇପାରେ। ସପ୍ତାହର ମଧ୍ୟଭାଗରେ ଅନେକ ପ୍ରକାରର ସମସ୍ୟା ଦେଖା ଦେଇପାରେ। ନିଜର କଥା ଉପରେ ନିୟନ୍ତ୍ରଣ ରଖନ୍ତୁ। ଛାତ୍ରମାନଙ୍କ ମନ ବିଚଳିତ ରହିବ।

**ଧନୁ** ସୁନ୍ଦର ସ୍ୱାସ୍ଥ୍ୟ ରହିବ। କରଜ ନିଅନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ନିଜ ଇଚ୍ଛାନୁସାରେ କାର୍ଯ୍ୟ କରନ୍ତୁ ନାହିଁ। ଉପରିସ୍ତ ଅଧିକାରୀଙ୍କ କ୍ରୋଧର ଶିକାର ହେବେ। ଛାତ୍ରମାନଙ୍କ ମନ ଚଞ୍ଚଳ ରହିବ।

**ମକର** ପୁରୁଣା ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଅନେକ ଦିନରୁ ପଡି ରହିଥିବା କାର୍ଯ୍ୟ ପୂର୍ଣ୍ଣ ହେବ। ପ୍ରେମ ବିବାହ ହେବ। ବ୍ୟବସାୟରେ ଉନ୍ନତି ହେବ। ସପ୍ତାହର ମଧ୍ୟଭାଗରେ ଶାରୀରିକ ଓ ସାମାଜିକ କଷ୍ଟ ହୋଇପାରେ।

**କୁମ୍ଭ** ଗଳାରେ ସମସ୍ୟା ହୋଇପାରେ। ଜମି, ବାହନ କ୍ରୟ କରି ପାରନ୍ତି। ଛାତ୍ରମାନେ ଉଚ୍ଚଶିକ୍ଷା କ୍ଷେତ୍ରରେ ବଡ କଲେଜରେ ପ୍ରବେଶ କରିପାରନ୍ତି। କରଜମୁକ୍ତ ମିଳିବ। ପ୍ରେମ ସମ୍ପର୍କରେ ଶୁଭଯୋଗ ଅଛି। ଦମ୍ପତିମାନେ ଉତ୍ତମ ସମ୍ପର୍କ କଟେଇବେ।

**ମୀନ** ପୂର୍ବରୁ ଥିବା ଦାନ୍ତପେଟ ସମସ୍ୟା ଦୂର ହେବ। ନୂଆ ବ୍ୟବସାୟ ଓ ଚାକିରୀରେ ପରିବର୍ତ୍ତନ ହେବ। ପୁରୁଣା ପଇସା ଫେରସ୍ତ ପାଇବେ। ଧାର୍ମିକ କାର୍ଯ୍ୟରେ ମନଦେବେ। ଛାତ୍ରମାନେ ମନରେ ଥିବା କଲେଜରେ ଆଡମିଶନ ପାଇପାରନ୍ତି।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ଦ୍ୱିତୀୟ ଲହର ନେଇଛି ଅଧିକ ୪୦% ଲୋକଙ୍କ ଜୀବନ

**ନୂଆଦିଲ୍ଲୀ :** ମହାମାରୀ କରୋନାରର ପ୍ରଥମ ଲହର ତୁଳନାରେ ଦ୍ୱିତୀୟ ଲହର ଅଧିକ ଲୋକଙ୍କ ଜୀବନ ନେଇଛି। କରୋନାରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ଲୋକଙ୍କ ତଥ୍ୟକୁ ବିଶ୍ଲେଷଣ କରିବା ପରେ ଏପରି ତଥ୍ୟ ସାମ୍ନାକୁ ଆସିଛି। ଏକାଧିକ ଘରୋଇ ହସ୍ପିଟାଲକୁ ପରିଚାଳନା କରୁଥିବା ମାକ୍ସ ହେଲ୍‌ଥ କେୟାର ଗ୍ରୁପ ପକ୍ଷରୁ ଏହି ସର୍ଭେ କରାଯାଇଥିଲା। ସର୍ଭେ ଅନୁଯାୟୀ, ପ୍ରଥମ ଲହର ତୁଳନାରେ ଦ୍ୱିତୀୟ ଲହର ବେଳେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଲୋକଙ୍କ ମୃତ୍ୟୁସଂଖ୍ୟା ୪୦% ଅଧିକ ରହିଛି। କରୋନାର ଦ୍ୱିତୀୟ ଲହର ସମୟରେ ଅର୍ଥାତ ଜାନୁଆରୀରୁ ଜୁନ୍ ମଧ୍ୟ ଭାଗ ଯାଏ ମୋଟ ୫,୪୫୪ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏମାନଙ୍କ ମୃତ୍ୟୁସଂଖ୍ୟା ୧୦.୫% ରହିଛି। ପ୍ରଥମ ୱେଭ ଅର୍ଥାତ ୨୦୨୦ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ୧୪,୩୯୮ ଜଣ ରୋଗୀଙ୍କ ମଧ୍ୟରେ ମୃତ୍ୟୁହାର ୭.୨% ରହିଥିଲା। ଏହାର ଅର୍ଥ ପ୍ରଥମ ତୁଳନାରେ ଦ୍ୱିତୀୟ ଲହର ବେଳେ ମୃତ୍ୟୁହାର ଅଧିକ ୪୦% ରହିଛି। ମାକ୍ସ ହେଲଥ କେୟାର ପକ୍ଷରୁ ଉତ୍ତର ଭାରତରେ ପରିଚାଳିତ ୧୦ଟି ହସ୍ପିଟାଲର ତଥ୍ୟକୁ ଆଧାରରେ ଏହି ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ଏହା ମଧ୍ୟରୁ ୬ଟି ହସ୍ପିଟାଲ ଦିଲ୍ଲୀରେ ରହିଛି।



ସର୍ଭେର ନେତୃତ୍ୱ ନେଉଥିବା ଡା ସନ୍ଦୀପ ବୁଦ୍ଧିରାଜ କହିଛନ୍ତି, ଦ୍ୱିତୀୟ ୱେଭ ବେଳେ ଯୁବ କରୋନା ଆକ୍ରାନ୍ତଙ୍କ ମୃତ୍ୟୁସଂଖ୍ୟା ହଠାତ ବଢ଼ି ଯାଇଛି। ଅଧିକାଂଶ ପ୍ରାଣ ହରାଇଥିବା ଆକ୍ରାନ୍ତଙ୍କ ବୟସ ୪୫ ବର୍ଷରୁ କମ। ପ୍ରଥମ ୱେଭ ବେଳେ ୪୫ ବର୍ଷରୁ କମ ବୟସ୍କ ମୃତ୍ୟୁହାର ୧.୩% ଥିବା ବେଳେ ଦ୍ୱିତୀୟ ୱେଭରେ ଏହା ୩ ଗୁଣା ବୃଦ୍ଧି ପାଇ ୪.୧% ରହିଛି। କେବଳ ଯୁବ ବର୍ଗର ନୁହନ୍ତି, ଦ୍ୱିତୀୟ ୱେଭ ବେଳେ ଅନ୍ୟ ବୟସ ବର୍ଗର ଲୋକଙ୍କ ମୃତ୍ୟୁହାର ମଧ୍ୟ ବୃଦ୍ଧି ପାଇଛି। ୪୫ରୁ ୫୯ ବର୍ଷ ବର୍ଗରେ ଥିବା ଲୋକଙ୍କ ମୃତ୍ୟୁହାର ପ୍ରଥମ ୱେଭ ବେଳେ ୫% ଥିବାବେଳେ ଦ୍ୱିତୀୟ ୱେଭ ବେଳେ ୭.୬% ହୋଇଯାଇଛି। ୬୦ରୁ ୭୪ ବର୍ଷ ବର୍ଗରେ ଥିବା ଲୋକଙ୍କ ମୃତ୍ୟୁହାର ୧୨%ରୁ ୧୩.୮% ଓ ୭୫ ବର୍ଷରୁ ଅଧିକ ବୟସ୍କଙ୍କ କ୍ଷେତ୍ରରେ ଏହା ୧୮.୯%ରୁ ବୃଦ୍ଧି ପାଇ ୨୬.୯%ରେ ପହଞ୍ଚି ଯାଇଛି। ଅକ୍ସିଜେନର ଆବଶ୍ୟକତା ମଧ୍ୟ ପ୍ରଥମେ ୱେଭ ତୁଳନାରେ ଦ୍ୱିତୀୟ ୱେଭରେ ଅଧିକ ରହିଥିଲା। ମହାମାରୀର ପ୍ରଥମ ଲହର ବେଳେ ହସ୍ପିଟାଲରେ ଭର୍ତ୍ତି ହେଉଥିବା ୬୩% ଲୋକଙ୍କୁ ଅକ୍ସଜେନ ଦରକାର ପଡୁଥିଲା। ଦ୍ୱିତୀୟ ୱେଭ ବେଳେ ୭୪% ଅର୍ଥାତ ପ୍ରତି ୪ ଜଣରୁ ୩ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବା ମାତ୍ରେ ଅକ୍ସିଜେନ ଦରକାର ହେଉଥିଲା। କରୋନାର ଡେଲ୍ଟା ଭାରିଏ ସହ ବାକ୍ଟେରିଆ ଓ ଫୁଙ୍ଗି ସଂକ୍ରମଣ ଯୋଗୁ ଅଧିକାଂଶ ଲୋକ ଦ୍ୱିତୀୟ ୱେଭରେ ଜୀବନ ହରାଇଥିବା ସେ କହିଛନ୍ତି।

**ଚୀନ ସୀମାରେ ୫୦ ହଜାର ଅଧିକ ଯବାନ ମୁତୟନ କଲା ଭାରତ**

## ମାତ୍ର ୧୫୦ ମିଟର ବ୍ୟବଧାନରେ ଭାରତ-ଚୀନ୍ ପୋଷ୍ଟ

**ନୂଆଦିଲ୍ଲୀ :** ଗତବର୍ଷ ଭାରତ ଏବଂ ଚୀନ୍ ସେନା ମଧ୍ୟରେ ଗଲୱାନ୍‌ରେ ହୋଇଥିବା ରକ୍ତାକ୍ତ ସଂଘର୍ଷରେ ଭାରତର ୨୦ ଯବାନ ସହିଦ ହୋଇଥିଲେ। ଏହାପରେ ଭାରତ ଚୀନ ସହ ମୁକାବିଲା ରଣନୀତି ବଦଳାଇ ଦେଇଛି। କେବଳ ଚୀନ ସେନାର ଅନୁପ୍ରବେଶକୁ ରୋକିବା ନୁହେଁ, ଚୀନର ମୁହଁତୋଡ଼ ଜବାବ ଦେବା ସହିତ ଆବଶ୍ୟକ ପଡ଼ିଲେ କିଛି ଅଞ୍ଚଳ ଅକ୍ତିଆର କରିବା ଯୋଜନା ମଧ୍ୟ ଭାରତୀୟ ସେନା ରଖିଛି। ଏଥିପାଇଁ ଭାରତ ଚୀନ ସୀମାରେ ୫୦ ହଜାର ଅଧିକ ଯବାନ ମୁତୟନ କରିଛି। ସେହିଭଳି ବିଭିନ୍ନ ଲୁଆ ବିମାନକୁ ମଧ୍ୟ ଭାରତ ସଜାଗ ରଖିଛି। ଚୀନ ସୀମାରେ ଭାରତ ବର୍ତ୍ତମାନ ପ୍ରାୟ ୨ ଲକ୍ଷ ଯବାନ ମୁତୟନ କରିଛି। ଗତବର୍ଷ ତୁଳନାରେ ଏଥିରେ ୪୦ ପ୍ରତିଶତ ବୃଦ୍ଧି କରାଯାଇଛି। ଅନ୍ୟାନ୍ୟ ସ୍ଥାନରୁ ଯବାନମାନଙ୍କୁ ହଟାଇ ଚୀନ ସୀମାକୁ ପଠାଇଛି ବୋଲି ବ୍ଲୁମବର୍ଗ ପକ୍ଷରୁ କୁହାଯାଇଛି। ଅଧିକ ସେନ୍ୟ ମୁତୟନ କରିବା ଫଳରେ ଭାରତକୁ ଆକ୍ରମଣ କରିବାର ଅଧିକ ବିକଳ୍ପ ସୁଯୋଗ ମିଳିବ। ଏହାଦ୍ୱାରା ହିମାଳୟର ପାର୍ବତ୍ୟା ଳରେ ଲିବାର କେଶଳ ସହିତ ଅଧିକ ଭାରତୀୟ ଯବାନ ପରିଚିତ ହୋଇପାରିବେ। କେବଳ ସେତିକି ନୁହେଁ ନିକଟରେ ଭାରତୀୟ ବାୟୁସେନାରେ ସାମିଲ ହୋଇଥିବା ଫ୍ରାନ୍ସର ଲୁଆ ବିମାନ ରାଫେଲ ସହିତ ଅନ୍ୟ ବିମାନକୁ ଭାରତ ଓ ଚୀନ ସୀମାର ୩ଟି ପ୍ରମୁଖ ଅଞ୍ଚଳରେ ରଖାଯାଇଛି। ପୂର୍ବ ଲଦାଖ୍‌ରେ ସମ୍ବେଦନଶୀଳ ଅଂଚଳ ଦକ୍ଷିଣ ପାଙ୍ଗୋଙ୍ଗ୍ ଶିଖରରୁ ଫେବ୍ରୁଆରି ୧୦ରେ ଭାରତ ଓ ଚୀନ୍ ସେନା ପଛକୁ ହଟିଥିଲେ। ଫେବ୍ରୁଆରି ୧୧ରେ ଉପଗ୍ରହ ଛବିରୁ ଜଣାପଡ଼ିଛି ଯେ ଏହି ଅଂଚଳରେ ଭାରତ ଓ ଚୀନ୍ ସେନାର ପୋଷ୍ଟ ମାତ୍ର ୧୫୦ ମିଟର ବ୍ୟବଧାନରେ ରହିଥିଲା। ତୀବ୍ର ଉତ୍ତେଜନାପୂର୍ଣ୍ଣ ସ୍ଥିତି ଯୋଗୁଁ ଏହି ଅଂଚଳରେ ଉଭୟ ସେନା ଖୁବ୍ ନିକଟତର ହୋଇଥିଲେ।




# ୩୦ଟି ଭାଇରସ ଆଣିପାରନ୍ତି ମହାମାରୀ !

**ନୂଆଦିଲ୍ଲୀ :** ଚିହ୍ନଟ ହୋଇଥିବା ୮୮୭ଟି ଭୟଙ୍କର ଭାଇରସ ମଧ୍ୟରୁ ୩୦ଟି ଭାଇରସ ମହାମାରୀ ଆଣିପାରନ୍ତି। ମହାମାରୀ କରୋନାର ଭୟ ଥମି ନଥିବା ବେଳେ ସାମ୍ନାକୁ ଆସିଛି ଏକ ଭୟଙ୍କର ତଥ୍ୟ। ୮୮୭ଟି ନୂଆ ଭୟଙ୍କର ଭାଇରସ ଚିହ୍ନଟ କରିଛନ୍ତି ବୈଜ୍ଞାନିକ। ଆଉ ସବୁଠାରୁ ଚିନ୍ତାଜନକ କଥା ହେଉଛି, ଏହି ଭାଇରସଗୁଡିକ ମଧ୍ୟରୁ ୩୦ଟି ଏମିତି ଭାଇରସ ରହିଛି, ଯାହା ଭବିଷ୍ୟତରେ କରୋନା ଭଳି ମହାମାରୀ ସ୍ଥିତି ଆଣିପାରନ୍ତି। ୟୁନିଭରସିଟି ଅଫ୍ କାଲିଫର୍ଣ୍ଣିୟାର ସଂକ୍ରାମକ ରୋଗ ବିଶେଷଜ୍ଞ ଜୋନା ମ୍ୟାଜେଟ୍ ଦଶ ବର୍ଷରୁ ଅଧିକ ସମୟ ଧରି ଏହି ଅଧ୍ୟୟନ କରିଛନ୍ତି। ଏହା ପରେ ସବୁଠାରୁ ଅଧିକ ସଂକ୍ରାମକ, ବିପଦଜନକ ୩୦ଟି ମାରାତ୍ମକ ଭୂତାଣୁର ତାଲିକା ପ୍ରସ୍ତୁତ କରିଛନ୍ତି। କେଉଁ ଭାଇରସ କେଉଁ ସ୍ତରର ବିନାଶ ରଚିପାରେ, ସେନେଇ ଏହି ଅଧ୍ୟୟନରେ ଆକଳନ କରାଯାଇଛି। ସଂକ୍ରମଣ କ୍ଷମତା ଆଧାରରେ ଏହି ଭାଇରସଗୁଡିକୁ ୩ଟି ବିଭାଗରେ ବିଭକ୍ତ କରାଯାଇଛି। ପ୍ରଥମ- ରାଷ୍ଟ୍ରୀୟ, ଦ୍ୱିତୀୟ - ସେମିଗ୍ଲୋବାଲ, ତୃତୀୟ - ଗ୍ଲୋବାଲ। ଏଥିରେ କରୋନା ଭାଇରସର ଷ୍ଟ୍ରେନ୍ ମଧ୍ୟ ସାମିଲ ରହିଛି।



ଏବେ ଆସନ୍ତୁ ଜାଣିବା ଏହି ଭାଇରସଗୁଡିକର ନାମ। ଲାସା ଭାଇରସ କିମ୍ବା ଆରେନା ଭାଇରସ, ଇବୋଲା ଭାଇରସ କିମ୍ବା ଫିଲୋଭାଇରସ, ମାରବର୍ଗ ଭାଇରସ, ସାର୍ସ ଭାଇରସ, କରୋନା ଭାଇରସ ୨୨୯ଇ, ସାର୍ସ ସହ ସମ୍ବନ୍ଧିତ ବିଟା କରୋନା ଭାଇରସ ଜକ୍ସୁ୩, ୟୁରୋପିଆନ୍ ବ୍ୟାଟ୍ ଲ୍ୟାସା ଭାଇରସ, ଏଣ୍ଡିଜ୍ ଭାଇରସ୍। ସେହିପରି ମଣିଷଙ୍କୁ ସଂକ୍ରମିତ କଲା ଭଳି ଅନ୍ୟ ଭାଇସରଗୁଡିକ ହେଉଛି, ପୁମାଲା ଭାଇରସ, ସେରେଫୋନ୍ ବ୍ୟାଟ୍ କରୋନା ଭାଇରସ, ୟୁରୋପିଆନ୍ ବ୍ୟାଟ୍ ଲ୍ୟାସା ଭାଇରସ, ଲାଗୁନା ନେଗ୍ରା ଭାଇରସ, ଇଡୋଲୋନ୍ ବ୍ୟାଟ୍ କରୋନାଭାଇରସ ଏବଂ କାଓପକ୍ସ ଭାଇରସ। ଏବେ ନଜର ପକାନ୍ତୁ ସେମିଗ୍ଲୋବାଲ୍ ସ୍ତରରେ ସଂକ୍ରମଣ ବଢାଇବା ଆଶଙ୍କା ଥିବା ଭାଇରସ ଉପରେ। ଏହି ଭାଇରସଗୁଡିକ ହେଉଛି, ସାର୍ସ-ସିଓଭି-୨, ନିପାହ୍ ଭାଇରସ, ସିମିଆନ୍ ଇମ୍ୟୁନୋ ଡେଫିସିଏନ୍ସି ଭାଇରସ, କରୋନା ଭାଇରସ ପ୍ରେଡିକ୍ଟ ସିଓଭି-୩୫, ବୋର୍ନା ଡିଜିଜ୍ ଭାଇରସ, ଲଙ୍ଗକ୍ୱାନ୍ ଆଣ୍ଟମାଉସ୍ କରୋନା ଭାଇରସ, ମଙ୍କିପକ୍ସ ଭାଇରସ ଏବଂ କରୋନା ଭାଇରସ ପ୍ରେଡିକ୍ଟ ସିଓଭି-୨୪। ଏବେ ଆସନ୍ତୁ ଦେଖିବା ଗ୍ଲୋବାଲ୍ ସ୍ତରରେ ସଂକ୍ରମଣ ବଢାଇବା ଆଶଙ୍କା ଥିବା ଭାଇରସ ଉପରେ। ଏହି ଭାଇରସଗୁଡିକ ହେଉଛି, ସିୟୋଲ ଭାଇରସ, ହେପାଟାଇଟିସ ଇ ଭାଇରସ, ରାବିସ୍ ଭାଇରସ, ଲିମ୍ଫୋସାଇଟିକ୍ କୋରିୟୋମେନିନଜାଇଟିସ୍ ଭାଇରସ, ସିମିଆନ୍ ଫୋମି ଭାଇରସ ଏବଂ ମ୍ୟୁରିନ୍ ଭାଇରସ୍। ଏହି ଭୟଙ୍କର ଭାଇରସଗୁଡିକ ପଶୁମାନଙ୍କଠାରୁ ମଣିଷଙ୍କୁ ସଂକ୍ରମଣ କରିବାର ସମ୍ଭାବନା ରହିଛି। ୟୁନିଭରସିଟି ଅଫ୍ କାଲିଫର୍ଣ୍ଣିୟାର ସଂକ୍ରାମକ ରୋଗ ବିଶେଷଜ୍ଞ କରିଥିବା ଅଧ୍ୟୟନରେ ୮୮୭ଟି ଭାଇରସ ତାଲିକା ପ୍ରସ୍ତୁତ କରାଯାଇଛି। ଯେଉଁଥିରେ ୩୮ଟି ଏମିତି ଭାଇରସ ରହିଛି, ଯାହା ମଣିଷଙ୍କୁ ସଂକ୍ରମିତ କରିପାରେ। କେବଳ ସେତିକି ନୁହେଁ, ମହାମାରୀ ଭଳି ସ୍ଥିତି ମଧ୍ୟ ସୃଷ୍ଟି ହୋଇପାରେ।

# କରୋନା ପ୍ରଭାବିତ ବିଭିନ୍ନ କ୍ଷେତ୍ର ପାଇଁ ୧.୧ଲକ୍ଷ କୋଟିର ଯୋଜନା ଘୋଷଣା

**ନୂଆଦିଲ୍ଲୀ :** ମହାମାରୀ କରୋନା ଦ୍ୱାରା କ୍ଷତିଗ୍ରସ୍ତ ସେକ୍ଟରଗୁଡ଼ିକ ପାଇଁ କେନ୍ଦ୍ର ସରକାର ଜରୁରୀ ଋଣ ସହାୟତାର ଘୋଷଣା କରିଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏହି ଋଣ ସହାୟତା ସମ୍ପର୍କରେ ସୂଚନା ଦେଇଛନ୍ତି। କରୋନା କ୍ଷତିଗ୍ରସ୍ତ ପାଇଁ କେନ୍ଦ୍ର ସରକାର ୧.୧ ଲକ୍ଷ କୋଟି ଟଙ୍କାର ଋଣ ଘୋଷଣା କରିଛନ୍ତି। ଋଣ ପାଇଁ ପୂର୍ବରୁ ଗ୍ୟାରେଣ୍ଟି ଦରକାର ପଡୁଥିବା ବେଳେ ଏହି ୧.୧ ଲକ୍ଷ କୋଟି ଟଙ୍କାର ଋଣ ପାଇଁ ସରକାର ନିଜେ ଗ୍ୟାରେଣ୍ଟର ରହିବେ। ସେହିପରି ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସଜାଡ଼ିବା ପାଇଁ କେନ୍ଦ୍ର ସରକାର ଅତିରିକ୍ତ ୫୦ ହଜାର କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ଅର୍ଥମନ୍ତ୍ରୀ ସୀତାରମଣ କହିଛନ୍ତି, କେନ୍ଦ୍ର ସରକାର ୮ଟି ଆର୍ଥିକ ସହାୟତା ସମ୍ପର୍କରେ ନିଷ୍ପତ୍ତି ନେଇଛନ୍ତି। ଆତ୍ମନିର୍ଭର ଭାରତ ରୋଜଗାର ଯୋଜନାକୁ ୨୦୨୧ ଜୁନ୍ ୩୦ରୁ ୨୦୨୨ ମାର୍ଚ୍ଚ ୩୧ ଯାଏ ବୃଦ୍ଧି କରାଯାଉଛି। ୫ ଲକ୍ଷ ପର୍ଯ୍ୟଟକଙ୍କ ପାଇଁ ମାଗଣା ଭିସା ଯୋଜନା ଲାଗୁ କରାଯିବ। ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହେବା ପରେ ଭାରତକୁ ପ୍ରଥମେ ଆସିବାକୁ ଥିବା ୫ ଲକ୍ଷ ଲୋକଙ୍କ ପାଇଁ



କୌଣସି ପ୍ରକାରର ଟୁରିଷ୍ଟ ଭିସା ବାବଦ ଫି' ଲାଗୁ ହେବନି। ୨୦୨୨ ମାର୍ଚ୍ଚ ୩୧ ଯାଏ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହା ମଧ୍ୟରେ ଯଦି ୫ ଲକ୍ଷ ପର୍ଯ୍ୟଟକ ଆସିଯିବେ, ତା'ହେଲେ ଏହି ସଂଖ୍ୟା ପରେ ମାଗଣା ଭିସା ବ୍ୟବସ୍ଥାକୁ ବନ୍ଦ କରିଦିଆଯିବ। ଜଣେ ପର୍ଯ୍ୟଟକଙ୍କୁ ଗୋଟିଏ ଥର ଏହି ସୁବିଧା ମିଳିବ। କିଛି କଟକଣା ମଧ୍ୟରେ ୧୧ ହଜାରରୁ ଅଧିକ ଟୁରିଷ୍ଟ ଗାଇଡ, ଟ୍ରାଭେଲ, ଟୁରିଜିମ ଷ୍ଟେକ ହୋଲ୍ଡରମାନଙ୍କୁ ଆର୍ଥିକ ସହାୟତା କରାଯିବ। ସେମାନଙ୍କୁ ୧୦୦% ଗ୍ୟାରେଣ୍ଟି ଯୋଗାଇ ଦିଆଯିବ। ୧୦,୭୦୦ ପଞ୍ଜିକୃତ ଟୁରିଷ୍ଟ ଗାଇଡଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଋଣ ମିଳିବ। ବିଭିନ୍ନ କ୍ଷେତ୍ର ପାଇଁ ୬୦ ହଜାର କୋଟି ଟଙ୍କାର ଋଣ ବ୍ୟବସ୍ଥା କରିଛନ୍ତି। ଏହି ଅର୍ଥ ଉପରେ ବାର୍ଷିକ ୮.୨୫% ସୁଧ ଲାଗିବ। ମାଇକ୍ରୋ ଫାଇନାନ୍ସ ଇନଷ୍ଟିଚ୍ୟୁଟ ଅଧୀନରେ ୨୫ ଲକ୍ଷ ଲୋକଙ୍କୁ ଋଣ ଦିଆଯିବୟ ଛୋଟ ବ୍ୟବସାୟୀଙ୍କୁ ସର୍ବାଧିକ ୧.୨୫ ଲକ୍ଷ ଯାଏ ଋଣ ଦିଆଯିବ। ଜରୁରୀ କାଳୀନ ଋଣ ପରିମାଣକୁ ୩ ଲକ୍ଷରୁ ବୃଦ୍ଧି କରି ୪.୫ ଲକ୍ଷ କରାଯାଇଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାକୁ ବୃଦ୍ଧି କରାଯାଇଛି। ଏ ବାବଦରେ ୨,୨୭,୮୪୧ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଏହି ଯୋଜନରେ ମହାମାରୀ ଦ୍ୱାରା ପ୍ରଭାବିତ ଲୋକଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି। ଏନବିଏସ୍ ବା ଚାଷୀଙ୍କ ସବସିଡିକୁ ଚଳିତ ଆର୍ଥିକ ବର୍ଷରେ ୪୨,୨୭୫ କୋଟି କରାଯାଇଛି। ଏଥିପାଇଁ ଅତିରିକ୍ତ ୧୪,୭୫୫ କୋଟିର ବ୍ୟବସ୍ଥା ହୋଇଥିବା ନିର୍ମଳା ସୀତାରମଣ କହିଛନ୍ତି।

## ଆଲଫା, ବିଟା ଭାରିଆଣ୍ଟ ବିରୋଧରେ ପ୍ରଭାବୀ କୋଭାକ୍ସିନ




**ନୂଆଦିଲ୍ଲୀ :** ମେଡ୍ ଇନ୍ ଇଣ୍ଡିଆ କୋଭାକ୍ସିନ ଟିକାର ଦମ୍ ଅଛି। ଏହି ଟିକାକୁ ନେଇ ଭାରତରେ ଯଦିଓ ବିରୋଧୀ ଅନେକ ଥର ପ୍ରଶ୍ନ ଉଠାଇଛନ୍ତି ହେଲେ ଆମେରିକାର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲଥ (ଏନଆଇଏଚ) କୋଭାକ୍ସିନ ଟିକାର ପରୀକ୍ଷା କରି ରିପୋର୍ଟ ଦେଇଛି। ଟିକା ନେବା ପରେ ଶରୀରରେ ଆଣ୍ଟିବଡି ତିଆରି ହେଉଛି। ଏହି ଟିକା ବ୍ରିଟେନରେ ଦେଖାଦେଇଥିବା ଆଲଫା ଏବଂ ଭାରତରେ ଦେଖାଦେଇଥିବା ଡେଲଟା ଭାରିଆ ବିରୋଧରେ ପ୍ରଭାବୀ ବୋଲି ଏନଆଇଏଚ ସ୍ପଷ୍ଟ କରିଛି। ଏନଆଇଏଚ କହିଛି କୋଭାକ୍ସିନ ଟିକା ନେଇଥିବା ବ୍ୟକ୍ତିଙ୍କ ରକ୍ତକୁ ନେଇ ଏହି ପରୀକ୍ଷା କରାଯାଇଥିଲା। ଏହି ଟିକାରୁ ଯେଉଁ ଆଣ୍ଟିବଡି ତିଆରି ହେଉଛି ସେଥିରେ ବ୍ରିଟେନ ଏବଂ ଭାରତରେ ଦେଖାଦେଇଥିବା ଆଲଫା ଓ ଡେଲଟା ଭାରିଆ ବିରୋଧରେ କଡ଼ା ମୁକାବିଲା କରୁଛି। ମୋଟ୍ ୬୧୭ ପ୍ରକାର ଭାରିଆ ବିରୋଧରେ କୋଭାକ୍ସିନ କାମ କରୁଛି ବୋଲି ଏନଆଇଏଚ କହିଛି। ଏହାପୂର୍ବରୁ ଆମେରିକାର ସଂକ୍ରମଣ ରୋଗ ବିଶେଷଜ୍ଞ ଡାକ୍ତର ଆଣ୍ଟୋନୀ ଫାଉସି ମଧ୍ୟ କୋଭାକ୍ସିନକୁ ପ୍ରଶଂସା କରି ସାରିଛନ୍ତି। ଫାଉନ୍ସି କହିଥିଲେ ଯେ ଭାରତରେ ନିର୍ମିତ କୋଭାକ୍ସିନ୍ କରୋନାର ୬୧୭ ଭାରିଆଣ୍ଟ ବିରୋଧରେ ପ୍ରଭାବୀ। କୋଭାକ୍ସିନ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷାରୁ ମିଳିଥିବା ତଥ୍ୟ ଅନୁଯାୟୀ ଏହି ଟିକା ସମ୍ପୂର୍ଣ୍ଣ ସୁରକ୍ଷିତ। ତୃତୀୟ ପର୍ଯ୍ୟାୟ ପରୀକ୍ଷଣର ଫଳାଫଳ ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। ତେବେ ମଧ୍ୟବର୍ତ୍ତୀ ଫଳାଫଳ ଅନୁଯାୟୀ, ଏହି ଟିକା ୭୮ ପ୍ରତିଶତ ପର୍ଯ୍ୟନ୍ତ ପ୍ରଭାବଶାଳୀ। ମାର୍ଚ୍ଚ ମାସରେ ଭାରତ ବାୟୋଟେକ ଫେଜ-୩ ଟ୍ରାଏଲର ଅନ୍ତରୀଣ ରିପୋର୍ଟ ଜାରି କରିଥିଲା। ଏଥିରେ କରୋନାକୁ ମାତ ଦେବାରେ କୋଭାକ୍ସିନ ସଫଳ ବୋଲି କୁହାଯାଇଥିଲା। ସେହିପରି ଟିକା ନେବା ପରେ ଯଦି କେହି ସଂକ୍ରମିତ ହୁଅନ୍ତି, ତା'ହେଲେ ସେ ହସ୍ପିଟାଲରେ ଭର୍ତ୍ତି ହେବାର ଆଶଙ୍କା ବହୁତ କମ। ଫେଜ-୩ ଟ୍ରାଏଲର ଚୂଡ଼ାନ୍ତ ରିପୋର୍ଟ ସାର୍ବଜନୀନ ହୋଇ ନଥିବା ବେଳେ ଗତ ମାସରୁ ଛୋଟ ପିଲାଙ୍କ ଉପରେ ଟିକାର ପରୀକ୍ଷଣ ଆରମ୍ଭ ହୋଇଛି। ୨ରୁ ୧୮ ବର୍ଷ ମଧ୍ୟରେ ପିଲାମାନଙ୍କ ଉପରେ ଟିକାର ଫେଜ-୨/୩ ଟ୍ରାଏଲ ହେବ ବୋଲି କମ୍ପାନୀ କହିଛି।

# ଜୁଲାଇ ସୁଦ୍ଧା ଲାଗୁ କର 'ୱାନ ନେସନ, ୱାନ ରାସନ'

**ନୂଆଦିଲ୍ଲୀ :** ମହାମାରୀ କରୋନା ସମୟରେ ପ୍ରବାସୀ ଶ୍ରମିକଙ୍କ ଯାତନାକୁ ଦେଖି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ପ୍ରବାସୀ ଶ୍ରମିକଙ୍କ କ୍ଷେତ୍ରରେ କେନ୍ଦ୍ରର ଅବହେଳା ଅକ୍ଷମଣୀୟ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିସହ ଜୁଲାଇ ୩୧ ସୁଦ୍ଧା ସବୁ ରାଜ୍ୟର ସରକାରମାନେ ୱାନ ନେସନ, ୱାନ ରାସନ କାର୍ଡ ଯୋଜନା କାର୍ଯ୍ୟକାରୀ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମହାମାରୀ ଶେଷ ହେବା ଯାଏ ରାଜ୍ୟଗୁଡ଼ିକ ପ୍ରବାସୀ ଓ ଶ୍ରମିକମାନଙ୍କୁ ଖାଇବା ଯୋଗାଇ ଦେବା ପାଇଁ କମ୍ୟୁନିଟି କିଚିନର ବ୍ୟବସ୍ଥା କରନ୍ତୁ ବୋଲି ମଧ୍ୟ ସୁପ୍ରିମକୋର୍ଟ କହିଛନ୍ତି। ଜୁଲାଇ ୩୧ ସୁଦ୍ଧା ପ୍ରବାସୀ ଓ ଅଂସଗଠିତ ଶ୍ରମିକଙ୍କ ପଞ୍ଜୀକରଣ ପାଇଁ ନିଜସ୍ୱ ପୋର୍ଟାଲର ବ୍ୟବସ୍ଥା କରିବା ସହ ଜୁଲାଇ ୩୧ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବାକୁ ମଧ୍ୟ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଅଶୋକ ଭୂଷଣ ଓ ଜଷ୍ଟିସ ଏମଆର ଶାହଙ୍କ ଖଣ୍ଡପୀଠ କହିଛନ୍ତି, କେନ୍ଦ୍ର ସରକାର ଯେମିତି ହେଲେ ଅସଂଗଠିତ ଓ ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ପାଇଁ ପୋର୍ଟାଲର ବ୍ୟବସ୍ଥା କରିବେ। ଏହି ପ୍ରକ୍ରିୟା ଅତିବେଶୀରେ ଜୁଲାଇ ୩୧ ମଧ୍ୟରେ ଆରମ୍ଭ କରାଯିବା ଉଚିତ। ଲୋକଙ୍କୁ ଖାଦ୍ୟ ମିଳିବା ସେମାନଙ୍କ ମୌଳିକ ଅଧିକାର। ଏକଥାକୁ ପ୍ରଶାସନିକ ଅଧିକାରୀମାନେ ମନେରଖିବା ଉଚିତ। ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ଇଚ୍ଛାଶକ୍ତି ଏବଂ ଅବହେଳା ମନୋଭାବ ଅକ୍ଷମଣୀୟ। ଅସଂଗଠିତ ଓ ପ୍ରବାସୀ ଶ୍ରମିକଙ୍କ



ପଞ୍ଜୀକରଣ ପାଇଁ ପୋର୍ଟାଲର ବ୍ୟବସ୍ଥା କରିବାରେ କେନ୍ଦ୍ରର ବିଳମ୍ବକୁ କେବେ ହେଲେ ଗ୍ରହଣ କରାଯିବ ନାହିଁ। କେନ୍ଦ୍ର ସରକାରଙ୍କ ଏପରି ବିଳମ୍ବ ମନୋଭାବ ଦର୍ଶାଉଛି ଯେ ସେମାନେ ପ୍ରବାସୀ ଶ୍ରମିକଙ୍କ ପାଇଁ ଆଦୌ ଚିନ୍ତିତ ନୁହନ୍ତି। ଏହାସହ ରାଜ୍ୟମାନଙ୍କୁ ଅତିରିକ୍ତ ଖାଦ୍ୟ ଶସ୍ୟ ଯୋଗାଇ ଦେବାକୁ ଖଣ୍ଡପୀଠ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ୱାନ ନେଶନ ଓ ୱାନ ରାସନ ଯୋଜନା ଦ୍ୱାରା ହିତାଧିକାରୀମାନେ ସେମାନଙ୍କ ଖାଦ୍ୟ ସାମଗ୍ରୀ ଦେଶର ଯେକୌଣସି ପ୍ରାନ୍ତରେ ପାଇପାରିବେ। ସୁପ୍ରିମକୋର୍ଟ ଏହାକୁ ଗୁରୁତର ସହ ନେଇ ଏହାକୁ ଜୁଲାଇ ୩୧ ସୁଦ୍ଧା ଲାଗୁ କରିବାକୁ କହିଛନ୍ତି। ରାଜ୍ୟ ସରକାରଗୁଡ଼ିକ ପ୍ରବାସୀମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନର ବ୍ୟବସ୍ଥା କରିବାକୁ ମଧ୍ୟ କୋର୍ଟ କହିଛନ୍ତି। ଯେଉଁ ରାଜ୍ୟଗୁଡ଼ିକ ଏହି ଯୋଜନାକୁ କାର୍ଯ୍ୟକାରୀ କରିନାହାନ୍ତି। ସେମାନେ ଜୁଲାଇ ୩୧ ସୁଦ୍ଧା ଏହାକୁ ଆରମ୍ଭ କରନ୍ତୁ। ସୁପ୍ରିମକୋର୍ଟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ପ୍ରବାସୀଙ୍କ ପଞ୍ଜୀକରଣ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ କହିଛନ୍ତି। ପ୍ରବାସୀଙ୍କ ସମସ୍ୟା ସମ୍ପର୍କରେ ସୁପ୍ରିମକୋର୍ଟ ମେ' ୨୪ରେ କରିଥିବା ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। କରୋନା ମହାମାରୀ ସମୟରେ ସମଗ୍ର ଦେଶରେ ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ପ୍ରକ୍ରିୟାରେ ବିଳମ୍ବ ହୋଇଥିବାରୁ କୋର୍ଟ ଅସନ୍ତୋଷ ବ୍ୟକ୍ତ କରି ଶ୍ରମ ପଞ୍ଜୀକରଣ ଯୋଜନାର ସ୍ଥିତି ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଜବାବ ତଲବ କରିଥିଲେ। ଗତବର୍ଷ କରୋନା ଲକଡାଉନ୍ ସମୟରେ ସୁପ୍ରିମକୋର୍ଟ ସମସ୍ତ ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଏଣିକି କୋଭିଡ୍ ନେଗେଟିଭଙ୍କ ମୃତଦେହକୁ ନେଇପାରିବେ ପରିବାର

**ଭୁବନେଶ୍ୱର :** କରୋନା ମହାମାରୀ ସଂକ୍ରମିତ ବ୍ୟକ୍ତିଙ୍କ ଶବ ଏଣିକି ସେମାନଙ୍କ ପରିବାର ସଦସ୍ୟଙ୍କୁ ମିଳିପାରିବ। ଯଦି ସମ୍ପୃକ୍ତ ବ୍ୟକ୍ତି ମୃତ୍ୟୁବେଳକୁ କୋଭିଡ୍ ନେଗେଟିଭ୍ ଥିବେ ତେବେ ତାଙ୍କର ଶବକୁ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯିବ। ଏଥିପାଇଁ ଗତକାଲି ରାଜ୍ୟ ସରକାର ସର୍ତ୍ତମୂଳକ ଅନୁମତି ଦେଇଛନ୍ତି। ସଂକ୍ରମଣ ଆଶଙ୍କା ଓ କୋଭିଡ୍ ଗାଇଡଲାଇନକୁ ଦୃଷ୍ଟିରେ ରଖି ଦୀର୍ଘ ଦେଢବର୍ଷ ଧରି କୋଭିଡ୍ ସଂକ୍ରମିତ ମୃତ ରୋଗୀଙ୍କ ଶବକୁ ଛୁଇଁବା ଅବା ଅନ୍ତିମ ସଂସ୍କାର କରିବା ପାଇଁ ପରିବାର ସଦସ୍ୟଙ୍କୁ ଅନୁମତି ମିଳୁନଥିଲା। କୋଭିଡ୍ ସଂକ୍ରମିତ ହୋଇ ଚିକିତ୍ସିତ ହେଉଥିବା ରୋଗୀଙ୍କର ମୃତ୍ୟୁ ହେଲେ ସେମାନଙ୍କ ଅନ୍ତିମ ସଂସ୍କାରକୁ ନେଇ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି ରାଜ୍ୟ ସରକାର। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏନେଇ ସମସ୍ତ ଜିଲ୍ଲାପାଳ,



ମହାନଗର କମିଶନର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସମସ୍ତ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲର ସୁପରିଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ଅବଗତ ରାଇଛନ୍ତି। ଏଥିରେ କୁହାଯାଇଛି, ପ୍ରଚଳିତ ସରକାରୀ ଗାଇଡଲାଇନ୍ ଅନୁସାରେ ଚିକିତ୍ସା ବେଳେ କୋଭିଡ୍-୧୯ ସଂକ୍ରମିତ ରୋଗୀଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାର ସହ ବିଚାରବିମର୍ଶ କରି ତଥା କୋଭିଡ୍ ପ୍ରୋଟୋକଲକୁ ପାଳନ କରି ସ୍ଥାନୀୟ ପ୍ରଶାସନ ଦ୍ୱାରା ସମ୍ମାନଜନକ ଭାବେ ସମ୍ପୃକ୍ତ ମୃତ ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କରାଯାଉଛି। ତେବେ ଯଦି ମୃତ୍ୟୁ ବେଳକୁ କୌଣସି ଚିକିତ୍ସାଧୀନ ରୋଗୀ କୋଭିଡ୍ ନେଗେଟିଭ୍ ରହିଥାନ୍ତି ଓ ସମ୍ପୃକ୍ତ ରୋଗୀଙ୍କ ସମ୍ପର୍କୀୟମାନେ ତାଙ୍କ ମୃତଦେହକୁ ନେବାକୁ ଇଚ୍ଛାବ୍ୟକ୍ତ କରିବେ, ତେବେ କେତେକ ସର୍ତ୍ତ ସହ ସେହି ଶବକୁ ସମ୍ପୂର୍ଣ୍ଣ ସିଲ୍ କରି ହସ୍ତାନ୍ତର କରାଯାଇପାରିବ। ଯାହାଫଳରେ ପରିବାର ପକ୍ଷରୁ ପାରମ୍ପରିକ ରୀତିନୀତିରେ ଅନ୍ତିମ ସଂସ୍କାର କରାଯାଇପାରିବ। ଏହି ପରିପ୍ରେକ୍ଷୀରେ ଜିଲ୍ଲା, ମହାନଗର, ହସ୍ପିଟାଲ କର୍ତ୍ତୃପକ୍ଷ ନିଶ୍ଚିତ ଭାବେ କୋଭିଡ ନେଗେଟିଭ ରୋଗୀଙ୍କ ଶବକୁ ସେମାନଙ୍କର ସମ୍ପର୍କୀୟ ଅବା ପରିବାର ସଦସ୍ୟଙ୍କୁ ନିର୍ଦ୍ଦିଷ୍ଟ ୨ଟି ସ ରଖି ହସ୍ତାନ୍ତର କରିବେ। ପ୍ରଥମତଃ, ଯେଉଁ ପରିବାର ସଦସ୍ୟ ରହିଁବେ ସେହିମାନଙ୍କୁ ହିଁ ଏକ ଅଣ୍ଡରଟେକିଂ ରଖି ଶବ ହସ୍ତାନ୍ତର କରାଯିବ। ସେମାନେ ଯେଭଳି ସିଲ୍ ହୋଇଥିବା ଶବ ବ୍ୟାଗକୁ ଖୋଲିବେ ନାହିଁ ଅବା ଶବକୁ ସ୍ପର୍ଶ ଅବା ଚୁମ୍ବନ କରିବେ ନାହିଁ ଏବଂ କୋଭିଡ୍ ଗାଇଡଲାଇନକୁ ପାଳନ କରିବେ ତାହା ସେମାନେ ଲିଖିତ ଭାବେ ଅଣ୍ଡରଟେକିଂରେ ଉଲ୍ଲେଖ କରିବେ। ସେହିପରି ଦ୍ୱିତୀୟତଃ ଭାରତ ସରକାରଙ୍କ ଗାଇଡଲାଇନ ଅନୁସାରେ ଜିଲ୍ଲା ଅବା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଶବକୁ ନିଶ୍ଚିତ ଭାବେ ସାନିଟାଇଜ୍ ଓ ପ୍ୟାକିଂ କରାଯିବ ବୋଲି ଶ୍ରୀ ମହାପାତ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ କୋଭିଡ୍ ସଂକ୍ରମିତ ହୋଇ ଚିକିତ୍ସିତ ହେଉଥିବା ରୋଗୀଙ୍କ ଶବକୁ ଏବେ ସ୍ଥାନୀୟ ପ୍ରଶାସନ ଦ୍ୱାରା ଅନ୍ତିମ ସଂସ୍କାର କରାଯାଉଛି। ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଉନଥିବାରୁ ସାଧାରଣ ଲୋକେ ନିଜର ସମ୍ପର୍କୀୟଙ୍କ ଶବକୁ ପାରମ୍ପରିକ ରୀତିନୀତିରେ ଶେଷ ସମ୍ମାନ ଜଣାଇବା ସମ୍ଭବପର ହୋଇପାରୁନି। ଏବେ ସୁଦ୍ଧା ରାଜ୍ୟରେ କୋଭିଡ ସଂକ୍ରମିତ ହୋଇ ୪୦୧୮ ଜଣ ପ୍ରାଣ ହରାଇଛନ୍ତି।

# ୧୦୮ ନମ୍ବରରେ ମିଶିଲା ୧୦୨

**ଭୁବନେଶ୍ୱର :** ନବଜାତକ ଓ ଗର୍ଭବତୀ ମହିଳାଙ୍କ ପାଇଁ ଉପଲବ୍ଧ ଥିବା ୧୦୨ ଆମ୍ବୁଲାନ୍ସ ସେବାକୁ ୧୦୮ ନମ୍ବର ସହିତ ମିଶ୍ରଣ କରାଯାଇଛି। ତେଣୁ ଏବେ କେବଳ ୧୦୮ ନମ୍ବରରେ ଲୋକମାନେ ଆମ୍ବୁଲାନ୍ସ ସେବା ପାଇପାରିବେ। ଏହି ମିଶ୍ରଣ ଫଳରେ ହିତାଧିକାରୀଙ୍କୁ ଏକାଧିକ ନମ୍ବରକୁ ଫୋନ୍ କରିବାକୁ ପଡ଼ିବ ନାହିଁ। କମ୍ ସମୟରେ ଜନନୀ ଆମ୍ବୁଲାନ୍ସ ଲୋକଙ୍କ ପାଖରେ ଉପଲବ୍ଧ ହୋଇପାରିବ। ଆସନ୍ତା ୧ମାସ ଭିତରେ ୧୦୨ ନମ୍ବର ବନ୍ଦ ହୋଇଯିବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଦୁର୍ଘଟଣାର ଶିକାର ଓ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇବା ଲାଗି ୨୦୧୩ ମସିହାରେ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା। ରାଜ୍ୟରେ ଏବେ ୧୧୨୪ଟି ୧୦୮ ଆମ୍ବୁଲାନ୍ସ ଚାଲୁଛି। ଏ ପର୍ଯ୍ୟନ୍ତ ୫୧ଲକ୍ଷରୁ ଅଧିକ ରୋଗୀଙ୍କୁ ସ୍ଥାନାନ୍ତର କରାଗଲାଣି। ସେହିପରି ନବଜାତକ ଓ ଗର୍ଭବତୀ ମହିଳାଙ୍କୁ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ଲାଗି ଜନନୀ ଆମ୍ବୁଲାନ୍ସ ଆରମ୍ଭ ହୋଇଥିଲା। ଏଥିପାଇଁ ଲୋକମାନଙ୍କୁ ୧୦୨ ନମ୍ବରକୁ କଲ୍ କରିବାକୁ ପଡୁଥିଲା। ମାତ୍ର ଏବେ ୧୦୮ ନମ୍ବରକୁ କଲ୍ କରି ଉଭୟ ଆମ୍ବୁଲାନ୍ସର ସେବା ମିଳିପାରିବ। ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ପରିଚାଳନା ସଂସ୍ଥାର ପ୍ରକଳ୍ପ ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ କହିଛନ୍ତି, ସରକାରଙ୍କ ଦ୍ୱାରା ଆମ୍ବୁଲାନ୍ସ ସେବା ପାଇଁ ଏକକ ୧୦୮ ନମ୍ବର କାର୍ଯ୍ୟକାରୀ କରାଯିବା ଏକ ଉତ୍ତମ ପଦକ୍ଷେପ। ଏହାଦ୍ୱାରା ଗର୍ଭବତୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ରୋଗୀ ଗୋଟିଏ ନମ୍ବରକୁ କଲ୍ କରି ସରକାରୀ ହସ୍ପିଟାଲକୁ ଯାଇପାରିବେ। ୧୦୨ କଲ ସେଣ୍ଟର ଆବଶ୍ୟକତା ନ ଥିବାରୁ ଏହାକୁ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ଆଶା ଦିଦିମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଛି। ରାଜ୍ୟରେ କାର୍ଯ୍ୟରତ ସମସ୍ତ କ୍ରିୟୁ ମେମ୍ବରଙ୍କୁ ଟିକକରଣ କରାଯାଇଛି। କୋଭିଡ୍ ନିୟମ ପାଳନ କରି ସେମାନ ସେବା ଯୋଗାଇ ଆସୁଛନ୍ତି। ରୋଗୀଙ୍କୁ ହସ୍ପିଟାଲଙ୍କୁ ସ୍ଥାନାନ୍ତର କରାଯିବା ପରେ ଆମ୍ବୁଲାନ୍ସକୁ ସଂପୂର୍ଣ୍ଣ ସାନିଟାଇଜ କରାଯାଉଛି। ଏହାସହ ରୋଗୀଙ୍କୁ ରକ୍ତଦାନ ଭଳି କାର୍ଯ୍ୟ ପାଇଁ ଆମ୍ବୁଲାନ୍ସ କର୍ମଚାରୀ ଆଗରେ ରହିଥିବା ସେ କହିଛନ୍ତି।

# ଅଧା ଓଡ଼ିଶାରେ ବର୍ଷା ଗାଏବ

**ଭୁବନେଶ୍ୱର :** ଓଡ଼ିଶାକୁ ଧୋକା ଦେଇଛି ଦକ୍ଷିଣ ପଶ୍ଚିମ ମେସୁମୀୟ ନିର୍ଦ୍ଧାରିତ ସମୟରେ ଓଡ଼ିଶା ଛୁଇଁଥିଲେ ମଧ୍ୟ ଜୁନ୍ ମାସରେ ସ୍ୱାଭାବିକ ବର୍ଷା ହୋଇନାହିଁ। କେଉଁ ବ୍ଲକରେ ୮୦% ଅଧିକ ନିଅଣ୍ଟିଆ ତ ଆଉ କେଉଁ ବ୍ଲକରେ ୩୯% କମ୍ ବର୍ଷା ହୋଇଛି। ୧୪ଟି ଜିଲ୍ଲାରେ ସ୍ଥିତି ଅଧିକ ଗମ୍ଭୀର ହୋଇପଡ଼ିଛି। ଏମିତିକି ଜୁଲାଇ ୧୦ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ହେବାର ସମ୍ଭାବନା ନଥିବା ପାଣିପାଗ ବିଶେଷଜ୍ଞମାନେ ଆକଳନ କରୁଥିବାରୁ ଆଗକୁ ଚାଷ ଓ ଚାଷୀ ପ୍ରଭାବିତ ହେବାର ଆଶଙ୍କା ବଢ଼ିଛି। ଏମିତିକି କେତେକ ଜିଲ୍ଲାରେ ଗଜା ମରୁଡ଼ି ହେବାର ବି ଆକଳନ କରାଗଲାଣି। ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ପରିମାଣ ଅଧିକ ଥିବାରୁ ଚାଷ ପ୍ରତି ବିପଦ ସୃଷ୍ଟି ହେବ ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଆକଳନ କରିଛନ୍ତି। ସ୍ୱତନ୍ତ୍ର ରିଲିଫ କମିସନ(ଏସ୍ଆରସି)ଙ୍କ କାର୍ଯ୍ୟାଳୟର ତଥ୍ୟ ଅନୁଯାୟୀ ଜୁନ୍ ମାସରେ ରାଜ୍ୟରେ ସ୍ୱାଭାବିକ ଭାବେ ୨୧୦.୭ ମିମି ବର୍ଷା ହେବା କଥା। ତେବେ ଗୁରୁବାର ସୁଦ୍ଧା ମାତ୍ର ୧୮୦.୫ ମିମି ହୋଇଛି। ଯାହାକି ପ୍ରାୟତଃ ୧୫% କମ୍। ୧୧ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ସେଥିମଧ୍ୟରୁ ଗଜପତି, ଗଞ୍ଜାମ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, ଭଦ୍ରକରେ ୩୯%ରୁ ଅଧିକ ନିଅଣ୍ଟିଆ ବର୍ଷା ହୋଇଛି। ନୟାଗଡ଼, ବଲାଙ୍ଗୀର, ଅନୁଗୁଳ, କେନ୍ଦୁଝର ଓ କଳାହାଣ୍ଡିରେ ୧୯ରୁ ୩୯% ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ଯଦି ବ୍ଲକ ଅନୁଯାୟୀ ପରିସଂଖ୍ୟାନକୁ ଦେଖାଯାଏ ତେବେ ୧୫୨ଟି ବ୍ଲକରେ ନିଅଣ୍ଟିଆ ବର୍ଷା ହୋଇଛି। ୩୪ଟି ବ୍ଲକରେ ୫୯%ରୁ ଅଧିକ ତଥା ୮୬.୪ ମିମିରୁ କମ୍ ବର୍ଷା ହୋଇଛି। ଏଥିରେ ଗଞ୍ଜାମ ଜିଲ୍ଲାର ୮ଟି, ରାୟଗଡ଼ାର ୪, ଗଜପତି, କେନ୍ଦୁଝର, ମୟୂରଭଞ୍ଜ ଓ ଭଦ୍ରକର ୩ଟି ଲେଖାଏଁ ବ୍ଲକ ରହିଛି। ୫୭ଟି ବ୍ଲକରେ ନିଅଣ୍ଟିଆ ବର୍ଷାର ପରିମାଣ ୩୯ରୁ ୫୯% ମଧ୍ୟରେ ରହିଛି। ଏହି ସବୁ ଜିଲ୍ଲାରେ ଚାଷ କାର୍ଯ୍ୟ ପାଇଁ ବୁଣାବୁଣି ହୋଇପରି ନାହିଁ। ଯଦିଓ କିଛି ସ୍ଥାନରେ ହୋଇଛି ତେବେ ଗଜା ମରୁଡ଼ିର ସମ୍ଭାବନା ସୃଷ୍ଟି ହୋଇଛି। ବାକି ୬୧ଟି ବ୍ଲକରେ ୧୨୮.୫ରୁ ୧୭୦.୭ ମିମି ପର୍ଯ୍ୟନ୍ତ ବର୍ଷା ହୋଇଛି। ଏଠି ଖାଲୁଆ ଜମିରେ ଧାନ ଫସଲ ବୁଣାବୁଣି ହୋଇପାରିବ। କିନ୍ତୁ ଢିପ ଜମିରେ ଫସଲ ବା ତଳି ବଞ୍ଚିବା ପାଇଁ ଜଳସେଚନର ଆବଶ୍ୟକତା ରହିଥିବା ପ୍ରଫେସର ପଶୁପାଳକ କହିଛନ୍ତି। ଯେହେତୁ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜମି ଢିପ, ସେଠାରେ ନିଅଣ୍ଟିଆ ବର୍ଷା ଅସୁବିଧା ସୃଷ୍ଟି କରିଛି। ଗଞ୍ଜାମ, ବୌଦ୍ଧ, କନ୍ଧମାଳ, ଗଜପତି, ଭଦ୍ରକ, ରାୟଗଡ଼ା ଜିଲ୍ଲାର ସମସ୍ତ ବ୍ଲକ, ଅନୁଗୁଳର ୫, ବଲାଙ୍ଗୀରର ୯, ଢେଙ୍କାନାଳର ୪, କେନ୍ଦୁଝରର ୭, କଳାହାଣ୍ଡିର ୮, ଯାଜପୁରର ୪, ଖୋର୍ଦ୍ଧାର ୫, ପୁରୀର ୪ ଓ ମୟୂରଭଞ୍ଜର ୧୨ଟି ବ୍ଲକରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି। ଉପକୂଳ ଜିଲ୍ଲାଗୁଡ଼ିକରେ ମୁଖ୍ୟତଃ ମଧ୍ୟମ ଓ ଖାଲ ଜମି ଥିବାରୁ ବୁଣାବୁଣି ଓ ଧାନତଳି ପକାଇବାରେ ବିଶେଷ ଅସୁବିଧା ନାହିଁ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

# ରାଜ୍ୟରେ ମାତ୍ର ୨ ପ୍ରତିଶତ ସରକାରୀ ସ୍କୁଲରେ ଅଛି ଇଣ୍ଟରନେଟ୍ ସଂଯୋଗ

**ଭୁବନେଶ୍ୱର:** କରୋନା ମହାମାରୀ ପାଇଁ ଏବେ ରାଜ୍ୟରେ ସ୍କୁଲ ବନ୍ଦ ରହିଛି। ଅନ୍‌ଲାଇନ୍ ଜରିଆରେ ଘରୋଇ ସ୍କୁଲର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ରାଜ୍ୟ ସରକାର ଏବେ ଅନ୍ ଲାଇନ ଜରିଆରେ ପାଠ ପଢ଼ାଉଛନ୍ତି। ଏହି ସମୟରେ କେଉଁଠି ପାହାଡ ଉପରେ ଚଢ଼ି ନେଟୱ୍ୱର୍କ ଖୋଜା ଚାଲିଛି ତ ଆଉ କେଉଁଠି ସମ୍ବଳ ନଥିବାରୁ ଗୋଟିଏ ମୋବାଇଲକୁ ତିନି ଚାରି ଜଣ ଏକାଠି ହୋଇ ଦେଖୁଥିବା ସୂଚନା ରହିଛି। ଏହାରି ଭିତରେ କେନ୍ଦ୍ର ସରକାର ଜାରି କରିଛନ୍ତି ଏକ ରିପୋର୍ଟ୍‌ୟ ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନଫରମେସନ ସିଷ୍ଟମ ଫର୍ ଏଜେକେସନ ପ୍ଲସ (UDISE+)ର ସର୍ଭେ ରିପୋର୍ଟକୁ ଅଳଧାର କରି କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ କହିଛି ଯେ ଓଡ଼ିଶାରେ ମାତ୍ର ୨ ପ୍ରତିଶତ ସରକାରୀ ସ୍କୁଲରେ ଇଣ୍ଟରନେଟ ସଂଯୋଗ ରହିଛି। ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୫୩ ହଜାର ୨୬୦ଟି ସରକାରୀ ସ୍କୁଲ ରହିଛି। ସେଥିମଧ୍ୟରୁ ୮,୬୧୫ଟି ସ୍କୁଲରେ କମ୍ପ୍ୟୁଟର ରହିଛିୟ ୮,୫୦୦ଟି କମ୍ପ୍ୟୁଟର ଯେଉଁଭଳି ବ୍ୟବହାର ହେବା କଥା ହେଉଛି। ଅର୍ଥାତ ମୋଟ୍ ସ୍କୁଲର ୧୬.୧୮ ପ୍ରତିଶତ ସରକାରୀ ସ୍କୁଲରେ କମ୍ପ୍ୟୁଟର ରହିଛି। ସେହିପରି ୧,୪୫୦ (୨.୭୨ ପ୍ରତିଶତ)ଟି ସରକାରୀ ସ୍କୁଲରେ ଇଣ୍ଟରନେଟ ସଂଯୋଗ ରହିଛି। ତେବେ ୨,୨୩୧ ଘରୋଇ ସ୍କୁଲରୁ ୩୫ ପ୍ରତିଶତ ସ୍କୁଲରେ ଇଣ୍ଟରନେଟ୍ ସୁବିଧା ରହିଥିବା ଜଣାପଡ଼ିଛି। ୨୦୧୮-୧୯ ଶିକ୍ଷା ବର୍ଷରେ କିନ୍ତୁ ଏହାର ଚିତ୍ର ଅଲଗା ରହିଥିଲା। ମୋଟ୍ ୮.୭ ପ୍ରତିଶତ ସ୍କୁଲରେ କମ୍ପ୍ୟୁଟର ଏବଂ ୮.୨୬ ସ୍କୁଲରେ ଇଣ୍ଟରନେଟ ସଂଯୋଗ ରହିଥିଲା। ତେବେ ୨୦୧୯-୨୦ ଶିକ୍ଷାବର୍ଷରେ ରାଜ୍ୟ ସରକାର ୮ ହଜାର ପ୍ରାଇମେରୀ ସ୍କୁଲକୁ ବନ୍ଦ କରିଦେଇଥିବା UDISE + ରିପୋର୍ଟରୁ ଜଣାପଡ଼ିଛି। ସେହିପରି ସରକାରୀ ସ୍କୁଲର ଶିକ୍ଷକଙ୍କ ସଂଖ୍ୟା ୨,୩୮,୫୫୦କୁ ହ୍ରାସ ପାଇଛି ଏହି ଶିକ୍ଷାବର୍ଷରେ। ହେଲେ ୨୦୧୮-୧୯ରେ ମୋଟ୍ ୩,୪୦,୪୭୭ ଜଣ ଶିକ୍ଷକ ଥିଲେ। ଉଚ୍ଚ ମାଧ୍ୟମିକ ସ୍ତରରେ ଶିକ୍ଷକ ଓ ବିଦ୍ୟାର୍ଥୀଙ୍କ ଅନୁପାତ ୬୬:୧ ଥିବା ବେଳେ ମାଧ୍ୟମିକ ସ୍ତରରେ ୧୭:୬ ହୋଇଛି। ଯଦି ଆଡମିଶନକୁ ବିଚାର କରାଯାଏ, ତେବେ ୨୦୧୯-୨୦ରେ ପ୍ରାଥମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷାରେ ରାଜ୍ୟରେ ୮୦,୩୩,୮୧୫ ଜଣ ନାମ ଲେଖାଇଥିଲେ। ୨୦୧୮-୧୯ରେ କିନ୍ତୁ ୮୧,୦୨,୩୩୧ ଜଣ ନାମ ଲେଖାଇଥିଲେ। ତେବେ ଏହି ଅବଧି ମଧ୍ୟରେ ଉଭୟ ପୁଅ ଏବଂ ଝିଅଙ୍କ ନାମଲେଖା ହାର ପ୍ରାୟତଃ ସମାନ ରହିଛି। ମୋଟ୍ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଓବିସି ଶ୍ରେଣୀର ୩୬.୨ ପ୍ରତିଶତ ରହିଛି। ପୂର୍ବ ଶିକ୍ଷାବର୍ଷରେ କିନ୍ତୁ ଏହା ୩୬.୮ ପ୍ରତିଶତ ଥିଲା। ସେହିପରି ୨୦୧୮-୧୯ରେ ୧.୫ ପ୍ରତିଶତ ମୁସଲିମ୍ ନାମଲେଖା ଲେଖାଇଥିବା ବେଳେ ୨୦୧୯-୨୦ରେ ୨.୦୨ ପ୍ରତିଶତ ନାମ ଲେଖାଇଛନ୍ତି।

# ଖୋଲିବନି କଲେଜ;ଅନ୍‌ଲାଇନ୍‌ରେ ୟୁଜି, ପିଜି ପରୀକ୍ଷା

**ଭୁବନେଶ୍ୱର :** ଆସନ୍ତା ୨-୩ ମାସ ମଧ୍ୟରେ ରାଜ୍ୟରେ କୋଭିଡ୍-୧୯ ମହାମାରୀର ତୃତୀୟ ଲହର ଆସିବାର ଆଶଙ୍କା ଥିବାରୁ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲି କ୍ଲାସ କିମ୍ବା ପରୀକ୍ଷା କରିବା ସମ୍ଭବପର ନୁହେଁ। ତେଣୁ ଆସନ୍ତା ଜୁଲାଇ ଓ ଅଗଷ୍ଟ ମାସରେ ଉଭୟ ୟୁଜି ଓ ପିଜି ଶ୍ରେଣୀର ଫାଇନାଲ ପରୀକ୍ଷା ଅନ୍‌ଲାଇନରେ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ୩ ରାଉଣ୍ଡ ଧରି ବିଶ୍ୱବିଦ୍ୟାଳୟର କୁଳପତି ଓ କଲେଜ ପ୍ରିନ୍ସିପାଲମାନଙ୍କ ସହ ବିଚାରବିମର୍ଶ ପରେ ବିଭାଗ ପକ୍ଷରୁ ଆଜି ଏନେଇ ଆନୁଷ୍ଠାନିକ ସୂଚନା ଦିଆଯାଇଛି। ତେବେ ଅନ୍ୟ ଶ୍ରେଣୀର କ୍ଲାସ ପ୍ରମୋସନ ଅବା ସେମିଷ୍ଟାର ପରୀକ୍ଷା କେବେ ହେବ ସେ ନିଷ୍ପତ୍ତି ପରେ ନିଆଯିବ ବୋଲି ବିଭାଗ କହିଛି। ଆଜି ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସମେତ ସରକାରୀ ଓ ବେସରକାରୀ ଡିଗ୍ରୀ କଲେଜର



ପ୍ରିନ୍ସିପାଲମାନଙ୍କୁ ଚିଠି ଲେଖି ୨୦୨୦-୨୧ ଶିକ୍ଷା ବର୍ଷରେ ୟୁଜି ଓ ପିଜି ଶ୍ରେଣୀର ଫାଇନାଲ ପରୀକ୍ଷା ଅନ୍‌ଲାଇନ୍ ମାଧ୍ୟମରେ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀ ମିଶ୍ର ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ, କରୋନା ମହାମାରୀ ଯୋଗୁ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ପାଠପଢ଼ା ଗୁରୁତର ଭାବେ ପ୍ରଭାବିତ ହୋଇଛି। ୨୦୨୦-୨୧ ଶିକ୍ଷା ବର୍ଷରେ ୟୁଜି ଓ ପିଜି ଶେଷବର୍ଷର ଛାତ୍ରଛାତ୍ରୀମାନେ ଏପର୍ଯ୍ୟନ୍ତ ପରୀକ୍ଷା ଦେଇନଥିବାରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପରୀକ୍ଷାରେ ପାସ୍ କରିବା ସେମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି।

# ଶିକ୍ଷାନୁଷ୍ଠାନରେ ଗର୍ଭବତୀ ଛାତ୍ରୀଙ୍କ ସଂଖ୍ୟା ଉଦ୍‌ବେଗଜନକ

**ଭୁବନେଶ୍ୱର :** ରାଜ୍ୟରେ ବିଭିନ୍ନ ବିଦ୍ୟାଳୟ ତଥା ହଷ୍ଟେଲରେ ଗର୍ଭବତୀ ଛାତ୍ରୀଙ୍କ ସଂଖ୍ୟା ଉଦ୍‌ବେଗଜନକ ରହିଛି। କେଉଁଠି ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ହୋଇଥିବା ବେଳେ କେଉଁଠି ଛୁଟି ପରେ ହଷ୍ଟେଲ ଫେରିଥିବା ଛାତ୍ରୀ ଗର୍ଭବତୀ ଥିବା ଜଣାପଡ଼ିଛି। ସ୍ଥିତି ଉଦ୍‌ବେଗଜନକ ହେବା ପରେ ଏକ ଆବେଦନର ବିଚାର କରି ଏନ୍‌ଏଚ୍‌ଆରସି(ଜାତୀୟ ମାନବାଧିକାର କମିସନ) ଡିଜିଙ୍କୁ ରିପୋର୍ଟ ତଲବ କରିଥିଲେ। ପ୍ରମୁଖ ତିନିଟି ଘଟଣାକୁ ଛାଡ଼ିଦେଲେ ଅନେକ ମାମଲାରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିବାରୁ ଏହି ସବୁ ଘଟଣାରେ ନିଆଯାଇଥିବା ପଦକ୍ଷେପ ଉପରେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଛି। ଗତ ୨୦୧୯ ମସିହାରେ ମାନବ ଅଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀ ସ୍କୁଲଗୁଡ଼ିକରେ ଛାତ୍ରୀ ଗର୍ଭବତୀ ହେବା ଘଟଣାରେ ସେମାନଙ୍କର ସୁରକ୍ଷା ଓ କ୍ଷତିପୂରଣ ନେଇ ଏନ୍‌ଏଚ୍‌ଆରସିରେ ଆବେଦନ କରିଥିଲେ। ସେହି ଆବେଦନର ଶୁଣାଣି କରି କମିସନ ଗର୍ଭବତୀଙ୍କ ସଂଖ୍ୟା, କାରଣ ଓ କାର୍ଯ୍ୟାନୁଷ୍ଠାନ ବାବଦରେ ପୁଲିସ ଡିଜିଙ୍କୁ ରିପୋର୍ଟ ତଲବ କରିଥିଲେ। ଗତ ବର୍ଷ ଅକ୍ଟୋବର ମାସରେ ଦିଆଯାଇଥିବା ରିପୋର୍ଟରେ ୩ଟି ଘଟଣାରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ଦର୍ଶାଯାଇଥିଲା। ରିପୋର୍ଟ



ମୁତାବକ, ସର୍ବାଧିକ ଘଟଣା ଏସ୍‌ସିଏସ୍‌ଟି ଆବାସିକ ସ୍କୁଲରେ ଘଟିଥିଲା। ୨୦୧୯ ମସିହା ଜାନୁଆରି ୧୭ ତାରିଖରେ ଢେଙ୍କାନାଳ ଜିଲ୍ଲାର ଏକ ଆଶ୍ରମ ସ୍କୁଲରେ ହେଲଥ ଚେକ୍‌ଅପ୍ ବେଳେ ଜଣେ ଛାତ୍ରୀ ୭ ମାସର ଗର୍ଭବତୀ ଥିବା ଜଣା ପଡ଼ିଥିଲା। ଗ୍ରୀଷ୍ମ ଛୁଟିରେ ଘରକୁ ଯାଇଥିବା ବେଳେ ସମ୍ପର୍କୀୟଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିବାରୁ ଏଭଳି ହୋଇଥିବା କର୍ତ୍ତୃପକ୍ଷ ଜାଣିବାକୁ ପାଇଥିଲେ। କର୍ତ୍ତବ୍ୟରେ ଅବହେଳା ପାଇଁ ଜଣେ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ୨୦୧୭ ମସିହା ସେପ୍ଟେମ୍ବର ୩୦ ତାରିଖରେ କୋରାପୁଟ ଜିଲ୍ଲାର ଏକ ଆବାସିକ ବିଦ୍ୟାଳୟରେ ଜଣେ ୯ମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିବା ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ବେଳେ ଜଣା ପଡ଼ିଥିଲା। ଛାତ୍ରୀଜଣକ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନାମରେ ଅଭିଯୋଗ ଆଣିଥିଲେ। ଅଭିଯୋଗ ଆଧାରରେ ଥାନାରେ ମାମଲା ହେବା ସହ ପ୍ରଧାନ ଶିକ୍ଷକ ଗିରଫ ହୋଇଥିଲେ। ତାଙ୍କୁ ନିଲମ୍ବିତ କରାଯାଇଥିଲା। ୨୦୧୯ ଜାନୁଆରିରେ କନ୍ଧମାଳ ଜିଲ୍ଲାର ଏକ ଆବାସିକ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ହଷ୍ଟେଲ ଭିତରେ ଶିଶୁକନ୍ୟା ଜନ୍ମ ଦେଇଥିଲା। ତେବେ ଶିଶୁକନ୍ୟାର ମୃତ୍ୟୁ ହୋଇଥିଲା। ଗ୍ରୀଷ୍ମ ଛୁଟିରେ ଘରକୁ ଯାଇଥିବା ବେଳେ ସମ୍ପର୍କୀୟଙ୍କ ସହ ଶାରୀରିକ ସମ୍ବନ୍ଧ ସ୍ଥାପନ କରିଥିବା ଛାତ୍ରୀ ସ୍ୱୀକାର କରିଥିଲା। ଏଥିରେ କର୍ତ୍ତବ୍ୟରେ ଅବହେଳା ପାଇଁ ଜଣେ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ତେବେ ନବରଙ୍ଗପୁର, ମାଲକାନଗିରି, କେନ୍ଦ୍ରାପଡ଼ା, ଯାଜପୁର ଓ କଳାହାଣ୍ଡି ଜିଲ୍ଲାରେ ଘଟିଥିବା ଅନୁରୂପ ଘଟଣାରେ କେଣସି କାର୍ଯ୍ୟନୁଷ୍ଠାନ ହୋଇନାହିଁ। ଏଣୁ ଏହି ମାମଲାଗୁଡ଼ିକରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି କିମ୍ବା କାହିଁକି ନିଆଯାଇ ନାହିଁ ସେ ବାବଦରେ ରିପୋର୍ଟ ଦାଖଲ କରିବାକୁ କମିସନ ନିର୍ଦ୍ଦେଶ ଦେଇଛନ୍ତି।

# ଘରୋଇ ଏଲପିଜି ସିଲିଣ୍ଡର ମୂଲ୍ୟ ବୃଦ୍ଧି

**ଭୁବନେଶ୍ୱର :** ତୈଳ ମାର୍କେଟିଂ କମ୍ପାନୀଗୁଡିକ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୧୪.୨ କିଲୋଗ୍ରାମ ସିଲିଣ୍ଡର ପିଛା ୨୫.୫ ଟଙ୍କା ବୃଦ୍ଧି କରିଛନ୍ତି। ଯାହା ଆଜିଠାରୁ ଲାଗୁ ହେବ। ମୁମ୍ବାଇ ଏବଂ ଦିଲ୍ଲୀରେ ରନ୍ଧନ ଗ୍ୟାସ ୧୪.୨ କିଲୋଗ୍ରାମ ସିଲିଣ୍ଡର ପିଛା ୮୩୪.୫ ଟଙ୍କାରେ ଯାହା ପୂର୍ବରୁ ୮୦୯ ଟଙ୍କା ୧୪.୨ କିଲୋଗ୍ରାମକୁ ଥିଲା। ପେଟ୍ରୋଲ ଓ ଡିଜେଲ ମୂଲ୍ୟ ଭଳି ଏହା ମଧ୍ୟ ରେକର୍ଡ ସୃଷ୍ଟି କରିଛି। କୋଲକାତାରେ ଘରୋଇ ସିଲିଣ୍ଡର ପାଇଁ ୮୩୫.୫୦ ଟଙ୍କା ଥିବା ବେଳେ ଚେନ୍ନାଇରେ ଏହାର ମୂଲ୍ୟ ୮୫୦.୫୦ ଟଙ୍କା। ତୈଳ ମାର୍କେଟିଂ କମ୍ପାନୀ ଦ୍ୱାରା ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୮୪ ଟଙ୍କା ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ ଯେ, ବାଣିଜ୍ୟିକ ଏଲପିଜି ଗ୍ୟାସର ମୂଲ୍ୟ ସହରରୁ ସହର ଓ ରାଜ୍ୟରୁ ରାଜ୍ୟ ମଧ୍ୟରେ ଭିନ୍ନ ହୋଇଥାଏ। ରାଜ୍ୟ ତୈଳ କମ୍ପାନୀ ଗୁଡିକ ସାଧାରଣତଃ ପ୍ରତ୍ୟେକ ମାସର ପ୍ରଥମ ଦିନରେ ଏଲପିଜି ହାର ପରିବର୍ତ୍ତନ କରିଥାଆନ୍ତି। ତେବେ ମେ ମାସରେ ଏହା ବୃଦ୍ଧି ପାଇନଥିଲା ଏବଂ ଏପ୍ରିଲରେ ୧୪.୨ କିଲୋଗ୍ରାମ ସିଲିଣ୍ଡର ପିଛା ୧୦ ଟଙ୍କା ହ୍ରାସ ମଧ୍ୟ କରାଯାଇଥିଲା।

# ଘରକୁ ଘର ସର୍ଭେକୁ ଆହୁରି ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଭୁବନେଶ୍ୱର :** ରାଜ୍ୟରେ କୋଭିଡ୍ ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମୀକ୍ଷା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୁଖ୍ୟତଃ ଅଧିକ ସଂକ୍ରମଣ ହାର ଥିବା ଜିଲ୍ଲା ଉପରେ ଫୋକସ କରିବା ସହିତ କୋଭିଡ୍ ନିୟମର କଡାକଡି ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟରେ ସଂକ୍ରମଣ ହାର ୫% ଥିଲେ ମଧ୍ୟ ଅଳ୍ପ କେତେକ ଜିଲ୍ଲାରେ ଉଚ୍ଚ ସଂକ୍ରମଣ ହାରକୁ ଦୃଷ୍ଟିରେ ରଖି ସତର୍କତା ଅବଲମ୍ବନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏହାସହିତ ଘରକୁ ଘର ବୁଲି ଚାଲିଥିବା ସର୍ଭେ କାର୍ଯ୍ୟକ୍ରମ ଦ୍ୱାରା କୋଭିଡ୍ ତଥା ଅନ୍ୟାନ୍ୟ ରୋଗୀ ମାନଙ୍କର ଚିହ୍ନଟ ଏବଂ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରାଯାଇପାରୁଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରି ଏହାକୁ ଆହୁରି ଗୁରୁତର ସହ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ। ତୃତୀୟ ଲହରରେ ପ୍ରସ୍ତୁତି ସ୍ୱରୂପ ଶିଶୁ ରୋଗ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ତଥା ଡାକ୍ତରମାନଙ୍କର ଏ ସମ୍ପର୍କିତ ତାଲିମକୁ ପ୍ରାଥମିକତା ଦେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ବିଭିନ୍ନ ଡାକ୍ତରଖାନା ମାନଙ୍କରେ ଅକ୍ସିଜେନ ପ୍ଲାଣ୍ଟ ଯେପରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରିବ, ତାହା ସୁନିଶ୍ଚିତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶୀଘ୍ର ଟିକାକରଣ ଆଗାମୀ କିଛି ମାସ ପାଇଁ ଆମର ମୁଖ୍ୟ ଫୋକସ ହୋଇରହିବ। ବର୍ତ୍ତମାନ ଆମେ ଦୈନିକ ୩ଲକ୍ଷ ଲୋକଙ୍କୁ ଟିକା ଦେଉଛୁ ବୋଲି ପ୍ରକାଶ କରି ଟିକା କେନ୍ଦ୍ର ମାନଙ୍କରେ ବିଭିନ୍ନ ସୁବିଧାର ବିକାଶ ପାଇଁ ଜିଲ୍ଲାପାଳମାନେ ବ୍ୟକ୍ତିଗତ ଭାବେ ଦୃଷ୍ଟି ଦେବା ପାଇଁ ସେ



ପରାମର୍ଶ ଦେଇଥିଲେ। କୋଭିଡ୍ ନିୟମ ସମ୍ପର୍କରେ ଲୋକମାନଙ୍କୁ ବାରମ୍ବାର ସଚେତନ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରିବା, ଭିଡକୁ ନଯିବା ଆଦି କୋଭିଡ୍ ନିୟମକୁ କଡାକଡି ଭାବରେ ପାଳନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ସମୀକ୍ଷାରେ ଯୋଗ ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଥିଲେ ଯେ, ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳର ୧୭ଟି ଜିଲ୍ଲାରେ ଆଂଶିକ ଅନ୍‌ଲକ୍ ପରେ ମଧ୍ୟ କୋଭିଡ୍ କେସେରେ କୌଣସି ବୃଦ୍ଧି ହୋଇନାହିଁ। କିନ୍ତୁ ଉପକୂଳ ଓ ଉତ୍ତର ଓଡ଼ିଶାର ଅବିଭକ୍ତ ପୁରୀ, କଟକ, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲ୍ଲା ମାନଙ୍କରେ ସଂକ୍ରମଣ ହାର ଅଧିକ ଥିବାରୁ ଅଧିକ ସତର୍କ ଦୃଷ୍ଟି ରଖାଯାଇଛି ବୋଲି ସେ ସୂଚନା ଦେଇଥିଲେ। ରାଜ୍ୟର କୋଭିଡ୍ ସ୍ଥିତି ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କହିଥିଲେ ଯେ, ଗଞ୍ଜାମ ଓ ଝାରସୁଗୁଡା ଜିଲ୍ଲାରେ ସଂକ୍ରମଣ ହାର ଏକ ପ୍ରତିଶତରୁ ତଳେ ଥିବା ବେଳେ ଖୋର୍ଦ୍ଧା ଓ ପୁରୀ ଜିଲ୍ଲାରେ ୯-୧୫ ପ୍ରତିଶତ ରହୁଥିବାରୁ ଏହା ଉପରେ ଅଧିକ ଫୋକସ କରାଯାଇଛି। ଲକ୍‌ଡାଉନ୍ କଡାକଡି ସହିତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍, ଟେଷ୍ଟିଂ ଆଦି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଜୁଲାଇ ୧୫ ବେଳକୁ ପରିସ୍ଥିତିରେ ଆହୁରି ଉନ୍ନତି ଆସିବ ବୋଲି ସେ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ସମୀକ୍ଷା ବୈଠକରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୫ - ୧୧ ଜୁଲାଇ, ୨୦୨୧

# କେବେ ସରିବ କୋଭିଡ୍ ଦୁଃଖ

କୋଭିଡ ମୃତ୍ୟୁ ପାଇଁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଦେବା ପାଇଁ ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏହି ଅର୍ଥର ପରିମାଣ କେତେ ହେ, ତାହା ସ୍ଥିର ହୋଇନଥିଲେ ମଧ୍ୟ ଏକ ଜନସ୍ୱାର୍ଥ ମାମଲାର ବିଚାର କରୁଥିବା ଜଷ୍ଟିସ ଅଶୋକ ଭୂଷଣ ଏବଂ ଏମ ଆର ଶାହଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହୋଇଛନ୍ତି। ତେବେ କୋଭିଡରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ପୂର୍ବରୁ କେନ୍ଦ୍ର ସରକାର ଦେଇହେବ ନାହିଁ ବୋଲି ଜଣାଇଥିଲେ। କେନ୍ଦ୍ର ସରକାର କହିଥିଲେ ଯେ, ଏଭଳି କ୍ଷତିପୂରଣ ପ୍ରଦାନ କରାଗଲେ ବିପର୍ଯ୍ୟୟ ପରିଚାଳନା ପାଣ୍ଠି ଖାଲି ହୋଇଯିବ। କିନ୍ତୁ ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଏନ୍‌ଡିଏମ୍‌ଏର ଧାରା ୧୨ରେ ବିପର୍ଯ୍ୟୟ ମୃତ୍ୟୁରେ କ୍ଷତିପୂରଣ ଦେବାର ବ୍ୟବସ୍ଥା ରହିଛି ଏବଂ ଏହାକୁ ପୂରଣ କରିବା ସରକାରଙ୍କ ଦାୟିତ୍ୱ। କରୋନା ପ୍ରଥମ ଲହର ଠାରୁ ଦ୍ୱିତୀୟ ଲହର ଅଧିକ ଘାତକ ସାବ୍ୟସ୍ତ ହୋଇଥିଲା ବେଳେ ଦେଶରେ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କ ପାଇଁ ସରକାର କୌଣସି ସୁବିଧା କରିନାହାନ୍ତି। ସରକାରୀ ଚାକିରିଆ ଓ ଧନୀକ ଗୋଷ୍ଠୀ ସୁବିଧାରେ ରହିଥିଲା ବେଳେ ଗରିବଙ୍କ ପାଇଁ ଯାହାକିଛି ସହାୟତା ଦେଉଛନ୍ତି ସରକାର। ହେଲେ ମଝି ମଝିଆ ପରିବାର, ଯେଉଁମାନେ ସରକାରୀ ଚାକିରୀ କରିନାହାନ୍ତି କିମ୍ବା ସେଭଳି କିଛି ରୋଜଗାରର ବାଟ ନାହିଁ ସେମାନଙ୍କ ପାଇଁ ସରକାରଙ୍କ ଦାୟିତ୍ୱ ଅଛି ତ ! ଆଶଙ୍କା ଭିତରେ ଜୀବନ ଓ ଜୀବିକା ପାଇଁ ସଂଘର୍ଷ କରୁଥିବା ମଧ୍ୟବିତ୍ତଙ୍କ ପାଇଁ ଚିନ୍ତା କରିବାର ଦାୟିତ୍ୱରୁ ସରକାର ଓହରିଯିବା ବଦଳରେ ସାମ୍ବିଧାନିକ କର୍ତ୍ତବ୍ୟ ପାଳନ ପାଇଁ କିଛି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଗରିବଙ୍କୁ ସରକାରୀ ରାସନ ମିଳୁଥିଲା ବେଳେ ମଧ୍ୟବିତ୍ତଙ୍କ ରାସନ ଚିନ୍ତା କେନ୍ଦ୍ର କିମ୍ବା ରାଜ୍ୟ କେହି ଚିନ୍ତା ନକରିବା ଆଶ୍ଚର୍ଯ୍ୟ ମନେହୁଏ। କାରଣ ମଧ୍ୟବିତ୍ତମାନେ ଖାଇପିଇ ବଞ୍ଚିବାର ଅଧିକାର ଅଛି କିମ୍ବା ନାହିଁ ଏଭଳି ପ୍ରଶ୍ନ ମନକୁ ଆନ୍ଦୋଳିତ କରେ। କରୋନା କାଳରେ ଖାଦ୍ୟ ସାମଗ୍ରୀର ଦର ଆକାଶଛୁଆଁ ହୋଇଥିଲା ବେଳେ ରୋଜଗାର ସମ୍ପୂର୍ଣ୍ଣ ଖସିଆସିଛି। ଏଭଳି ପରିସ୍ଥିତିରେ ପରିବାର ଚଳାଇବା କେତେ କଷ୍ଟକର ତାହା ଭଲଭାବେ ଅନୁଧ୍ୟାନ କଲେ ସହଜରେ ବୁଝିହୋଇଯିବ। ଏହାରି ମଧ୍ୟରେ ଏଲପିଜି ଦାମ ୨୫ ଟଙ୍କା ୫୦ ପଇସା ବଢ଼ିବା ଆହୁରି ଯନ୍ତ୍ରଣା ବଢ଼ାଇ ଦେଇଛି। ତୈଳ ଦର ମହଙ୍ଗା ହୋଇଥିବା ଦର୍ଶାଇ ଗ୍ୟାସ କମ୍ପାନୀ ଗୁଡିକ ଏଲପିଜି ସିଲିଣ୍ଡର ମୂଲ୍ୟ ବୃଦ୍ଧି କରିଛନ୍ତି। ଲୋକମାନେ ରୋଷେଇ କରୁଥିବା ଏଲପିଜି ଦର ବୃଦ୍ଧି ବେଡି ଉପରେ କୋରଡା ସଦୃଶ। ସିଲିଣ୍ଡର ପିଛା କେନ୍ଦ୍ର ସରକାର ଏଲପିଜି ଉପରେ ଯେଉଁ ସବସିଡି ଦେଉଛନ୍ତି ତାହା ନଗଣ୍ୟ ରହିଛି ଯାହାକି ମଧ୍ୟବିତ୍ତ ପରିବାରକୁ ବାଧିବ। ପେଟ୍ରୋଲ, ଡିଜେଲ, ଖାଇବା ତେଲ, ପନିପରିବା ଦାମ ଆକାଶଛୁଆଁ ସ୍ତରରେ ଥିବାରୁ ଲୋକ ଚାପରେ ରହିଛନ୍ତି। ତେଣୁ ଦେଶରେ ନିର୍ବାଚିତ ପ୍ରତିନିଧି ଜନସାଧାରଣଙ୍କ କଲ୍ୟାଣ ଉପରେ ଗୁରୁତ୍ୱ ନଦେଲେ ସେଭଳି ସରକାର ବେଶିଦିନ ତିଷ୍ଠି ରହିବା ଅସମ୍ଭବ। କାରଣ ଶାସକକୁ ପରିବର୍ତ୍ତନ କରିବାର କ୍ଷମତା ଲୋକଙ୍କ ନିକଟରେ ରହିଛି। ଜନପ୍ରତିନିଧିଙ୍କ ଉତ୍ପୀଡନ ବିରୋଧରେ ସ୍ୱର ଉଠାଇବାକୁ ଲୋକଙ୍କ ନିକଟରେ ଅଧିକାର ରହିଛି। ସେଥିପାଇଁ ଲୋକଙ୍କୁ ଉତ୍ତମ ଯୋଜନା ଜରିଆରେ ସୁବିଧା ସୁଯୋଗ ପ୍ରଦାନ କରିବା ସରକାରଙ୍କ ଦାୟିତ୍ୱ ରହିଛି। ଅନ୍ୟଥା ଯୋଜନା କରି କେବଳ ଭୋଟ ରାଜନୀତି କରାଗଲେ ଏହା କେବେହେଲେ ଉତ୍ତମ ଯୋଜନା ବୋଲି କୁହାଯାଇପାରିବ ନାହିଁ। ଭଲ ସରକାର ଲୋକଙ୍କ ସମସ୍ୟା ବୁଝି ପଦକ୍ଷେପ ନନେଲେ ବ୍ୟବସ୍ଥା ପ୍ରତି ଲୋକଙ୍କୁ ବିଶ୍ୱାସ କମିଯାଏ।

ସମ୍ବାଦକାନ୍ତି
ତାରକ ମହାନ୍ତି



କରୋନା କାଳରେ ରୋଜଗାର କମିବା ହେତୁ ଅନେକ ପରିବାର ମାନସିକ ଯନ୍ତ୍ରଣା ମଧ୍ୟରେ ରହିଛନ୍ତି। ଜୀବନ ଓ ଜୀବିକା ଦ୍ୱନ୍ଦରେ ରହିଥିଲା ବେଳେ ଦରଦାମ ନିୟନ୍ତ୍ରଣ ଉପରେ ସରକାର ଗୁରୁତ୍ୱ ଦେବା ଉଚିତ। ସେହିଭଳି କୃଷିକ୍ଷେତ୍ରର ଉନ୍ନତି ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ନହେଲେ ପରିସ୍ଥିତି ଭୟାବହ ହେବାର ଆଶଙ୍କା ମଧ୍ୟ ରହିଛି। ଅନେକ ପରିବାରରେ ଶିକ୍ଷିତ ବେକାରଙ୍କୁ କର୍ମ ସଂସ୍ଥାନ ନମିଳିବା ହେତୁ ପରିବାରର ଆର୍ଥିକ ବୋଝ ବଢ଼ିଚାଲିଛି। କୋଭିଡ୍ କଟକଣା ହେତୁ ଛୋଟ ଛୋଟ ବ୍ୟବସାୟ ପ୍ରଭାବିତ ହୋଇଛି। ଯେଉଁ କ୍ଷତି ଭରଣା କରିବା ଆଦୌ ସହଜ ନୁହେଁ। ପରିସ୍ଥିତି ଅନୁଯାୟୀ ପଦକ୍ଷେପ ନେବା ଉପରେ ସରକାର ପ୍ରାଥମିକତା ନଦେଲେ ଲୋକଙ୍କ ସମସ୍ୟା ବଢ଼ିଚାଲିବ। ତେଣୁ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖି ସରକାର ତୁରନ୍ତ କାର୍ଯ୍ୟକାରୀ ହୋଇପାରୁଥିବା ଯୋଜନା ପ୍ରସ୍ତୁତ କରି ଏହାର କାର୍ଯ୍ୟକାରିତା ଉପରେ କଡା ନଜର ରଖିବାକୁ ହେବ। ଯୋଜନାର ସୁଫଳ କିଭଳି ଲୋକଙ୍କ ନିକଟରେ ପହଞ୍ଚିପାରିବ, ଲୋକେ ଏଥିରୁ କିପରି ଉପକୃତ ହେବେ ତାହାର ଉତ୍ତମ ମନିଟରିଂ ମଧ୍ୟ ଦରକାର। କେବଳ କାଗଜ କଲମରେ ଯୋଜନା ସୀମିତ ରହିଲେ ପରେ ଏହା ମହାବିପଦକୁ ଆମନ୍ତ୍ରଣ କରିବାର ଭୟ ମଧ୍ୟ ରହିଛି। ବର୍ତ୍ତମାନ ପରିସ୍ଥିତିରେ ରାଜ୍ୟରେ ଦୈନିକ ସଂକ୍ରମଣ ୧୨ ହଜାରରୁ ଖସି ୩ ହଜାର ପହଞ୍ଚିଲା ପରେ ଏହା ଆଉ ତଳକୁ ଖସୁନାହିଁ। ଆଶା କରାଯାଉଥିଲା ଯେତେଶୀଘ୍ର ୩ ହଜାର ତଳକୁ ସଂକ୍ରମଣ ଖସିବ ରାଜ୍ୟରୁ କରୋନା କଟକଣା ହଟିଯିବ। କିନ୍ତୁ ଗତ ସପ୍ତାହର ସ୍ଥିତିକୁ ବିଚାର କଲେ ଜଣାପଡେ ଯେ, କରୋନା ସଂକ୍ରମଣ ରାଜ୍ୟରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାରେ ସ୍ଥିର ହୋଇ ରହିଛି। ଏବେ ୩ ହଜାରରୁ ଅଧିକ ପଜିଟିଭ୍ ହେଉଛନ୍ତି। ଏଭଳି ସଂକ୍ରମଣ ଧାରା ସରକାର ଓ ବିଶେଷଜ୍ଞମାନଙ୍କୁ ଚିନ୍ତାରେ ପକାଇ ଦେଇଛି। ଦେଶରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର କ୍ରମଶଃ ହ୍ରାସ ପାଉଥିଲା ବେଳେ ଓଡ଼ିଶା ସମେତ ୬ଟି ରାଜ୍ୟରେ ସଂକ୍ରମଣ କମୁନାହିଁ। ଓଡ଼ିଶାର ୪ଟି ଜିଲ୍ଲାରେ ଏବେବି ପଜିଟିଭ ହାର ୧୦% ଉପରେ ରହିଛି। ଏହାକୁ ନଜରରେ ରଖି କେନ୍ଦ୍ର ସରକାର ଓଡ଼ିଶା ସହିତ କେରଳ, ଅରୁଣାଚଳପ୍ରଦେଶ, ତ୍ରିପୁରା, ଛତିଶଗଡ ଓ ମଣିପୁରକୁ କେନ୍ଦ୍ରୀୟ ଟିମ୍ ପଠାଇଛନ୍ତି। ଓଡ଼ିଶା ଆସୁଥିବା ବିଶେଷଜ୍ଞ ଦଳର ନେତୃତ୍ୱ ନେଉଛନ୍ତି ଏଆଇଆଇଏଚ୍ ଆଣ୍ଡ ପିଏଚ୍‌ର ବିଶେଷଜ୍ଞ ଡାକ୍ତର ଏ.ଡାନ୍। କରୋନାର ମୁକାବିଲା ଓ ପରିଚାଳନା ନେଇ କେନ୍ଦ୍ରୀୟ ଟିମ୍ ଗୁଡିକ ଏଥିପାଇଁ ସହଯୋଗ ଯୋଗାଇ ଦେବେ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ଦୁଇଜଣିଆ ବିଶେଷଜ୍ଞ ଦଳରେ ଜଣେ ଚିକିତ୍ସକ ଓ ଜନସେବା ବିଶେଷଜ୍ଞ ରହିଛନ୍ତି। କରୋନା ଟେଷ୍ଟିଂ, ନିରୀକ୍ଷଣ, ନିୟନ୍ତ୍ରଣ ଓ ପରିଚାଳନା ଆଦିର ସାମଗ୍ରିକ କାର୍ଯ୍ୟକାରିତାର ଟିମ୍ ତଦାରଖ କରିବ। ଏହାସହ ଠିକ୍ ଭାବେ କୋଭିଡ୍ ନିୟମର ପାଳନ ହେଉଛି କି ନାହିଁ, ହସ୍ପିଟାଲରେ ଶଯ୍ୟା ଉପଲବ୍ଧତା, ଆମ୍ବୁଲାନ୍ସ, ଭେଣ୍ଟିଲେଟର, ମେଡିକାଲ ଅକ୍ସିଜେନ ଓ କରୋନା ଟିକାକରଣର ଅନୁଧ୍ୟାନ କରିବା ସହିତ କେନ୍ଦ୍ରୀୟ ଟିମ୍ ଏହାର ତଦାରଖ ଓ ପ୍ରତିକାର ବାବଦରେ ପରାମର୍ଶ ପ୍ରଦାନ କରିବେ। ଓଡ଼ିଶାରେ କୋଭିଡ୍ ସ୍ଥିତି କିଭଳି ରହିଛି, ତାହାର ଆକଳନ କରିବା ସହିତ କେନ୍ଦ୍ର ସରକାରଙ୍କୁ ଏ ସମ୍ପର୍କିତ ରିପୋର୍ଟ ପ୍ରଦାନ କରିବେ।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ନିଜସ୍ୱ ଜ୍ଞାନ, ଭାବଧାରାରେ ବଞ୍ଚିବା ମଣିଷ ଶିଖିବ ଯେବେ, ପ୍ରତାରଣାରୁ ମୁକ୍ତି ପାଇବ ସେବେ ?

**ପଙ୍କଜ କୁମାର ପାଣିଗ୍ରାହୀ**

ତୁମେ ଯାହା ସବୁ ଶିଖିଛ, କହୁଛ ସେସବୁ ତୁମ ନିଜର ନୁହେଁ । ସେସବୁ ଆଉ କାହାଦ୍ୱାରା ପ୍ରେରିତ ଯାହା ତୁମକୁ ଅନେକ ଶିକ୍ଷାର ଅଧିକାରୀ କରିପାରିଛି ବୋଲି ତୁମ ବିଚାର । କିଏ କାହାକୁ କିଛି ଦେବା ପୂର୍ବରୁ କେମିତି ବିଚାର ରଖିଥାଏ ପ୍ରଥମେ ନିଜ ଭାବନାକୁ ପଚାରି ବୁଝିଲେ ଜାଣିପାରିବ, ଦିଆଯାଉଥିବା ବିଷୟ ହେଉକି ଦ୍ରବ୍ୟର ମାନ କ'ଣ ? ତେଣୁ ଆମ ଚତୁଃପାର୍ଶ୍ୱରୁ ଆଘ୍ରାଣ କରିହେଉଥିବା ଗନ୍ଧ ସମୂହ ପ୍ରାକୃତିକ ନା କୃତ୍ରିମ ପ୍ରଥମେ ବିଚାରକରି ଦେଖିବା କଥା । ଅନୁରୂପ ଶ୍ରେଣୀ କକ୍ଷରୁ ଆରମ୍ଭ କରି ଦୈନନ୍ଦିନ ଜୀବନରେ ପରିପାର୍ଶ୍ୱିକ ଶୈଖିକତା ହେଉ କି କୌଣସି ଖବର କିମ୍ବା ଚଳଚିତ୍ର ମାଧ୍ୟମରେ ଗ୍ରହଣ କରାଯାଉଥିବା ବିଷୟ ଗୁଡିକର ପ୍ରକୃତତା ଉପରେ ପ୍ରାଧାନ୍ୟତା ନରଖି ସେଗୁଡିକ ବିନା ମୂଲ୍ୟରେ ମିଳୁଥିବା ହେତୁ ଅଚିରେ ଗ୍ରହଣ କରି ନିଜକୁ ଜଣେ ବିଜ୍ଞ, ବିଶେଷଜ୍ଞର ପରିଚିତି ପ୍ରଦାନ ପୂର୍ବକ ନିଜର ଆତ୍ମସନ୍ତୋଷ ଏବଂ ଅହଂଭାବକୁ ସଂକୁଚିତ କରୁନଥିବା ମଣିଷ ସବୁବେଳେ ସବୁକଥାରେ ପ୍ରତାରିତ । କାରଣ ଜ୍ଞାନ ବାଣ୍ଟିବା ମଣିଷ ଗ୍ରହିତାକୁ କେଉଁ ମାର୍ଗରେ ନିଜର ବଶବର୍ତ୍ତୀ କରି ରଖିବା ଭଳି ବିଚାରକୁ ନେଇ କୌଣସି ବକ୍ତବ୍ୟ ପ୍ରଦାନ କରିଥା'ନ୍ତି ସାଧାରଣ ମଣିଷଙ୍କ ସେସବୁ ଭାବ ବହିର୍ଭୁତ ବିଷୟ ହୋଇଥାଏ । ତେଣୁ କୌଣସି ବିଷୟକୁ ଅନାୟାସ ଗ୍ରହଣ କରି କିଛି ଶିଖିଦେବା, ଜାଣିଦେବା ଭଳି ବିଚାର ମଣିଷକୁ ଜ୍ଞାନ ପରିବର୍ତ୍ତେ ଅଜ୍ଞାନ କରୁଥିବା ଆଜି ସମୟର ଏକ ଦୁଃଖଦ ପରିସ୍ଥିତି !

ଶିକ୍ଷା ସାଙ୍ଗକୁ ନିଜସ୍ୱ ଜ୍ଞାନ ଆହରଣ କରିବା ନଶିଖିଲେ ଶିକ୍ଷାର ମାନ ମଳିନ ପଡିଯାଇଥାଏ ଯାହା ଅଧିକାଂଶ ଶିକ୍ଷିତଙ୍କ ପାଖରେ ଦେଖିବାକୁ ମିଳିବ ଅନୁସନ୍ଧାନ କଲେ । ଯଥେଷ୍ଟ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଥାଇ ମଧ୍ୟ ବିଶେଷଜ୍ଞାନ ଅର୍ଥାତ ମାନବିକ ଅବଚେତନ ଜ୍ଞାନଶୂନ୍ୟ ମଣିଷଙ୍କ ସଂଖ୍ୟା ୯୯ ଆରପାରି ଦେଖିବାକୁ ମିଳିବ ଯଦି ଉପଯୁକ୍ତ ସମୀକ୍ଷା କରାଯିବ । ଏମିତି ହେବାର ମୂଳ ସୂତ୍ର ହେଉଛି ମଣିଷ ସବୁବେଳେ କ୍ଷୁଦ୍ର ରାସ୍ତାରେ ଅଧିକ ପାଇବାର ଲକ୍ଷ ରଖିଥିବା ଏକ ଅଲୌକିକ ଭାବନାରୁ ନିର୍ଗତ ଅମାନୁଷିକ ବିଚାରଧାରା ଜନିତ । ପ୍ରକୃତିର ନିୟମକୁ ଅବମାନନା କରି କ୍ଷୁଦ୍ର ରାସ୍ତାରେ ଅଧିକ ହାସଲ କରିବା ଲକ୍ଷ ରଖିଥିବା ମଣିଷ ବସ୍ତୁବାଦୀ ବିଚାରରେ କୃତକାର୍ଯ୍ୟ ହୋଇପାରିଲେ ମଧ୍ୟ ମାନବୀୟ ଚିଂତନରୁ ନିଜକୁ ଉନ୍ମୁକ୍ତ ରଖି ଅମାନବୀୟ ବିଚାରଧାରା ମଧ୍ୟରେ ବଂଚୁଥିବା ଦେଖିବାକୁ ମିଳିବ ବିଶେଷ ଅନୁଧ୍ୟାନ କଲେ । ତେଣୁ ମଣିଷ ମନର ଏହି ବିଚାର ଧାରାକୁ ତ୍ୱରାନ୍ୱିତ କରି ଅମାନବୀୟ ଚିନ୍ତନ ମସ୍ତିଷ୍କରେ ଭର୍ତ୍ତିକରି ଚତୁର ଗୋଷ୍ଠୀ ସେମାନଙ୍କ ଅଜାଣତରେ ଯଥେଷ୍ଟ ସ୍ୱାର୍ଥ ହାସଲ କରୁଥିବା ଜାଣି ପାରୁନାହାନ୍ତି ସାଧାରଣ ଶିକ୍ଷିତ, ଅଶିକ୍ଷିତ । ପ୍ରଚଳିତ ପ୍ରଥାକୁ ଆପଣେଇ ଚାଲିବା ଶିକ୍ଷା ଦିଆଯାଉଛି ସବୁ କ୍ଷେତ୍ରରେ, ଅଧିକନ୍ତୁ ପ୍ରାୟତଃ ସମସ୍ତ ମଣିଷଙ୍କ ସେହିଭଳି ଗ୍ରହଣୀୟତା ଦେଖିବାକୁ ମିଳୁଛି ଆଜି ସମୟରେ ଯାହା ସେମାନଙ୍କୁ ନିଶ୍ଚିତରୂପେ ପରୋକ୍ଷରେ ପ୍ରତାରିତ କରୁଥିଲେ ମଧ୍ୟ ସେମାନଙ୍କ ଭାବ ବହିର୍ଭୁତ । ଏହି ଦୁଃଖଦ ପରିସ୍ଥିତି, ପରିବେଶ ମଧ୍ୟରେ କାହାକୁ ସତ୍ୟର ଉନ୍ମୋଚନ ବିଷୟ ବଖାଣିଲେ ଅପଦସ୍ଥ ହେବା ଛଡା କୌଣସି ଫଳପ୍ରଦ ହେବନାହିଁ । ତେଣୁ ଚତୁର ସବୁବେଳେ ମିଥ୍ୟା ନାରା ଦେଇ ସାଧାରଣ ଲୋକଙ୍କୁ ଜ୍ଞାନ ବାଣ୍ଟିବାର ଛଳନାତ୍ମକ ସୁଯୋଗ ସୃଷ୍ଟି କରି ସେମାନଙ୍କୁ ପ୍ରତାରଣା କରିଚାଲିଥିବା ଆଜି ସମୟର ଏକ ଅତ୍ୟନ୍ତ ଦୁଃଖଦ ପରିସ୍ଥିତି !

ଶ୍ରେଣୀ ଗୃହର ଶିକ୍ଷା ଠାରୁ ଆରମ୍ଭ କରି ସଂସ୍କାରି ଦାର୍ଶନିକଙ୍କ ମାନବୀୟ ମତବାଦ ହେଉକି କୌଣସି ଖବର କିମ୍ବା ସୂଚନା, ଯେକୌଣସି ବିଷୟକୁ ଗ୍ରହଣ କରିବା ପୂର୍ବରୁ ତାହାର ସତ୍ୟାସତ୍ୟ ଅନୁସନ୍ଧାନ କରି ଶତ ପ୍ରତିଶତ ସତ୍ୟତାର ସୁଗନ୍ଧ ନପାଇବା ପୂର୍ବରୁ ସେଗୁଡିକୁ ଗ୍ରହଣ କରିବା ଏବଂ ଜ୍ଞାନ ଆହରଣର ଉତ୍ସ ଭଳି ବ୍ୟବହାର କରୁଥିବା ମଣିଷକୁ ପ୍ରତାରିତ କରିବା ସୁନିଶ୍ଚିତ ଯାହା ସାଧାରଣରେ ବୁଝିବା କଷ୍ଟ ହେଲେ ମଧ୍ୟ ଅସମ୍ଭବ ନୁହେଁ । ପାରିପାର୍ଶ୍ୱିକ ଶୈଖିକତା ମଧ୍ୟରେ ଯଥେଷ୍ଟ ପରିମାଣର (୯୯ ପ୍ରତିଶତରୁ ଅଧିକ) ମିଥ୍ୟା, ଅପ୍ରାସଙ୍ଗିକତା ରହିଥିବା ସୂଚନା ବିହୀନ ନିର୍ବୋଧ, ଅଜ୍ଞାନ ସବୁବେଳେ ପ୍ରତାରିତ, କ୍ଷତିଗ୍ରସ୍ତ । ସେଗୁଡିକ ବୁଝିବା ମଧ୍ୟ କଷ୍ଟକର ହୋଇପଡିଛି ଆଜିର ଏହି ଛଳନାତ୍ମକ, ଅମାନୁଷିକ ମଣିଷ ସମାଜରେ । କିନ୍ତୁ ଆଜିର ଏହି ସ୍ୱାର୍ଥବାଦୀ ଚିନ୍ତନଶୀଳ ସମାଜରେ ସେସବୁ ବୁଝି, କରି ନିଜକୁ ମାନବୀୟ ଢଙ୍ଗରେ ସଜାଇ ବଂଚିବା କେତେଦୂର ସମ୍ଭବ, ନିର୍ଭର କରୁଛି ପ୍ରତ୍ୟେକ ବ୍ୟକ୍ତିଙ୍କ ନିଜସ୍ୱ ବିଚାରଧାରା ଉପରେ । ଯକୌଣସି ମତେ ନିଜର ଜୀବନ ଯାପନ କରି ଶେଷ ମୁହୂର୍ତ୍ତରେ କିଛି ମିଥ୍ୟା ସାମାଜିକ ଗ୍ରହଣୀୟତା ସାଙ୍ଗକୁ ଯଥେଷ୍ଟ ଆର୍ଥିକ ମହଜୁଦ ସନ୍ତୁଷ୍ଟ କରିପାରୁଥିବା ମଣିଷଙ୍କ ପାଇଁ ଏହି ବିଷୟର କୌଣସି ଉପଯୁକ୍ତତା ନାହିଁ ! କିନ୍ତୁ ନିଜ ଜୀବନକୁ ମାନବୀୟ ଢଙ୍ଗରେ ସଜାଇ ଏକ ଉତ୍ତମ ଚାରିତ୍ରିକ ଜୀବନ ଯାପନ କରିବା ବିଚାର ରଖିଥିବା ମଣିଷ ନିଶ୍ଚିତ ଏହି କଥାରେ ସ୍ୱତଃ ସଚେତନ ହୋଇ ଆଗକୁ ବିଚାରଶୀଳ କର୍ତ୍ତବ୍ୟ କରିବେ ବୋଲି ଆମ ବିଚାରରେ ଆପଣଙ୍କ ମତାମତ ଦେବେ ବୋଲି ଆଶା !

*ସୋସିଆଲ ଫୋରମ (ଭାରତ)*
*ଛତ୍ରପୁର, ଗଂଜାମ- ୭୬୧୦୨୦*
*ଦୂରଭାଷ.: ୯୪୩୭୩୨୪୯୧୭*

# ବନ୍ଦେ ଉତ୍କଳ ଜନନୀ : ଶତାବ୍ଦୀ ସଙ୍ଗୀତକୁ ସ୍ୱୀକୃତି



**ବିପିନ ବିହାରୀ ରାଉତ**

ରାଜ୍ୟବାସୀଙ୍କ ଦୀର୍ଘଦିନର ଉଦ୍ୟମ, ଇଚ୍ଛା ଓ ଆଗ୍ରହ ଶେଷରେ ଫଳବତୀ ହୋଇଛି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବନ୍ଦେ ଉତ୍କଳ ଜନନୀ'କୁ ହାଇସ୍କୁଲ ପାଠ୍ୟକ୍ରମରେ ସାମିଲ କରାଯାଇଛି। ଯାହାକି ଚଳିତ ଶିକ୍ଷାବର୍ଷରୁ କାର୍ଯ୍ୟକାରୀ ହେବ। ଚଳିତ ଶିକ୍ଷାବର୍ଷରୁ ଏହି ସଙ୍ଗୀତକୁ ଉଭୟ ନବମ ଓ ଦଶମ ଶ୍ରେଣୀରେ ପ୍ରଥମ ଭାଷା ଓଡ଼ିଆ ବହିର ପଦ୍ୟ ବିଭାଗରେ ଏକ ବିଷୟ ଭାବେ ଛାତ୍ରଛାତ୍ରୀମାନେ ପଢ଼ିବେ। ସୂଚନାଥାଉକି ଗତ ବର୍ଷ ସଂଧ୍ୟା ସାଢ଼େ ପାଞ୍ଚଟାରେ ଓଡ଼ିଆ ଜାତିକୁ ବନ୍ଦେ ଉତ୍କଳ ଜନନୀ ଗାନ ପାଇଁ ଆହ୍ୱାନ ଦେଇଥିଲେ। ଏହି ଐତିହାସିକ ମୁହୂର୍ତ୍ତକୁ ଚରିସ୍ଥାୟୀ କରିବା ଲାଗି ତଥା ସାଢ଼େ ଚାରି କୋଟି ଓଡ଼ିଆଙ୍କ ଭାବାବେଗକୁ ସମ୍ମାନ ଜଣାଇ ରାଜ୍ୟ କ୍ୟାବିନେଟ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ଭାବରେ ସରକାରୀ ମାନ୍ୟତା ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲା। ପାଖାପାଖି ୨୬ ବର୍ଷ ପ୍ରୟାସର ଏହା ସଫଳ ଫଳସ୍ୱରୂପୀ କହିଲେ ଅତ୍ୟୁକ୍ତି ହେବନାହିଁ। କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାଳଜୟୀ ସୃଷ୍ଟି 'ବନ୍ଦେ ଉତ୍କଳ ଜନନୀ' କବିଙ୍କ ଜନ୍ମମାଟି ଭଦ୍ରକ ଜିଲ୍ଲାର ତିହିଡ଼ି ବ୍ଲକ ତାଳପଦା ଗାଁ ଠାରୁ କହିବାକୁଗଲେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଖୁସିର ଲହରି ଖେଳାଇ ଦେଇଛି। କାନ୍ତକବିଙ୍କ ଏହି ସଙ୍ଗୀତ ରଚନାର ଦୀର୍ଘ ୧୧୫ ବର୍ଷ ପରେ ସ୍ୱୀକୃତି ମିଳିଥିବାରୁ ଜାତୀୟତାବାଦ ସଙ୍ଗୀତର ଏହି ମାହୋଲ ସମଗ୍ର ରାଜ୍ୟବାସୀଙ୍କୁ ଓ ରାଜ୍ୟ ବାହାରେ ରହୁଥିବା କୋଟି କୋଟି ଅଗଣିତ ଓଡ଼ିଆଙ୍କୁ ଆନନ୍ଦ ପ୍ରଦାନ କରିଛି। ସୂଚନା ଥାଉକି ଦେଶର ବିଭିନ୍ନ ରାଜ୍ୟରେ ରାଜ୍ୟ ସଙ୍ଗୀତ ରହିଛି। ୨୦୧୫ରେ ଓଡ଼ିଶାର ସଂସ୍କୃତି ବିଭାଗ ପକ୍ଷରୁ ଗଠିତ କମିଟି ରିପୋର୍ଟରେ ଦର୍ଶାଇଥିଲେ ଯେ ୯ଟି ରାଜ୍ୟର ରାଜ୍ୟ ସଙ୍ଗୀତ ଅଛି। ସେଗୁଡ଼ିକ ହେଉଛି ତେଲେଙ୍ଗାନା, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ତାମିଲନାଡ୍ରୁ, ଗୁଜୁରାଟ, ମହାରାଷ୍ଟ୍ର, ଆସାମ, ବିହାର ଓ ଆନ୍ଧ୍ରପ୍ରଦେଶ। ସୂଚନାଥାଉକି ୭ ନଭେମ୍ବର ୧୯୯୪ରେ ବିଜୁପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ବିଧାନ ସଭାରେ ଏହି ସଙ୍ଗୀତ ଗାନ ପାଇଁ ତତ୍କାଳୀନ ବାଚସ୍ପତି ଯୁଧିଷ୍ଠିର ଦାସଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ବସିଥିଲା। ବନ୍ଦେ ଉତ୍କଳ ଜନନୀ ହେଉଛି କୀର୍ତ୍ତିମାଳିନୀ ଉତ୍କଳ ଜନନୀର ଆହ୍ୱାନୀ ସଙ୍ଗୀତ। ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନର ସଙ୍ଗୀତ। ନୈସର୍ଗୀକ ପ୍ରାକୃତିକ ଶୋଭା, ଅନନ୍ୟ କୀର୍ତ୍ତିରାଜି, ଉତ୍କୃଷ୍ଟ କଳାବିମଣ୍ଡିତ ଉତ୍କଳ ଜନନୀର ଜୟଗାନ ଏହି ସଙ୍ଗୀତକୁ ଅମୃତମୟ କରିବା ସହିତ କୋଟି କୋଟି ଓଡ଼ିଆଙ୍କୁ ଜାତି ପ୍ରେମର ସୁଦୃଢ଼ ବନ୍ଧନରେ ବାନ୍ଧି ରଖିବା ସହ ଓଡ଼ିଶାର ଗୌରବକୁ ବିଶ୍ୱବ୍ୟାପୀ କରିବା ପାଇଁ ପ୍ରେରଣା ଦେଇଛି। ଦେଶାତ୍ମବୋଧ ଓ ଜାତୀୟତା ବୋଧ ଏହି ସଙ୍ଗୀତର ଅନ୍ତଃସ୍ୱର। କାନ୍ତକବିଙ୍କ ଏହି କାଳଜୟୀ ରଚନା ୧୯୧୨ ମସିହାରୁ ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନରୁ ଗାନ କରାଯାଉଛି। ୧୯୩୬ ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମୟରୁ ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତ ଭାବରେ ପ୍ରତିଟି ଓଡ଼ିଆର ହୃଦୟ ଓ ଭାବନାରେ ରହିଛି। ୧୯୧୩ ଡିସେମ୍ବର ୨୮ ତାରିଖ ଦିନ ପୁରୀ ଜିଲ୍ଲା ରାମଚଣ୍ଡୀ ଠାରେ ବିଧିବଦ୍ଧ ଭାବେ ଉତ୍କଳ ସମ୍ମିଳନୀ ସଭାରେ ପ୍ରଥମେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ତାଙ୍କ ୨୦ ବର୍ଷର ଶାସନ ସମୟରେ ଓଡ଼ିଆ ଭାଷା ଓ ଅସ୍ମିତାକୁ ନେଇ ଅନେକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାକୁ ଇଂରାଜୀରେ ଓଡ଼ିଶା ଏବଂ ଓଡ଼ିଆକୁ ଇଂରାଜୀରେ ଓଡ଼ିଆ ବୋଲି ଲେଖାଯାଉଥିଲା। ରାଜ୍ୟ ସରକାରଙ୍କ ପ୍ରସ୍ତାବ ଓ କ୍ରମାଗତ ଉଦ୍ୟମ ପରେ ଇଂରାଜୀରେ ବନାନ ସଂଶୋଧନ କରାଯାଇ ଓଡ଼ିଶା ଓ ଓଡ଼ିଆ କରାଗଲା। କେନ୍ଦ୍ର ସରକାର ଏ ନେଇ ବିଜ୍ଞପ୍ତି ଜାରି କଲେ। ସେହିପରି ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ସରକାରଙ୍କ ଆଉ ଏକ ସଫଳ ପଦକ୍ଷେପ। ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ନିଷ୍ପତ୍ତି ଗ୍ରହଣ କରି ଭାଷାର ବହୁଳ ପ୍ରଚାର, ପ୍ରସାର ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ଆଜି ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦେଇ ସରକାର ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି। ଗୋଟିଏ ଜାତି ବା ସମୂହ ପାଇଁ ପତାକାଟିଏ ବା ଗୀତ ଟିଏ ଅନେକ ମହତ୍ୱ ରଖେ। ଆମେ ଭାରତବର୍ଷର ନାଗରିକ ଆମ ସମ୍ବିଧାନ ଗୋଟିଏ ଓ ଜାତୀୟ ସଙ୍ଗୀତ ମଧ୍ୟ ଗୋଟିଏ। ଯଦିଓ ଏହାକୁ ବିଭିନ୍ନ ଅନୁଷ୍ଠାନରେ ସମବେତ ଭାବେ ଗାଇ ଆସୁଥିଲୁ କିନ୍ତୁ ମାନ୍ୟତା ମିଳିବା ପରେ ଏହାକୁ ଅଧିକ ଗୁରୁତ୍ୱ ଦେବ ଓ ଓଡ଼ିଶା ଭୂଖଣ୍ଡରେ ଭାବଗତ ଏକତା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବ। ଏହାଦ୍ୱାରା ଆମ ସମସ୍ତଙ୍କର ଜାତିପ୍ରୀତି, ସ୍ୱାଭିମାନ ଓ ଅଙ୍ଗୀକାରବଦ୍ଧତା ମଧ୍ୟ ବୃଦ୍ଧି ପାଇବ। କାନ୍ତକବିଙ୍କ ରଚିତ ସମ୍ପୂର୍ଣ୍ଣ ବନ୍ଦେ ଉତ୍କଳ ଜନନୀକୁ ରାଜ୍ୟ ସଙ୍ଗୀତ ଭାବେ ଗ୍ରହଣ କରାଗଲା ପରେ ଏହି ସଙ୍ଗୀତ ଗାୟନର ଅନୁମୋଦିତ ସ୍ୱର, ଶୈଳୀ ତଥା ରେକର୍ଡିଂ ରାଜ୍ୟ ସୂଚନା ତଥା ଲୋକସମ୍ପର୍କ ବିଭାଗ ପ୍ରସ୍ତୁତ କରିବ। ରେକର୍ଡିଂ ଅନୁସାରେ ଏହାର ଗାୟନ ଅବଧି, ସ୍ୱର, ଶୈଳୀ ରହିବ। ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ବିଧାନ ସଭାର ଅଧିବେଶନ, ସ୍ୱତନ୍ତ୍ର ସରକାରୀ କାର୍ଯ୍ୟକ୍ରମରେ ଏହି ସଙ୍ଗୀତର ବିନା ବାଦ୍ୟରେ ପ୍ରସ୍ତୁତ। ସ୍କୁଲ, କଲେଜ, ସଭାସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୃଷ୍ଠସଙ୍ଗୀତ କିମ୍ବା ବାଦ୍ୟଯନ୍ତ୍ର ସଙ୍ଗୀତ ସହ ଏହାକୁ ଗାନ କରାଯିବ। ଉଦ୍‌ଘାଟନୀ, ଉଦ୍‌ଯାପନୀ ଓ ଉଦ୍‌ବୋଧନୀ ସଙ୍ଗୀତ ଭାବେ ଏହା ଗାନ କରାଯିବା ସମୟରେ ଏହି ରାଜ୍ୟ ସଙ୍ଗୀତ ପ୍ରତି ସମ୍ମାନ ପ୍ରଦର୍ଶନ ପୂର୍ବକ ଉପସ୍ଥିତ ସମସ୍ତେ ସଙ୍ଗୀତ ଆରମ୍ଭରୁ ଶେଷ ଯାଏ ଛିଡ଼ା ହୋଇ ରହିବେ। ବୟସ୍କ, ଅସୁସ୍ଥ, ଭିନ୍ନକ୍ଷମ ଓ ଗର୍ଭବତୀ ମହିଳା ନିଜ ସ୍ଥାନରେ ନମ୍ର ଭାବେ ବସି ରହି ସଙ୍ଗୀତ ପ୍ରତି ସମ୍ମାନ ପ୍ରଦର୍ଶନ କରିବେ। ଶିଶୁମାନେ ମଧ୍ୟ ଦଣ୍ଡାୟମାନ ହେବାରୁ ବିରତ ରହିପାରିବେ। ବନ୍ଦେ ଉତ୍କଳ ଜନନୀ ଚାରି କୋଟି ଓଡ଼ିଆଙ୍କ ହୃଦୟର ସଙ୍ଗୀତ। ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଏହି କାଳଜୟୀ ସଙ୍ଗୀତ ବାଳକୃଷ୍ଣ ଦାଶଙ୍କ କଣ୍ଠସ୍ୱରରେ ବୋଲାଯାଇଥିବା ଏହି ସଙ୍ଗୀତର ମୂର୍ଚ୍ଛନା ପ୍ରତିଟି ଓଡ଼ିଆଙ୍କୁ ପୁଲକିତ କରିବ। ଭାଷାଭିତ୍ତିରେ ରାଜ୍ୟଟି ଭାବେ ଗଠିତ ହେବାରେ ଆମ ରାଜ୍ୟ ସାରା ଦେଶରେ ପ୍ରଥମ।

*ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ*
*ଦୂରଭାଷ : ୯୪୩୭୬୬୬୪୫୩*

# ସିଟିସ୍କାନ ଓ ମଣିଷ ଜୀବଜଗତ ଉପରେ ୫-ଜିର ପ୍ରଭାବ



**ଡାକ୍ତର ପ୍ରଫୁଲ୍ଲ କୁମାର ଦାସ**

ବର୍ତ୍ତମାନର ଭୟାବହ କରୋନା ମହାମାରୀ କେବଳ ମଣିଷ ସମାଜ ନୁହେଁ ଜୀବଜଗତ ଓ ଜୈବମଣ୍ଡଳ ଉପରେ ପ୍ରଭାବ ପକାଇଛି। ଏ ନେଇ ବିଶ୍ୱସ୍ତରରେ ବୈଜ୍ଞାନିକମାନେ ଗବେଷଣା ଓ ଆଲୋଚନା ଜାରି ରଖିଛନ୍ତି। ତେବେ ଗୋଟିଏ ଛୋଟିଆ ପ୍ରଶ୍ନ ତାହା ହେଉଛି ମଣିଷ, ପଶୁ, ପକ୍ଷୀ ଓ ଜୀବ ଜଗତ ଲାଗି ୫ଜି ସେବା କେତେ ସୁରକ୍ଷିତ ? ଏହା ଏକ ଜଟିଳ ପ୍ରଶ୍ନ ନିଶ୍ଚୟ। ନିକଟରେ ୫ଜି ସେବାର ପରୀକ୍ଷଣକୁ ବନ୍ଦ କରିବା ଲାଗି ଦିଲ୍ଲୀ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ ବଲିଉଡ ଅଭିନେତ୍ରୀ ଜୁହି ଚାୱଲା। ତେବେ ତଥ୍ୟ ବିହୀନ ଆବେଦନ ଉପରେ ମାନ୍ୟବର ହାଇକୋର୍ଟ ବିରକ୍ତି ପ୍ରକାଶ କରିବା ସହ ଆବେଦନକାରୀଙ୍କ ପାଇଁ ଜୋରିମାନା ସହ ନ୍ୟାୟାଳୟର ମୂଲ୍ୟବାନ ସମୟ ଅପଚୟ ହେଲା ବୋଲି ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ନିଃସନ୍ଦେହ ଦେଶରେ ୫ଜି ସେବା ଆରମ୍ଭ କରିବା ଲାଗି ସରକାର କମ୍ପାନୀଗୁଡ଼ିକୁ ସ୍ପେକ୍ଟ୍ରମ ଜାରି କରିଛନ୍ତି। ୫ଜିରେ ଅତି ଦ୍ରୁତଗତିରେ ଇଣ୍ଟରନେଟ ମିଳିବ। ଏହାର ଅନେକ ଲାଭ ରହିଛି। କିନ୍ତୁ ଏହି ସେବା ଯୋଗୁଁ ଯେଉଁ ବିକିରଣ ହେବ ମାନବ ସ୍ୱାସ୍ଥ୍ୟ ଉପରେ ତାହାର ପ୍ରଭାବ ପୂର୍ବାନୁମାନ ବିଚାରକୁ ନେଇ ବିଭିନ୍ନ ଦେଶରେ ଏହି ସେବାକୁ ବିରୋଧ କରାଯାଉଛି। କେତେକ ସ୍ଥାନରେ ଏହି ସେବାକୁ କରୋନା ଭୂତାଣୁ ସହ ଯୋଡ଼ାଯାଇଛି। ଅନେକ ସାଧାରଣ ଲୋକ ମଧ୍ୟ ମାନବ ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ୫ଜିର କ'ଣ ପ୍ରଭାବ ରହି ତାହା ଜାଣିବାକୁ ଚାହିଁଛନ୍ତି। ଯଦିଓ ଏହି ପ୍ରଭାବ ବିଷୟରେ କୌଣସି ଠୋସ୍ ପ୍ରମାଣ ନାହିଁ କିନ୍ତୁ ଅନେକ ବୈଜ୍ଞାନିକ ଏହା ବିରୋଧରେ ଆପତ୍ତି ଉଠାଇଛନ୍ତି। ଅନେକ ଚିନ୍ତା କରନ୍ତି ଯେ ୫ଜି ସେବା ଆରମ୍ଭ ହେବା ଦ୍ୱାରା ଯେଉଁ ବିକିରଣ ହେବ ତାହା ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ଏକ ବହୁତ ବଡ଼ ବିପଦ। ଏହି ସେବାର କାର୍ଯ୍ୟକାରିତାକୁ ନେଇ ବିରୋଧ କରାଯାଉନାହିଁ, ତେବେ ଓ୍ୱାରଲେସ୍ ଉପକରଣ ଓ ମୋବାଇଲ ଟାୱାରରୁ ହେଉଥିବା ବିକିରଣକୁ ନେଇ ଚିନ୍ତା ରହିବା ସ୍ୱାଭାବିକ। ମାନବ, ପଶୁ ଓ ପକ୍ଷୀ ମାନଙ୍କ ଲାଗି ୫ଜି ସମ୍ପୂର୍ଣ୍ଣ ସୁରକ୍ଷିତ ବୋଲି ସମସ୍ତେ ଚିନ୍ତାଶୂନ୍ୟ ହେବା ଜରୁରୀ। ବର୍ତ୍ତମାନ ଦେଶରେ ଲୋକମାନେ ୪ଜି ସେବା ବ୍ୟବହାର କରୁଛନ୍ତି। ଏହାର ପରବର୍ତ୍ତୀ ପିଢ଼ି ହେଉଛି ୫ଜି। ଏଥିରେ ଅତି ଦ୍ରୁତ ଗତିରେ ଇଣ୍ଟରନେଟ ମିଳିବ। ଏହାକୁ ବ୍ୟବହାର କରି କାର ଓ ଘରକୁ ସ୍ମାର୍ଟ କରିହେବ। ଅତି ସ୍ୱଚ୍ଛ ସିନେମା ମଧ୍ୟ ବିନା କୌଣସି ବାଧାରେ ଦେଖିହେବ। ଏହା ବ୍ୟତୀତ ଆହୁରି ବହୁତ କିଛି କାମ ଏହାଦ୍ୱାରା ହୋଇପାରିବ। ୫ଜି ସେବାର ପରୀକ୍ଷଣ ଲାଗି ଏୟାରଟେଲ୍, ଜିଓ ଓ ଭୋଡାଫୋନ ଆଇଡିଆକୁ ସରକା ସ୍ପେକ୍ଟ୍ରମ ଆବଣ୍ଟନ କରିଛନ୍ତି। ପରୀକ୍ଷଣ ଶେଷ ହେବା ପରେ ଚଳିତ ବର୍ଷ ଶେଷ ସୁଦ୍ଧା ୫ଜି ବ୍ୟାଣ୍ଡ ଉପଲବ୍ଧ ହେବ। ୨୦୨୨ରେ ଏହି ସେବା ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। କରୋନାର ଭୟାବହ ରୂପ ଅନେକଙ୍କ ପାଇଁ ଘାତକ ସାଜିଥିବାବେଳେ କିଛି ଗଣମାଧ୍ୟମର ଖବର ଅନୁଯାୟୀ ଶକ୍ତିଶାଳୀ ୫ଜି ତରଙ୍ଗ ଯୋଗୁଁ ଅଧିକ ବିକିରଣ ହେବ ଯାହା ମାନବ ସମାଜ ଓ ଅନ୍ୟ ଜୀବଜନ୍ତୁଙ୍କ ଲାଗି କ୍ଷତିକାରକ। ଉତ୍ତମ ସେବା ଲାଗି ଅଧିକ ୫ଜି ଟାୱାର ଦରକାର। ଯେହେତୁ ଏହା ସ୍ମାର୍ଟଫୋନକୁ ଅଧିକ ଶକ୍ତିଶାଳୀ କରିବ ତେଣୁ ମାନବ ସମାଜ ଉପରେ ଏହାର ବଡ଼ ଧରଣର ପ୍ରଭାବ ରହିବ। ସେଲ୍ୟୁଲାର ଟାୱାରରୁ ହେଉଥିବା ବିକିରଣ ଆମ ଶରୀର ପାଇଁ ହାନିକାରକ। କିନ୍ତୁ ମୋବାଇଲ ଫୋନ, ୱାଇଫାଇ ରାଉଟର ଆଦିରୁ ହେଉଥିବା ବିକିରଣ ରେଡ଼ିଓ ତରଙ୍ଗ ଭଳି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଇଣ୍ଟରନ୍ୟାସନାଲ ଏଜେନ୍ସି ଫର ରିସର୍ଚ୍ଚ ଅନ୍ କ୍ୟାନସର ପକ୍ଷରୁ ଏହି ବିକିରଣକୁ କ୍ୟାନସରର ସମ୍ଭାବ୍ୟ କାରଣ ବର୍ଗରେ ରଖାଯାଇଛି। କିନ୍ତୁ ଏହା ମଧ୍ୟ କୁହାଯାଉଛି ଯେ ଏହି ପ୍ରସଙ୍ଗରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଏଥିରେ କୌଣସି ଦ୍ୱିଧା ନାହିଁ ଯେ ଆୟନ ଭିତ୍ତିକ ବିକିରଣ ଆମ କୋଷଗୁଡ଼ିକୁ ଉତ୍ତପ୍ତ କରିଥାଏ ଯାହା କ୍ୟାନସରର ଏକ କାରଣ। ଏହି ତତ୍ତ୍ୱ ସିଟି ସ୍କାନ ଓ ଏକ୍ସରେ ମେସିନରୁ ହେଉଥିବା ବିକିରଣ ପାଇଁ ମଧ୍ୟ ଲାଗୁ ହୋଇଛି। ତେଣୁ ପ୍ରତିଟି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସିଟି ସ୍କାନ କରିବାକୁ ଡାକ୍ତରମାନେ ପରାମର୍ଶ ଦିଅନ୍ତି ନାହିଁ। ଓ୍ୱାରଲେସ୍ ପ୍ରଯୁକ୍ତିରୁ ହେଉଥିବା ବିକିରଣର ପ୍ରଭାବ ମାନବ ଶରୀର ଉପରେ ଏତେଟା ନାହିଁ ବୋଲି ଡବ୍ଲୁଏଚ୍‌ଓ ଜଣାଇଛି। କିନ୍ତୁ ୫ଜି ପ୍ରଯୁକ୍ତିର ପ୍ରଭାବକୁ ନେଇ ଏହା ଏକ ବୃହତ ଅନୁଶୀଳନ କରୁଛି ଯାହାର ରିପୋର୍ଟ ୨୦୨୨ରେ ପ୍ରକାଶ ପାଇବ। ୨୦୧୭ରେ ୩୯ଟି ଦେଶର ୧୯୦ରୁ ଅଧିକ ବୈଜ୍ଞାନିକ ଡବ୍ଲୁଏଚ୍‌ଓକୁ ଓ ଜାତିସଂଘକୁ ଚିଠି ଲେଖି ଓ୍ୱାରଲେସ ବିକିରଣ ବିଷୟରେ ସତର୍କ କରାଇଥିଲେ।

ମୋବାଇଲ ଟାୱାରରୁ ହେଉଥିବା ବିକିରଣର ପରିବେଶ ଉପରେ ପ୍ରଭାବ ରହିଛି। ଭାରତରେ ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ ମୋବାଇଲ ଫୋନ୍ ଟାୱାର ବିକିରଣ ଯୋଗୁଁ ମହୁମାଛି ଉଭାନ୍ ହୋଇଯାଉଛନ୍ତି। ମୋବାଇଲ ଟାୱାରରୁ ହେଉଥିବା ବିଦ୍ୟୁତ ଚୁମ୍ବକୀୟ ବିକିରଣ ଯୋଗୁଁ ମହୁମାଛି ସର୍ବାଧିକ ପ୍ରଭାବିତ ହେଉଛନ୍ତି। କିନ୍ତୁ ଆଉ ଏକ ସର୍ବେକ୍ଷଣରେ କୁହାଯାଇଛି ଯେ ଏହି ପ୍ରସଙ୍ଗରେ ଅଧିକ ଗବେଷଣା ଦରକାର। ତେବେ ଯାହାହେଉନା କାହିଁକି ଏ କ୍ଷେତ୍ରରେ ଜନସାଧାରଣମାନେ ନିର୍ଭୟର ସହିତ ଆଶ୍ୱାସନା ପାଇବା ଦରକାର ଯେ ୫ଜି ସେମାନଙ୍କ ପାଇଁ ହିତକର ନୁହେଁ।

***କନସ୍‌ଲଣ୍ଟାଟ ରେଡ଼ିଓଲୋଜିଷ୍ଟ,***
***ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,***
***ଦୂରଭାଷ : ୯୪୩୭୦୨୩୪୪୩***



*ଓଡ଼ିଆ ସାହିତ୍ୟ ଜଗତରେ ଅନ୍ୟତମ ଧୁରୀଣ ସ୍ରଷ୍ଟା ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଏକାଧାରରେ ଜଣେ ସଫଳ ଗାଳ୍ପିକ ଏବଂ ଔପନ୍ୟାସିକ ଭାବେ ସୁପରିଚିତ। ତାଙ୍କ ଲେଖାରେ ବର୍ଣ୍ଣନା ଶୈଳୀର ସ୍ୱତନ୍ତ୍ରତା ଏବଂ ସରଳତା ପାଠକୀୟ ଆଦର ଲାଭ କରିଛି। ସାମାଜିକ ଜୀବନ ଓ ସମ୍ପର୍କର ଢେଉ ଢେଉକା ପାହାଡ ପରି ସୁନ୍ଦର ଆବେଗଭରା ଶବ୍ଦ ସଂଯୋଗ ହିଁ ଶ୍ରୀ ଧଳ ମହାପାତ୍ରଙ୍କ ଗଳ୍ପ ଓ ଉପନ୍ୟାସରେ ଶିହରଣ ସୃଷ୍ଟି କରେ। ବେଳ ଭଲ ନାହିଁ ଉପନ୍ୟାସ ତାଙ୍କର ଏକ ଅନନ୍ୟ କୃତୀ ଭାବେ 'ଏକମାତ୍ର'ରେ ସ୍ଥାନ ପାଇଛି।*

**ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର**




# ବେଳ ଭଲ ନାହିଁ

**ରା**ଧୁ ନନା ଦୋକାନ ପାଖରେ ପହଞ୍ଚୁ ପହଞ୍ଚୁ କହିଲା ଆବେ ଚା ଫା ଟିକେ ଦିଅବେ, ଆଜି ଆମ ସାହିରେ ଗୋଟେ ଏଡେ ବଡ ଖୁସି ଖବର ପହଞ୍ଚିଛି। ସବୁ ପିଲା ମାଇପେ ତ ସକାଳୁ ପହରୁ ସେଠି ଜମା। ଘରେ କ'ଣ ଚୂଲି ଲାଗିଲାଣି ଯେ ଚା ଟିକେ ପିଇଥାଆନ୍ତି। ଅମଳ ବିଗିଡି ଗଲାରୁ ପା' ଧାଇଁ ଆସିଛି ତୋ ଦୋକାନ ଆଡେ।

କିଛି ନଜାଣିଲା ପରି ନୃପରାଜ ପଚାରିଲା– କି ଖୁସି ଖବର ଆସି ପହଞ୍ଚିଛି କି ଆମ ସାହିରେ ?

ତୁ କ'ଣ ଜାଣିନୁ କି, ସେ ସୁରଥ ଦା' ପୁଅ ପା' ବମ୍ୱେରୁ ଫେରି ଆସିଛି। ଯାହାହେଉ ଭଗବାନ ତା' ମାଆ ଡାକ ଶୁଣିଲେ। ଏବେ ସିନା ବୁଢ଼ୀର ହାତ ଗୋଡ ଚଳୁଥିଲା, ମୁଢ଼ିଫୁଢ଼ି ଭଜା କରି ଚଳି ଯାଉଥିଲା, ହାତ ଗୋଡ ଅଟକିବା ବେଳକୁ ତା' ମୁହଁରେ ପାଣି ଟୋପେ ଦେବାକୁ କିଏ ଥିଲା ?

ହଁ, ହଁ କିଏ ଗୋଟେ କଲେଜ ପିଲା ଏଇ କଥା କହି କହି ଯାଉଥିଲା ମୁଁ ଶୁଣିଲି ଯେ ହେଲେ ବିଶ୍ୱାସ କରୁନଥିଲି। ଏବେ ତମେ କହିବାରୁ ସତ ମଣିଲି। ଆଚ୍ଛା ସିଏ କ'ଣ ଏକା ଆସିଛି ନା ତା' ପିଲା ଛୁଆକୁ ଧରି ଆସିଛି ?

ପିଲା ଛୁଆ-କି ପିଲାଛୁଆ ?

ସେ ସେଠି ପା' ବାହାସାହା ହୋଇଥିଲା ?

ହଁ-ବାହା ହୋଇଥିଲା ଯେ, ହେଲେ କଣ୍ଟ୍ରାକ୍ଟ ମ୍ୟାରେଜ ଥିଲା। ବୋଧେ ତା' କଣ୍ଟ୍ରାକ୍ଟ ପୂରି ଯାଇଥିଲା, ତେଣୁ ତା' ସ୍ତ୍ରୀ ଆସିଲା ନାହିଁ।

କ'ଣ କହିଲ ରାଧୁନନା-କଣ୍ଟ୍ରାକ୍ଟ ମ୍ୟାରେଜ୍, ସେଇଟା କ'ଣ ?

ଆରେ ଏଇ ତ ତମ ସମୟରେ କଥା, ମୋତେ କ'ଣ ପଚାରୁଛ ?

ଜାଣିନି ବୋଲି ସିନା ପଚାରିଲି।

ହଁ- ତୁ ବା ଜାଣିବୁ କିପରି, ଇଏ କ'ଣ ଆମ ସମାଜର ଚଳଣିକୁ ଆସିଲାଣି ଯେ ତୁ ଜାଣିଥାଆନ୍ତୁ। କଣ୍ଟ୍ରାକ୍ଟ ମ୍ୟାରେଜର ଅର୍ଥ ହେଲା- ଏତିକି ବର୍ଷ ପର୍ଯ୍ୟନ୍ତ (ଧରିନିଅ ପାଞ୍ଚ ବର୍ଷ ଅବା ଦଶ ବର୍ଷ) ସ୍ୱାମୀ ସ୍ତ୍ରୀ ହିସାବରେ ରହିବା ପାଇଁ ରାଜି ହୋଇଲେ ଦୁଇ ଜଣ। ରାଜି ହେବା ପରେ କେତେଟି ସର୍ତ୍ତ ରହିବ ଉଭୟଙ୍କର। ଉଭୟେ ସେ ସର୍ତ୍ତରେ ରାଜି ହେଲେ ତାକୁ ରେଜିଷ୍ଟ୍ରେସନ କରାଇ ବାହା ହେବେ କୋର୍ଟରେ, କଣ୍ଟ୍ରାକ୍ଟ ସମୟ ସରିଲେ ବାହାଘର ସରିଗଲା, ସରିଯିବ ବି ସ୍ୱାମୀ ସ୍ତ୍ରୀଙ୍କର ସମ୍ପର୍କ। ତା'ପରେ ଉଭୟେ ପରସ୍ପର ପାଇଁ ହୋଇପଡିବେ ଅଚିହ୍ନା, ଅଜଣା ଓ ଅଲୋଡା।

ସନାତନ କ'ଣ ଏମିତି ସର୍ତ୍ତରେ ସେଠି ବାହା ହୋଇଥିଲା ?

ରାଜି ନହୋଇଥିଲେ ବାହା ହୋଇଥିଲା କେମିତି ?

ସେ ଯାହାକୁ ବାହା ହୋଇଥିଲା ସେ ଆମ ଦେଶୀ ଝିଅ ନା ବିଦେଶୀ ଝିଅ ଥିଲା ?

ନା-ନା, ଆମ ଦେଶୀ ଝିଅ ଥିଲା ବୋଲି କହୁଥିଲା।

ଆମ ଦେଶର ଝିଅମାନେ ତାହେଲେ ଆଗେଇ ଗଲେଣି ?

ଆଗେଇ ଗଲେଣି କି ପଛେଇ ଗଲେଣି ମୁଁ ତ ସେକଥା କହି ପାରିବି ନାହିଁ, ହେଲେ ଆମେ ଦେଶରେ ମଧ୍ୟ ଏକଥା ଆରମ୍ଭ ହୋଇଗଲାଣି।

ଆମର ଇଏ ସନାତନ, କ'ଣ କେମିତି ଫସିଗଲେ ସେଥିରେ ? ଆରେ ସନାତନ କ'ଣ କହୁଛୁ, ତୋର ପା' ସିଏ ବଡ ଭାଇ ମାନ୍ୟ ହେବ।

ହଁ ମ, ମୁଁ କ'ଣ ତାଙ୍କୁ ଚିହ୍ନିଛି, ଆମ ହାଇସ୍କୁଲରେ ପଢ଼ିଲା ବେଳେ ସେ ଘରଛାଡି ଯାଇଥିଲା। ତାଙ୍କ ମୁହଁଟା କେମିତିକା ଦେଖିବାକୁ ଏବେ ଚେଷ୍ଟା କରି ବି ମୁଁ ମନେ ପକାଇ ପାରୁନି। ତେଣୁ କି ମାନ୍ୟ କରି କହିଥାଆନ୍ତି।

ଫସିଗଲା କ'ଣ ଇଏ। ଇଏ ତ ସିନେମାରେ ହିରୋ ହେବ ବୋଲି କଟକରେ କରୁଥିବା କାମଦାମ ଛାଡି ଲୁଚିକରି ବମ୍ୱେ ପଳାଇଥିଲା। ସିନେମା ନିଶାରେ ସିନା ପଳାଇଲା, ହେଲେ ବମ୍ୱେ ପରି ସହରରେ ଚଳିବା ପାଇଁ ପକେଟରେ ଡାବୁ ଥିଲେ ତ। କିଛିଦିନ ଏପଟ ସେପଟ ହୋଇ ବୁଲାବୁଲି କଲା ଚାକିରି ପାଇଁ, ଚାକିରି କ'ଣ ଥୁଆ ହୋଇଛି ଏତେ ସହଜରେ ମିଳି ଯାଇଥାଆନ୍ତା, ଏମିତି ବୁଲାବୁଲି କଲା ଭିତରେ ସେ ଯାହାକୁ ବାହା ହୋଇଛି ତା' ସହ ଭେଟ ଘାଟ ହୋଇଗଲା। ଏ ଟୋକାଟା ତ ସୁନ୍ଦରିଆ ଓ ହାଠା କାଠା ଟୋକାଟିଏ ଥିଲା। ଯାକୁ ଦେଖି ସେ ଟୋକି ଫଶିଗଲା। ସେ ଝିଅଟା କେଉଁ ଗୋଟେ ହୋଟେଲରେ ରିସେପସନିଷ୍ଟ ଥିଲା। ଯାର ହାଲ ହରକତ ଶୁଣି ତାକୁ ବି କେଉଁ ଗୋଟେ କମ୍ପାନୀରେ କାମରେ ଲଗାଇ ଦେଲା। ଇଏ ସିନା କାମଟେ ପାଇଗଲା ତା' ଦୟାରୁ ହେଲେ ବମ୍ୱେରେ ରହିବା ପାଇଁ ଘର କେଉଁଠି ପାଇବ। ପୁଣି ଯାଇ ପହଞ୍ଚିଲା ସେ ଝିଅ ପାଖରେ। ସେ ଝିଅ ଗୋଟେ ବଖୁରିକିଆ ଫ୍ଲାଟ୍ ଭଡାରେ ନେଇ ରହୁଥିଲା। ତା' ଆୟକୁ ବି ଭଡା ଅଧିକ ହୋଇଯାଉଥିଲା, ତେଣୁ ରୁମ୍ ସେୟାର କରି ରହିବା ପାଇଁ ସେ ରାଜି ହୋଇଗଲା।

(କ୍ରମଶଃ)

# ଉପହାସ

**ସୁବ୍ରତ ମଲିକ**

ପ୍ରାଚୀ ନଗରର ଓ୍ୱେଷ୍ଟ କଲୋନୀକୁ ପ୍ରବେଶ କରୁ କରୁ ସୁପର୍ଣ୍ଣା ଦେବୀଙ୍କ ମନରେ ଆଶଙ୍କାର ଲହରୀମାଳା ସୁନାମୀର ରୂପ ଧାରଣ କରିବାକୁ ଲାଗିଲା। କାରଣ ତାଙ୍କର ଭଲ ଭାବରେ ମନେ ଥିଲା ଯେ, ପରିସ୍ଥିତିରେ ପଡ଼ି ପ୍ରଥମେ ପ୍ରଥମେ ଦେହ ବ୍ୟବସାୟ ଆରମ୍ଭ କଲାବେଳେ ନୂଆ ନୂଆ ଯୌବନରେ ମଦ ମତ୍ତ ହୋଇଯାଇଥିବ ଏହି ଓ୍ୱେଷ୍ଟ କଲୋନୀର ଯୁବକମାନେ ହିଁ ତା'ର ନିତିଦିନିଆ ଗ୍ରାହକ ଥିଲେ। ଏହା ଭିତରେ କେତେ ବର୍ଷ ବିତିଯାଇଛି। ସେ ବି ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି। କେତେକ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ଯୋଗୁଁ ସେ ପୁନର୍ବାର ସମାଜର ମୁଖ୍ୟସ୍ରୋତରେ ନିଜକୁ ସାମିଲ କରିପାରିଛି। ରୋଜଗାରର ମାଧ୍ୟମ ରୂପେ ଟେଲରିଂ କରି ସେଥିରୁ ନିଜର ଗୁଜୁରାଣ ମେଣ୍ଟାଇବା ସହିତ ଆଉ କେତେ ଜଣ ମହିଳାଙ୍କୁ ମଧ୍ୟ ଏଥିରେ ସାମିଲ କରିଛି।

ସେଦିନ ରାକ୍ଷୀ ପୂର୍ଣ୍ଣମୀରେ ନିଜ ପାଖେ କାମ କରୁଥିବା ଜଣେ ମହିଳାଙ୍କ ଅନୁରୋଧ କ୍ରମେ ତା'କୁ ଓ୍ୱେଷ୍ଟ କଲୋନୀକୁ ଯିବାକୁ ପଡ଼ିଥିଲା, ଯେହେତୁ ଓ୍ୱେଷ୍ଟ କଲୋନୀରେ ସେହି ମହିଳାଙ୍କ ଘର। ଯଦି କେହି ଚିହ୍ନିପକାନ୍ତି ତେବେ ବିଭିନ୍ନ ପ୍ରକାର ଖରାପ କମେଣ୍ଟ ଶୁଣିବା ସହିତ ଆହୁରି କେତେ କଣ ସହିବାକୁ ପଡିବ ତାକୁ। ଏହି ପରି ଆଶଙ୍କାଗ୍ରସ୍ତ ହୋଇ ପାଦ ଗଣି ଗଣି ଯାଉଥିଲା ବେଳେ ଅର୍ଜୁନ ନାମକ ଜଣେ ବିବାହିତ ଯୁବକ ଦୂରରୁ ଚିହ୍ନି ପାରି ତା ଘର ପାଖକୁ ଆସିବାକୁ ଡାକ ଛାଡିଲା। ସେଠି ସୁପର୍ଣ୍ଣା ଦେବୀ ପହଞ୍ଚିବା ପରେ ସେ ଯେପରି ଭାବୁଥିଲେ ସେପରି କିଛି ଘଟିବାକୁ ଲାଗିଲା। ଅର୍ଜୁନ ବିଭିନ୍ନ ପ୍ରକାର ଅଶାଳୀନ ତଥା କଟୋକ୍ତି ମନ୍ତବ୍ୟ ଦେବା ସହିତ କାମୋଦ୍ଦୀପକ ଚାହାଣୀରେ ଇସାରା କରିବାକୁ ଲାଗିଲା, ଯାହା ସୁପର୍ଣ୍ଣା ଦେବୀଙ୍କୁ ଲଜ୍ଜାବୋଧ କରିବାକୁ ଯଥେଷ୍ଟ ଥିଲା। ଏହି ସମୟରେ ଅର୍ଜୁନର ପତ୍ନୀ ଅହଲ୍ୟା ସେଠାରେ ଆସି ଉପସ୍ଥିତ ହୋଇ ସୁପର୍ଣ୍ଣା ଦେବୀଙ୍କୁ ପ୍ରଣାମ କରିବା ସହିତ ଘର ଭିତରକୁ ଆସିବାକୁ ଅନୁରୋଧ କଲେ। ଏହା ଦେଖି ଅର୍ଜୁନ ତଟସ୍ଥ ହୋଇ ରହିଗଲା। ସେ ଯାହାକୁ ଏତେ ସମୟ ଧରି ଅଭଦ୍ରାମୀ ବ୍ୟବହାର କରିଆସୁଛି, ଯାହା ସହିତ ସେ କେତେ ରାତି ଅବିବାହିତ ଅବସ୍ଥାରେ ଗଣିକାଳୟରେ ଅତିବାହିତ କରି ନିଜ ନବ ଯୌବନ ତୃଷ୍ଣାର ନିବାରଣ କରିଛି ତା ପ୍ରତି ନିଜ ସ୍ତ୍ରୀର ଏତାଦୃଶ ବ୍ୟବହାର ତା'କୁ ଏକ ଗଣିତ ପହେଳି ଭଳି ଲାଗିଲା। ଏହା ସହିତ ଅର୍ଜୁନକୁ ଏହି ଡର ମଧ୍ୟ ଘାରିବାକୁ ଲାଗିଲା ଯେ, ଯଦି ସୁପର୍ଣ୍ଣା ଦେବୀ ତାଙ୍କ ଦୁହିଁଙ୍କ ମଧ୍ୟରେ ଅତୀତରେ ଥିବା ସମ୍ପର୍କକୁ ତାଙ୍କ ପତ୍ନୀ ଅହଲ୍ୟାଙ୍କ ସମ୍ମୁଖରେ ପ୍ରକାଶ କରିଦିଅନ୍ତି ତେବେ ତା'ର ଅବସ୍ଥା କଣ ହେବ ? କିଛି ସମୟ ପୂର୍ବରୁ ଅନ୍ୟକୁ ଉପହାସ କରୁଥିବା ବ୍ୟକ୍ତି ଆଉ କିଛି ସମୟ ମଧ୍ୟରେ ନିଜକୁ ଅନ୍ୟ ପାଖରେ ଉପହାସର ପାତ୍ର ଭାବରେ ଚିତ୍ରିତ ହେବାର ପାଇବ।

ତଥାପି ଅର୍ଜୁନ ମନ ଭିତରୁ ବହୁତ କଷ୍ଟରେ ସାହସ ଜୁଟାଇ ନିଜ ପତ୍ନୀ ଅହଲ୍ୟାକୁ ସୁପର୍ଣ୍ଣା ଦେବୀଙ୍କ ସହିତ କିପରି ପରିଚୟ ହେଲା ବୋଲି ପ୍ରଶ୍ନ କଲା। ପ୍ରତ୍ୟୁତ୍ତରରେ ସେ କାମ କରୁଥିବା ବ୍ୟାଙ୍କକୁ ସୁପର୍ଣ୍ଣା ଦେବୀ ନିଜ ଟେଲରିଂ ଉଦ୍ୟୋଗ ପାଇଁ ଋଣ ଆଣିବା ଓ ପରିଶୋଧ କରିବା ପାଇଁ ନିୟମିତ ଅନ୍ତରାଳେ ଯିବା ଆସିବା କରିବା ଯୋଗୁଁ ସେମାନଙ୍କ ଭିତରେ ଚିହ୍ନା ପରିଚୟ ହୋଇଥିବା ପ୍ରକାଶ କଲା। ଏହା ପରେ ଯେତେବେଳେ ଅର୍ଜୁନକୁ ତା'ର ପତ୍ନୀ ଅହଲ୍ୟା ସେହି ସମାନ ପ୍ରଶ୍ନ କଲା, ଅର୍ଜୁନର ମୁଖମଣ୍ଡଳୀରେ ବିସ୍ମୟବାଚକ ପ୍ରଶ୍ନ ଚିହ୍ନ ଦୃଶ୍ୟମାନ ହେଲା। ପଛ ବେଞ୍ଚର ଛାତ୍ରଟେ ପରି ଅର୍ଜୁନ ପାଖରେ ଏହାର କୌଣସି ଉତ୍ତର ନ ଥିଲା। ସୁପର୍ଣ୍ଣା ଦେବୀ ଅର୍ଜୁନର ପରିସ୍ଥିତିକୁ ହୃଦୟଙ୍ଗମ କରି ନିଜେ ସେହି ପ୍ରଶ୍ନର ଉତ୍ତର ଦେଇ କହିଲେ, ମୋତେ ଥରେ କିଛି ଅଭ୍ୟାସଗତ ବାତରା ପିଲା ବାଇକରେ ଫଲୋ କରି ଖରାପ କମେଣ୍ଟ କରିବା ସହ ମୋ ବେକର ସୁନା ଚେନକୁ ଲୁଟିବାକୁ ଉଦ୍ୟମ କରୁଥିବାବେଳେ କୌଣସିମତେ ଆପଣଙ୍କ ସ୍ୱାମୀ ସେଠାରେ ପହଞ୍ଚି ସେମାନଙ୍କ ଦାଉରୁ ମୋତେ ରକ୍ଷା କରିଥିଲେ। ସେହିଦିନ ଆପଣଙ୍କ ସ୍ୱାମୀ ଅର୍ଜୁନଙ୍କ ସହ ମୋର ପ୍ରଥମ ଥର ପରିଚୟ ହୋଇଥିଲା। ଏତିକ କଥା ଶୁଣି ସାରି ଅହଲ୍ୟା ସେମାନଙ୍କ ପାଇଁ ପାଣି ଗ୍ଲାସ ଆଣିବା ନିମନ୍ତେ ରୋଷେଇ ଘର ଭିତରକୁ ଚାଲିଗଲା।



ଏହା ପରେ ଅର୍ଜୁନ ଲଜ୍ଜିତ ଅନୁଭବ କରିବା ସହ ନିଜ ପାଖରେ ନିଜକୁ ଛୋଟ ମନେ କଲା। ସୁପର୍ଣ୍ଣା ଦେବୀଙ୍କ ଅଦାଲତରେ ଅପରାଧୀଟିଏ ପାଲଟିଗଲା ୟ ନିଜ ଭୁଲର ଦଣ୍ଡ ସ୍ୱରୂପ ସୁପର୍ଣ୍ଣା ଦେବୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରି ପ୍ରାୟଶ୍ଚିତ କରିବାକୁ ଚେଷ୍ଟା କଲା। ସୁପର୍ଣ୍ଣା ଦେବୀ ମଧ୍ୟ ଅତୀତକୁ ଭୁଲିଯାଇ ଦୟା, କ୍ଷମା, କରୁଣାରୂପକ ମାନବୀୟ ମୂଲ୍ୟବୋଧ ପ୍ରଦର୍ଶନ କରି ଅର୍ଜୁନଙ୍କୁ କ୍ଷମା କରିଦେଲେ ଓ ତା'ର ପତ୍ନୀ ପାଣି ଗ୍ଲାସ ଧରି ପୁନଶ୍ଚ ସେଠି ଉପସ୍ଥିତ ହେବା ପୂର୍ବରୁ ବିଦାୟ ନେଇ ସେଠାରୁ ପ୍ରତ୍ୟାବର୍ତ୍ତନ କଲେ।

*ମଙ୍ଗଳପୁର, ଅସୁରାଳି, ଭଦ୍ରକ*
*ଦୂରଭାଷ : ୭୨୦୫୫୩୦୯୨୬*

# ମୋ ଗାଁରେ ସଞ୍ଜ



**ସଂଶୟ କୁମାର ସାହାଣୀ**





**ଦେ**ବୀ ନଦୀ ପରେ ପଶ୍ଚିମ ଦିଗରେ
ସୂର୍ଯ୍ୟ ଯେବେ ଅସ୍ତ ଯାଏ
ପାଳେନ୍ଦି ଜଙ୍ଗଲୁ ଗାଈଆଳ ଭାଇ
ବଂଇଁଶୀର ସ୍ୱନ ଗାଏ।

ଗୋଧୂଳି ଉଡଇ ବାଟଭେଡା ସାରା
ହମ୍ବା ରଡି ଶୁଭୁଥାଏ
ଗାଈ ଆଗେ ଆଗେ ଅଝଟ ବଛୁରି
ନାଚି ନାଚି ଫେରୁଥାଏ।

ନିଡଗାମୀ ସବୁ ବିହଙ୍ଗମଙ୍କର
କିଚିରି ମିଚିରି ଶବ୍ଦେ
ମୋ ଗାଁ ପରିବେଶ ଚମକି ଉଠଇ
କାଉ କୋଇଲିର ରାବେ।

ଖେଳ ପଡିଆରୁ ମୋ ଗାଁ ବାଳକ
ଘର ମୁହାଁ ଯେବେ ହୁଏ
ମାଆର ପଣତେ ମୁହଁଟିକୁ ପୋଛି
ଗୋଡ ହାତ ସବୁ ଧୁଏ।

ଅଲେଖ ମଠରୁ ଝାଟୁ ଦାଶ ବାବା
ମହିମା ଅଲେଖ ଡାକେ
କୁତାମ ଚଣ୍ଡୀଙ୍କ ମନ୍ଦିର ବେଢ଼ାରୁ
ଘଣ୍ଟ ଘଣ୍ଟା ଶବ୍ଦ ଆସେ।

ଗାଁ ଭୁଆଶୁଣି ତରବର ହୋଇ
ସଂଜ ବଳିତାଟେ ବୋଳି
ମନ୍ଦିର ପ୍ରାଙ୍ଗଣେ ଉପସ୍ଥିତ ହୁଏ
ମୁଣ୍ଡରେ ଓଢ଼ଣା ତୋଳି।

ଭାଗବତ ଟୁଙ୍ଗି ଲୋକାରଣ୍ୟ ହୋଇ
ହୁଏ ବୃଦ୍ଧବୃଦ୍ଧା ମେଳି
ପୁରାଣ ପଢ଼ାର ଆସର ଜମଇ
ଭକ୍ତି ଭାବ ଯାଏ ଖେଳି।

ଆଖଡା ଟୁଙ୍ଗିରୁ ଦାମ ଆପଣେଙ୍କ
ତାକ ଥିନା ଥିନି ତାନ
ସଂଧ୍ୟା ପରିବେଶ ଉଚ୍ଛୁଳି ଉଠଇ
ଆନନ୍ଦିତ ହୁଏ ମନ।

ଧଡି ଅବଧାନ ଚାଟଶାଳୀ ଠାରେ
ଡିବି ଲଣ୍ଠନ ଜଳାଇ
ଦିନର ପାଠକୁ ସଂଧାରେ ଘୋଷାନ୍ତି
ବେତ ବାଡିକୁ ହଲାଇ।

ବଦଳି ଯାଇଛି ଗାଁ ପରିବେଶ
ନରମି ଯାଇଛି ସ୍ୱର
ସହରୀ ସଭ୍ୟତା ଗାଁକୁ ଗ୍ରାସିଛି
ସବୁ ହୁଏ ନାରଖାର।

ଭାଗବତ ଟୁଙ୍ଗି ଗାଁରୁ ହଜିଛି
ନାହିଁ ସେ ଆଖଡା ଘର
ଗାଈଆଳ ଭାଇ ଗାଇ ରଖୁନାହିଁ
ଶୁଭୁନି ବଂଇଁଶୀ ସ୍ୱର।

ଯୁବକ ଶୂନ୍ୟ ହୋଇଛି ମୋ ଗାଁ
ସମସ୍ତେ ବିଦେଶ ମୁହାଁ
ଦାଦନ ଜୀବନ ଆଦରି ନେଇଛି
ନ ମିଳଇ ମୁହଁ ଚାହାଁ।

ନିତି ମୁଁ ଝୁରୁଛି ସେକାଳ ସଞ୍ଜକୁ
ହରାଇ ଗ୍ରାମ୍ୟ ଜୀବନ
ପାଇ ହଜାଇଛି ଖୋଜି ମୁଁ ପାଉନି
ବିଳାପୀ ଉଠଇ ମନ।

*ଅଲଣା-୨, ନାଉଗାଁ ହାଟ,*
*ଜଗତସିଂହପୁର*
*ଦୂରଭାଷ : ୯୪୩୮୨୭୬୨୦୦*



# ଯକ୍ଷ ପ୍ରଶ୍ନ

**ସୁଧାଂଶୁ ଶେଖର ଦ୍ୱିବେଦୀ**



**ତୁ**ମେ ସେଠି ଅସହାୟ
ମୁଁ ଏଠି ନିରୁପାୟ
ମଝିରେ ଦୁନିଆ।
ଆଜି ଆମେ ସବୁ ଅଭିଶପ୍ତ
ଅର୍ଜିତ ପୂଣ୍ୟ
ସବୁ ନିଷ୍ଫଳ,ନିରର୍ଥକ।
ସ୍ୱର୍ଗରୁ ମାଗି ଆଣିଥିବା ସୁଖ
ଏବେ ଯନ୍ତ୍ରଣାରେ ଚିତ୍କାର କରୁଛି।
କି ପାପ କରିଛ ତୁମେ
କି ପାପ କରିଛି ମୁଁ
କି ପାପ କରିଛନ୍ତି ଲୋକେ
କି ପାପ କରିଛି ସାରା ଜଗତ... ?
ଯେଉଁଥିପାଇଁ ଆଜି ମାଡ଼ିଆସିଛି
କରୋନାର ମହାମାରୀ।
ତନୁ ଥିଲା ବୃନ୍ଦାବନ
ଆଜି ତାହା ଶୀଳାବତ
ମନ ଥିଲା ନଟବର
ଆଜି ତାହା ତଥାଗତ
କିଛି ବି କୋଉଠି ଉତ୍ତର ମିଳୁନି
କିନ୍ତୁ ସମ୍ମୁଖରେ
ଯକ୍ଷ ପ୍ରଶ୍ନ ଅସୁମାରୀ।

*ବିସି-୭୪,ସଲଟ ଲେକ,କଲକାତା-୬୪*
*ମୋ-୬୨୯୧୩୪୨୨୫୯*

# କବିତାର କଥା

(ଭାଗ-୨୬)



**ଉମାକାନ୍ତ ରାଉତ**



## ମୌଳିକତାର ନବଗୁଞ୍ଜର - ସାରଳା ସାହିତ୍ୟ

ଯେତେବେଳେ ଆହରଣ, ବରଣ, ଅନୁକରଣ ଏବଂ ଲେଖାଚୋରି (plagiarism)ଆଦି ପ୍ରସଙ୍ଗ ଧରାପଡେ କେହି କେହି ଅନଭିଜ୍ଞ ସାରଳା ଦାସ, ଜଗନ୍ନାଥ ଦାସ ଆଦିଙ୍କ ଆଳ ନେଇ ନିଜକୁ ରକ୍ଷା କରିବାର ଶସ୍ତା ବାଟ ଆପଣେଇ ନେବାର ମୁଁ ଲକ୍ଷ୍ୟ କରିଛି। ଏଭଳି ସୁବିଧାବାଦୀ ଓ ପଳାୟନପନ୍ଥୀମାନଙ୍କୁ (ପୂର୍ବ ଭାଗରେ କୁହାଯାଇଥିବା ଆକାଶକୁ କିଛି ସମୟ ଉଜାଳା କରି ପୁଣି ନିଶ୍ଚିହ୍ନ ହୋଇଯାଉଥିବା କ୍ଷତିକାରକ ଉଲ୍କା ଭଳି ହଠାତ୍ କବିଡିଣ୍ଡିମଙ୍କୁ) ମୁଁ ସ୍ପଷ୍ଟ ଭାବରେ ସୂଚାଇ ଦେବାକୁ ଚାହେଁ ଯେ ସଂସ୍କୃତ ମହାଭାରତର ଅନୁସରଣରେ ହୋଇଥିଲେ ହେଁ ସାରଳାଙ୍କ କୃତ ମହାଭାରତ ସମ୍ପୂର୍ଣ୍ଣଭାବେ ମୌଳିକ ଓ ଅନନ୍ୟ।

ତାଙ୍କ ପୂର୍ବରୁ ଓଡିଆ ସାହିତ୍ୟରେ କୌଣସି କାବ୍ୟ ରଚନା ହୋଇ ନଥିଲା। ପୁଣି ପୂର୍ବରୁ କୁହାସରିଛି ଯେ ତାଙ୍କ ରଚନାରେ ଓଡ଼ିଶାର ସଂସ୍କୃତି , ସମାଜ, ରଜନୀତିକ ପରମ୍ପରା, ଇତିହାସ, ଭୂଗୋଳ, ଭାଷା ଓ ସାହିତ୍ୟ ଖୁନ୍ଦି ହୋଇ ରହିଛି। ସମସ୍ତ ସାମାଜିକ ପ୍ରତିବନ୍ଧକ ଓ ବ୍ରାହ୍ମଣବାଦର ଦୌରାତ୍ମ୍ୟ ସତ୍ତ୍ୱେ ପ୍ରଥମ କରି ସେ ପ୍ରାକୃତ (ଲୌକିକ) ଭାଷାରେ କାବ୍ୟ ରଚନା କରି ସର୍ବଜନ ଆଦୃତ ହେବାସହ ଓଡ଼ିଆ ଭାଷାକୁ ପ୍ରତିଷ୍ଠା କରିବାର ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେଥିପାଇଁ ସିଏ ଓଡ଼ିଆ ସାହିତ୍ୟର ନବଜାଗରଣର ସ୍ରଷ୍ଟା ଓ ଓଡ଼ିଆ ସାହିତ୍ୟର ଜନକ।

ମୌଳିକତା ପ୍ରସଙ୍ଗ ଆଲୋଚନାବେଳେ ଯେଉଁ କେଇଟି ମୁଖ୍ୟ କଥା ମନକୁ ଆସୁଛି, ସେଗୁଡ଼ିକ ହେଲା – ତାଙ୍କ କାବ୍ୟିକ କଳ୍ପନାରୁ ଉଦ୍ଭୁତ ନବଗୁଞ୍ଜର ଉପାଖ୍ୟାନର ଲେସ୍ ମାତ୍ର ପ୍ରଶ୍ନ ସଂସ୍କୃତ ଭାଗବତରେ ନାହିଁ। ନବରୂପ ମଧ୍ୟରେ ସମନ୍ୱୟ ସ୍ଥାପନ କରି ତାଙ୍କ କାବ୍ୟିକ ଚେତନାରୁ ସୃଷ୍ଟି ହୋଇଥିବା ନବଗୁଞ୍ଜର ବେଶ ସର୍ବଧର୍ମ ସମନ୍ୱୟର ବାର୍ତ୍ତା ଦେବାସହ ମଣିଷ ଜୀବନର ଶ୍ରେଷ୍ଠତାକୁ ପ୍ରତିପାଦିତ କରାଇଥିଲା। ତାଙ୍କର କାବ୍ୟିକ କଳାଚାତୁରୀରେ ସେ ମଣିଷକୁ ଦେବତା ସ୍ତରକୁ ଓ ଦେବତାକୁ ମଣିଷ ସ୍ତରକୁ ଓହ୍ଲାଇ ଆଣିଛନ୍ତି। ତାଙ୍କ କାବ୍ୟିକ କଳ୍ପନାର ଅଦ୍ଭୁତ କାରନାମା ମାଧ୍ୟମରେ ଯେପରି ଓଡ଼ିଶା ପରିପ୍ରେକ୍ଷୀରେ ବୌଦ୍ଧଧର୍ମ, ନାଥଧର୍ମ ଓ ଶୈବଧର୍ମ ସବୁ ମିଶି ଏକାକାର ହୋଇ ଜଗନ୍ନାଥ ଧର୍ମ (ମାନବୀୟ ଧର୍ମ)ରେ ବିଲୀନ ହୋଇଯାଇଥିଲା। ସେହିଭଳି ତାଙ୍କ କାବ୍ୟରେ ବାବନା ଭୂତ ଉପାଖ୍ୟାନ ଭଳି ଓଡ଼ିଆ ଲୋକ ସାହିତ୍ୟ ଓ ବିଶ୍ୱାସ ପରମ୍ପରା ଜଡ଼ିତ ଅନେକ ମୌଳିକ ପ୍ରସଙ୍ଗ ରହିଛି, ଯାହା ବର୍ଣ୍ଣନା ସାପେକ୍ଷ।

ଆଜିର କବି ଯେଉଁ ମୁକ୍ତଛନ୍ଦ, ଗଦ୍ୟ କବିତା ଅଥବା ଅନ୍ତର୍ଛନ୍ଦ ଥିବା ଆଧୁନିକ କବିତା ଲେଖି ବାହାବା ଗୋଟାଉଛି, ତା'ର ଆଦ୍ୟକର୍ତ୍ତା ହେଉଛନ୍ତି ମହାକବି ସାରଳା ଦାସ। ତାଙ୍କର ଯୁଗାନ୍ତକାରୀ ସାହସିକ ପଦକ୍ଷେପ ହେଉଛି ଦାଣ୍ଡୀବୃତ୍ତରେ କବିତା ରଚନା ଯାହାକି ପରବର୍ତ୍ତୀ କାଳରେ ସ୍ରଷ୍ଟା ମାନଙ୍କୁ ଆକର୍ଷିତ କରିଥିଲା ଏବଂ ଏବେ ତାହା ବହୁଳଭାବେ ବ୍ୟବହୃତ।

ଏବର ସମାଜରେ ରାଜନୈତିକ ରୁଟି ସେକିବାକୁ ହେଉ କି ନିଜକୁ ନାରୀବାଦୀ କବି/ ଲେଖକ ବୋଲି ଦେଖେଇ ହେବାକୁ ହେଉ, ସାମ୍ୟବାଦ, ଦଳିତବାଦ, ଧର୍ମବାଦ, ନିରପେକ୍ଷବାଦ ଆଦି କାନକୁ ରୋଚକ ଶୁଭୁଥିବା ଶବ୍ଦଗୁଡ଼ିକ ଭଳି ନାରୀବାଦ (feminism), ନାରୀ ସଶକ୍ତିକରଣ(women empowerment), ମିଶନ୍ ଶକ୍ତି ଆଦି ମୋହରଟେ ମାରି କେତେକ ସୁବିଧାବାଦୀ ମାଛ ତେଲରେ ମାଛ ଭାଜିବା ଚାଲାଖିରେ କେରାଣ୍ଡି ପକାଇ ବାଳିଆ ମାରିନେବା ଚକ୍କରରେ ଅଛନ୍ତି। ଏମାନେ ଭାରତୀୟ ଦର୍ଶନ ଓ ସାଂସ୍କୃତିକ ପରମ୍ପରାରେ ନିହିତ ନାରୀର ଅସଲ ସ୍ୱରୂପ , ଅନ୍ତର୍ନିହିତ ଶକ୍ତି ଏବଂ ସର୍ବଶକ୍ତିମୟତାକୁ ଅଣଦେଖା କରି ପାଶ୍ଚାତ୍ୟର ପ୍ରଦର୍ଶନସର୍ବସ୍ୱ ଫୋପଡା ସଂସ୍କୃତିରେ (USE & THROW) ବାଇ ହୋଇ ନାରୀର ଅଙ୍ଗପ୍ରତ୍ୟଙ୍ଗ ପ୍ରଦର୍ଶନ, ଜାନୁ, ଯୋନି ଓ ଯୌନ ଉଦ୍ଦୀପକ ବର୍ଣ୍ଣନା ଏବଂ କେବଳ ପୁରୁଷ ସହ ପ୍ରତିଯୋଗିତାକୁ ସେମାନଙ୍କ ନାରୀବାଦୀ ଚେତନାର ବିଭବ କରିବା ଭ୍ରମରେ ପଡ଼ିଛନ୍ତି ! ଏଥିରେ ନାରୀତ୍ୱ କି ନାରୀ ସଶକକ୍ତିକରଣର ଆନ୍ତରିକତା ଅପେକ୍ଷା ନିଜକୁ ବୋଲ୍ଡ (BOLD) ବୋଲି ଦେଖେଇ ହେଇ ନିଜର ମଲ୍ଲିକା ସେରାଓ୍ୱତୀୟ ଅବା ରାକ୍ଷୀ ସାଓ୍ୱନ୍ତୀୟ ପ୍ରଚାରର ଲୁକ୍କାୟିତ ମସୁଧାଟି ଅଧିକ ପ୍ରଖର ଓ ପ୍ରାଞ୍ଜଳ ଦିଶୁଛି।

ହେଲେ ଏସବୁର ବାସ୍ତବ ରୂପାୟନ ଦେଖିବାକୁ ମିଳେ ସାରଳାଙ୍କ କାବ୍ୟ କୃତିରେ। ତାଙ୍କର ପ୍ରତ୍ୟେକ ଗ୍ରନ୍ଥରେ ନାରୀର ସ୍ୱାଭିମାନ, ସ୍ୱାତନ୍ତ୍ର୍ୟ ଓ ପରାକାଷ୍ଠା ପ୍ରକଟିତ। ନାରୀକୁ ଗୁରୁତ୍ୱ ଦେବାପାଇଁ, ତାର ଶ୍ରେଷ୍ଠତ୍ୱକୁ ପ୍ରତିପାଦନ କରିବାପାଇଁ ତାଙ୍କର ସର୍ଜନାରେ ସେ ପୁରୁଷର ଭୂମିକାକୁ ତୁଚ୍ଛ/ନୀଚ ସ୍ଥାନରେ ଥୋଇଛନ୍ତି। ତାକୁ ଚିର ବନ୍ଦନୀୟା କରିବାକୁ ତାଙ୍କ ରଚନାବଳୀ ପରୋକ୍ଷରେ ପୁରୁଷର ଅହଂ, ଜିଦ୍, ପ୍ରାଧାନ୍ୟ, ତୁଚ୍ଛା ଆଭିଜାତ୍ୟ ଓ ପୁରୁଷପ୍ରଧାନ ଆଧିପତ୍ୟକୁ ନ୍ୟୁନ ଦୃଷ୍ଟିରେ ଦେଖିଛି, ଧିକକାର କରିଛି। ମହାଭାରତରେ ସୈରିନ୍ଧ୍ରୀ, ବିଲଙ୍କା ରାମାୟଣରେ ମାଆ ସୀତା, ଚଣ୍ଡୀ ପୁରାଣରେ ମା' ଶକ୍ତି ଆଦି ଏହାର ଉତ୍କୃଷ୍ଟ ଉଦାହରଣ। ତାଙ୍କ ରଚନା ସମୂହର ସାମଗ୍ରୀକ ସ୍ୱରରେ ସେ ସୂଚେଇ ଦେବାକୁ ଚାହିଁଛନ୍ତି – ନାରୀ ସ୍ୱୟଂସମ୍ପୂର୍ଣ୍ଣା ଓ ସର୍ବଶକ୍ତିମୟୀ ମାଆ।

ଲେଖାଚୋରୀ (plagiarism) ଧରାପଡିଗଲା ଉତ୍ତାରେ ନିଜର ଦୌଯ୍ୟବୃତ୍ତିକୁ ଏକ ସାରସ୍ୱତ ଅନୁସୃଜନ କହି ସାରଳାଙ୍କର ବାହାନା ନେବାକୁ ହୀନ ପ୍ରୟାସ କରୁଥିବା ନୀଚମନା ଅକବି/ ଅଲେଖକ ତଥା ଲେଖାଚୋରମାନଙ୍କୁ (plagiarists), ସାରଳା କେମିତି ସଂସ୍କୃତ ମହାଭାରତର ଢାଞ୍ଚାଗତ (ଝଙ୍କୃୟରକ୍ଷ) ପରିବର୍ତ୍ତନ କରି ଓଡ଼ିଶା ପରିପ୍ରେକ୍ଷୀରେ ନୂତନ ମୌଳିକତାର ମହୁଭରା ଅମୃତପସରା ପରଷି ଦେଇଛନ୍ତି, ସେଇକଥା କାନମୋଡି ବୁଝାଇଦେବାକୁ ପରବର୍ତ୍ତୀ ଭାଗରେ ସାଧ୍ୟମତେ ଯତ୍ କିଞ୍ଚିତ ଚେଷ୍ଟା କରିବି।

(କ୍ରମଶ)

*କଥା ହୁଅନ୍ତୁ : ୯୪୩୭୨୬୭୧୨୫*

# ପଞ୍ଚାୟତ ନିର୍ବାଚନ ଲକ୍ଷ୍ୟରେ ଦଳ ସୁପ୍ରିମୋ ଯେଉଁ ଗୋଟି ଝଳନା କଲେ ସେଥିରେ ଜିଲ୍ଲାରେ ଅସନ୍ତୋଷ ବୃଦ୍ଧି

**ଜଗତ୍‌ସିଂହପୁର, (ଜ୍ୟୋତିରଞ୍ଜନ ପଟ୍ଟନାୟକ) :** ଆଗାମୀ ପଞ୍ଚାୟତ ନିର୍ବାଚନ ଏବଂ ପୌର ନିର୍ବାଚନକୁ ଲକ୍ଷ୍ୟ ରଖି ବିଜେଡି ଦଳ ସୁପ୍ରିମୋ ନବୀନ ପଟ୍ଟନାୟକ ଯେଉଁ ପର୍ଯ୍ୟବେକ୍ଷକ ଓ ମହିଳା ସଂଗଠନକୁ ମଜଭୁତ କରି ନିର୍ବାଚନ ପ୍ରସ୍ତୁତି ଆରମ୍ଭ କରିଛନ୍ତି ସେଥିରେ ଜଗତ୍‌ସିଂହପୁର ଜିଲ୍ଲାରେ ଦଳର ପ୍ରଭାବ ବଢ଼ିବ ନା କମିବ ସେ ନେଇ ରାଜନୈତିକ ପର୍ଯ୍ୟବେକ୍ଷକ ମହଲରେ ଆଲୋଚନା ହେଲାଣି । ଜଗତ୍‌ସିଂହପୁର ଜିଲ୍ଲାରେ ୪ଗୋଟି ବିଧାନ ସଭା ଆସନ ମଧ୍ୟରୁ ସବୁଥିରେ ବିଜେଡି ତା'ର ସ୍ଥାନ ବଜାୟ ରଖିଥିବା ବେଳେ ଅସନ୍ତୋଷ ଏଥିରେ ଥମି ନାହିଁ । ଜଗତ୍‌ସିଂହପୁର ଜିଲ୍ଲାରେ ଆଗାମୀ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନ ବେଳକୁ ବିଜେଡିର ସ୍ଥିତି ବଦଳି ଯିବାର ସମ୍ଭାବନା ସୃଷ୍ଟି ହେଲାଣି । ଜିଲ୍ଲାର ଦୁଇ ଗୋଟି ସ୍ଥାନରେ ପୌର ନିର୍ବାଚନ ହୋଇ ନଥିବାରୁ ସେଠାରେ ସରକାରୀ ଅଧିକାରୀମାନେ ଦାୟିତ୍ୱରେ ଥିବା ବେଳେ ସେଥିରେ ଦଳୀୟ କର୍ମୀମାନେ ବି ଅସନ୍ତୋଷ ଜାହିର କରୁଛନ୍ତି । ସେହିପରି ପର୍ଯ୍ୟବେକ୍ଷକ ଚୟନ ଓ ମହିଳା ସଂଗଠନରେ ଜିଲ୍ଲାର ମନ୍ତ୍ରୀ ସ୍ଥାନ ପାଇନଥିବା ବେଳେ ଆଉ ନୂଆ ୨ଗୋଟି ବିଧାୟକଙ୍କୁ ବି କୌଣସି ଦାୟିତ୍ୱ ପ୍ରଦାନ କରାଯାଇନାହିଁ । କେବଳ ଜଗତ୍‌ସିଂହପୁର ଜିଲ୍ଲା ସଭାପତିଙ୍କୁ ପର୍ଯ୍ୟବେକ୍ଷକଭାବେ ଅନୁଗୁଳ ଜିଲ୍ଲାକୁ ହସ୍ତାନ୍ତର କରାଯାଇଛି । ଏହି ଘଟଣା ସବୁରୁ ସ୍ପଷ୍ଟ ବାରି ହୋଇ ପଡୁଛି ଯେ, ପାରାଦ୍ୱୀପ, ତିର୍ତ୍ତୋଲ ଓ ଏରସମା-ବାଲିକୁଦା ବିଧାୟକ ତିନିଜଣ ନୂତନ ଭାବେ ବିଜେଡି ଦଳରୁ ନିର୍ବାଚିତ ହୋଇଥିବାରୁ ଓ ତାଙ୍କର ସାଙ୍ଗଠନିକ ଦୁର୍ବଳତା ଥିବାରୁ ତାଙ୍କୁ କୌଣସି ଜିଲ୍ଲାରେ ନିଯୁକ୍ତି ମିଳିପାରିଲା ନାହିଁ । ଯେଉଁ ବିଧାୟକଙ୍କୁ ଅନୁଗୁଳ ଜିଲ୍ଲା ଦାୟିତ୍ୱ ଅର୍ପଣ କରାଯାଇଛି ସେ ତିନିଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ ବି ମନ୍ତ୍ରୀ ପଦରେ ନିଯୁକ୍ତି ମିଳିପାରିଲା ନାହିଁ । ଆଗାମୀ ଦିନରେ ଯେଉଁ ମନ୍ତ୍ରୀ ମଣ୍ଡଳ ଅଦଳବଦଳ ହେବାର ସମ୍ଭାବନା ସୃଷ୍ଟି ହୋଇଛି, ସେଥିରେ ତାଙ୍କର ପାଳି ପଡିବ କି ତାଙ୍କ ଅସନ୍ତୋଷକୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ହସ୍ତାନ୍ତର କଲେ ସେ ନେଇ ବି ସନ୍ଦେହ ପ୍ରକାଶ ପାଇଲାଣି । ଜିଲ୍ଲାରେ କିଛି ନାମୀ ଦାମୀ ମହିଳା ଓ ଯୁବ ଗୋଷ୍ଠୀ ଜଗତ୍‌ସିଂହପୁର ନିର୍ବାଚନ ପାଇଁ ପାର୍ଥୀଭାବେ ଆବେଦନ କରିଥିବା ବେଳେ ପାରାଦ୍ୱୀପ ଉପରେ ବି ଦୃଢ଼ ସାଙ୍ଗଠନିକ ଦକ୍ଷତା ଥିବା ନେତାଙ୍କର ଲକ୍ଷ୍ୟ ଥିଲା, ହେଲେ ଦଳ ସୁପ୍ରିମୋ ଏମାନଙ୍କୁ ପ୍ରାର୍ଥୀଭାବେ ଘୋଷଣା କରିନଥିବାରୁ ସେମାନଙ୍କର ଅସନ୍ତୋଷ ବି ଲାଗି ରହିଛି । ଆଗାମୀ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନ ବେଳକୁ ଅସନ୍ତୁଷ୍ଟମାନେ ତାଙ୍କର ବୁଦ୍ଧିବଳ ଖଟାଇ ନିର୍ବାଚିତ ବିଧାୟକମାନଙ୍କ ପାଇଁ ମହଙ୍ଗା ପକାଇ ଦେଇ ପାରନ୍ତି। ସେମାନେ ବି ତାଙ୍କର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ପଞ୍ଚମ ଥର ପାଇଁ ଶାସନ ଗାଦିରେ ବସିଥିବା ବିଜେଡି ଦଳ ସୁପ୍ରିମୋଙ୍କ ପାଇଁ ଆଗାମୀ ପଞ୍ଚାୟତ ନିର୍ବାଚନ ଓ ପୌର ନିର୍ବାଚନ ମହଙ୍ଗା ପଡିଯାଇପାରେ । ଏ ସବୁକୁ ଦୃଷ୍ଟିରେ ରଖି ନିଜର ଗଡ଼କୁ ବଜାୟ ରଖିବା ନିମନ୍ତେ ଦଳ ସୁପ୍ରିମୋ ସରକାର ଓ ସଙ୍ଗଠନ ମଧ୍ୟରେ ସମନ୍ୱୟ ରଖିବା ସହିତ ଅସନ୍ତୁଷ୍ଟ ଥିବା ନେତାମାନଙ୍କୁ ଖୁସି କରିବା ପାଇଁ ଏପରି ଝଳ୍ କଲେ ନାହିଁ ତ ବୋଲି ବିରୋଧି ଦଳ ନେତାମାନଙ୍କ ଶିବିରରେ ଆଲୋଚନା ମଧ୍ୟ ହେଉଛି । ଗତ ପଞ୍ଚାୟତ ନିର୍ବାଚନ ସମୟରେ ସମୁଦାୟ ୨୬ଗୋଟି ଜିଲ୍ଲାପରିଷଦ ଆସନରୁ ବିଜେଡି ୨୨, ବିଜେପି ୩ ପାଇଥିବା ବେଳେ କଂଗ୍ରେସର ଜଣେ ମାତ୍ର ଜିଲ୍ଲାପରିଷଦ ପ୍ରାର୍ଥୀ ବିଜୟ ଲାଭ କରିଥିଲେ । ଏହି ପରିପ୍ରେକ୍ଷୀରେ ଦଳ ସୁପ୍ରିମୋ ସବୁ ନେତାମାନଙ୍କୁ ଏକାଠି କରି ବିଭିନ୍ନ ଜିଲ୍ଲା ମାନଙ୍କରେ ଥିବା ଗୋଷ୍ଠିକନ୍ଦଳ ଉପରେ ନଜର ରଖି ଦଳୀୟ କନ୍ଦଳକୁ ସଜାଡିବା ଦିଗରେ ଯେଉଁ ପର୍ଯ୍ୟବେକ୍ଷକ ସବୁ ଦାୟିତ୍ୱ ପ୍ରଦାନ କରିଛନ୍ତି ସେଥିରେ ଯେ, ଦଳୀୟ କନ୍ଦଳ କେତେ ସୁଧୁରିଯିବ ତା ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଜିଲ୍ଲା ମନ୍ତ୍ରୀ ଓ ବିଧାୟକ ମାନଙ୍କୁ କୌଣସି ଦାୟିତ୍ୱରେ ରଖିନଥିବାରୁ ସେମାନଙ୍କ କର୍ମୀମାନଙ୍କ ମନରେ ଅସନ୍ତୋଷ ଦେଖାଦେଲାଣି । ଏହି ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତି ଓ ମହିଳାମାନଙ୍କୁ ନେତୃତ୍ୱ ଦେବାରେ ଯେଉଁ ଭୂମିକା ଗ୍ରହଣ କରିଛନ୍ତି ତା'ର ବି ପ୍ରଭାବ ପିପିଲି ଉପନିର୍ବାଚନରେ ପଡିପାରେ । ପିପିଲି ଉପନିର୍ବାଚନ ଆଗକୁ ଥିବା ବେଳେ ଦଳ ସୁପ୍ରିମୋଙ୍କ ଏପରି ନିଷ୍ପତିକୁ ଦଳର ଟାଣୁଆ ନେତାମାନେ ଆଗରେ ପ୍ରକାଶ କରୁନଥିଲେ ବି ଭିତରେ ନାମ ଲୁଚାଇ ଅସନ୍ତୋଷ ଜାହିର କରୁଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶାସନର ...

ସରକାରଙ୍କ ତ୍ରୁଟିକୁ ଧରାଇଦେଲା। ପ୍ରଶାସନର ବାମହାତ କଣ କରୁଛି ଡାହାଣହାତ ଜାଣୁନାହିଁ। ସୌମ୍ୟଙ୍କ ଏହି କଥା ହିଁ ଓଡ଼ିଶା ସରକାର ତଥା ନବୀନଙ୍କ ମିଳିଥିବା ପ୍ରଶଂସାର ବାସ୍ତବ ରହସ୍ୟକୁ ପଦାରେ ପକାଇ ଦେଇଛି। ପ୍ରଶାସନ ଏଥର କାହା ଇଙ୍ଗିତରେ ଚାଲୁଛି ତାହା ରାଜ୍ୟବାସୀ ଜାଣନ୍ତି। ଏବେବି କୌଶଳେ ପ୍ରଥମ ହେବାର ନିଶା କଥା କହି ସୌମ୍ୟ ପରୋକ୍ଷରେ ଏଭଳି ଏକ ଦିଗକୁ ଇଙ୍ଗିତ କରିଛନ୍ତି ଯାହା ନବୀନ ସରକାରର ଏପର୍ଯ୍ୟନ୍ତ ସଫଳତାର ପ୍ରମାଣପତ୍ର ଉପରେ କଳାଦାଗ ବି ଲଗାଇ ଦେଇଛି। କେବଳ ସେତିକି ନୁହେଁ, କୋଭିଡ଼ଜନିତ ମୃତ୍ୟୁ ସଂଖ୍ୟାକୁ ନେଇ ଏକ ଶ୍ୱେତପତ୍ର ମୁଖ୍ୟମନ୍ତ୍ରୀ ପ୍ରକାଶ କରି ନିଜର ସାହସିକତାର ପରିଚୟ ଦିଅନ୍ତୁ ବୋଲି ନବୀନଙ୍କୁ ତାଙ୍କ ଦଳର ବିଧାୟକ ସୌମ୍ୟରଞ୍ଜନ ଆହ୍ୱାନ ଦେବା ପରୋକ୍ଷରେ ରାଜ୍ୟ ପ୍ରଶାସନ ଉପରେ ସୌମ୍ୟଙ୍କ ବିଶ୍ୱାସ ନଥିବାକୁ ବି ପ୍ରମାଣିତ କରାଇଛି। ସୌମ୍ୟ ଆହୁରି ମଧ୍ୟ କହିଛନ୍ତି ଯେ, ନବୀନ କୌଣସି କର୍ମୀ ଓ ସାଧାରଣ ଲୋକଙ୍କ ଗହଳିରେ ରହିବାକୁ ପସନ୍ଦ କରନ୍ତିନାହିଁ। ହାତଗଣତି କେତେଜଣ ରାଜନେତା ଓ ପ୍ରଶାସକଙ୍କ ସହାୟତାରେ କାର୍ଯ୍ୟ କରନ୍ତି। କରୋନା କଟକଣାରେ ଏହି ହାତଗଣତିଙ୍କ ସଂଖ୍ୟା ଆହୁରି ବି ସୀମିତ ହୋଇଯାଇଛି। ତେଣୁ କରୋନା ତଥ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କେତେ ଅବଗତ ଅଛନ୍ତି ଓ ତାଙ୍କ ପାଖରେ ପ୍ରକୃତ ତଥ୍ୟ ପହଞ୍ଚୁଛି କି ନାହିଁ ସେ ନେଇ ସୌମ୍ୟ ସନ୍ଦେହ ବ୍ୟକ୍ତ କରିବାକୁ ପଛାଇ ନାହାନ୍ତି। ସେହିପରି ସୌମ୍ୟ ମଧ୍ୟ ରାଜ୍ୟର ଗଣମାଧ୍ୟମ କିଭଳି ନିୟନ୍ତ୍ରଣ ହେଉଛି ତାର ଗୁମର ଖୋଲିଛନ୍ତି। ଗଣମାଧ୍ୟମ ନିୟନ୍ତ୍ରିତ ହେଉଥିବାରୁ ପ୍ରଶାସନ ଲୁଚାଉଥିବା କଥା ପଦାକୁ ଆସିପାରୁନି କିମ୍ବା ଦଳୀୟ କର୍ମୀମାନେ କହିବାର ସୁଯୋଗ ପାଉନାହାନ୍ତି। ଗଣମାଧ୍ୟମର ସତ୍ୟ ଓ ସମାଲୋଚନାକୁ ଶୁଣିବାକୁ ଅଭ୍ୟାସ କଲେ ଜଣେ ଅଧିକ ସ୍ୱଚ୍ଛ ଓ ସାହସୀ ହୋଇଥାଏ। ଗଣମାଧ୍ୟମ ମୁକ୍ତ ହେଲେ ବି ମୁଖ୍ୟମନ୍ତ୍ରୀଙ୍କ ପାଖରେ ପ୍ରକୃତ ତଥ୍ୟ ପହଞ୍ଚି ପାରିବ ବୋଲି ସୌମ୍ୟ ପରୋକ୍ଷରେ କହିଛନ୍ତି। ତେବେ ଗଣମାଧ୍ୟମକୁ କିଏ ନିୟନ୍ତ୍ରଣ କରୁଛି ଓ ସମାଲୋଚନା ଶୁଣିବାର ସାହାସ କାହାର ନାହିଁ ସେ ନେଇ ସୌମ୍ୟ ନିରବ ରହିଛନ୍ତି। ତେବେ ପ୍ରଶ୍ନ ଉଠୁଛି, ଦଳର ସୁପ୍ରିମୋ ଯଦି କୌଣସି କର୍ମୀ ଓ ଲୋକଙ୍କ ସହ ମିଶିବାକୁ ପସନ୍ଦ କରୁନଥିବା ଦଳର ଖୋଦ୍ ଜଣେ ଉପସଭାପତି ତଥା ବିଧାୟକ ସୌମ୍ୟରଞ୍ଜନ କହିପାରୁଛନ୍ତି, ତେବେ ବିଜେଡି ଚଳାଉଛି କିଏ? ଅତୀତରେ ଏଭଳି ଅଲେଖା ଲେଖି ବିଜେଡିର ବରିଷ୍ଠ ନେତା ବୈଜୟନ୍ତ ପଣ୍ଡା ଦଳରୁ ବିଦା ହୋଇଥିଲା ବେଳେ ବିଜେଡି ସାଂସଦ ଭର୍ତ୍ତୃହରି ମହତାବ ଓ ବରିଷ୍ଠ ବିଜେଡି ନେତା ତଥାଗତ ଶତପଥୀ କୋଣଠେସା ହୋଇ ରହିଛନ୍ତି। ଅତୀତରେ ଦଳରେ ରହି ଯେଉଁମାନେ ଆର୍ଥିକ ଟାର୍ଗେଟ ହୋଇଛନ୍ତି ସେମାନଙ୍କ ପରିସ୍ଥିତି କ'ଣ ହୋଇଛି ତାହା ରାଜ୍ୟବାସୀ ଜାଣନ୍ତି। ତେଣୁ ବର୍ତ୍ତମାନ ସୌମ୍ୟଙ୍କ ଆଲେଖ୍ୟ ଶାସକ ଦଳରେ ନିଆଁ ଲଗାଇବ କି ସୌମ୍ୟଙ୍କ ପାଇଁ ବିପଦ ବଢ଼ାଇବ ତାହା ସମୟ କହିବ।

### କୋଭିଡ୍ ମୃତକଙ୍କ ...

ରଖି ଜୁନ୍ ୨୦ରେ କହିଥିଲେ କ୍ଷତିପୂରଣ ଦେଇପାରିବେ ନାହିଁ। ହେଲେ ଆଜି ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କେନ୍ଦ୍ର ପ୍ରସ୍ତାବକୁ ଖାରଜ କରିଛନ୍ତି। ଜଷ୍ଟିସ ଅଶୋକ ଭୂଷଣ ଏବଂ ଏମ୍.ଆର ଶାହ ଶୁଣାଣି କରି ଆସନ୍ତା ୬ ସପ୍ତାହ ମଧ୍ୟରେ ଆର୍ଥିକ ସହାୟତା ରାଶି ନିର୍ଦ୍ଧାରଣ କରିବାକୁ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଦେଶରେ ଏଯାବତ ୩.୯୩ ଲକ୍ଷରୁ ଅଧିକ ଲୋକଙ୍କର କୋଭିଡରେ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଜୁନ୍ ୨୦ରେ ସରକାର ଏହି ମାମଲାରେ ନିଜର ପକ୍ଷ ରଖି ସୁପ୍ରିମକୋର୍ଟ କହିଥିଲା ଯଦି କୋଭିଡ-୧୯ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଦିଆଯିବ ତାହେଲେ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସରକାରଙ୍କ ପାଖରେ ଯେତକ ପଇସା ରହିଛି ସମ୍ପୂର୍ଣ୍ଣ ଶେଷ ହୋଇଯିବ। ଜାତୀୟ ବିପର୍ଯ୍ୟୟ ଆଇନ୍‌ର ଧାରା ୧୨ ଅନୁଯାୟୀ ସରକାର ଆର୍ଥିକ ସହାୟତା କରିବା ନେଇ ପ୍ରାବଧାନ ରହିଛି ବୋଲି ଆବେଦନରେ ଦର୍ଶାଯାଇଥିଲା। ଆଇନଜୀବୀ ଗୌରବ କୁମାର ବନସଲ ଏବଂ ରୀପକ କନସଲ ଏହି ଆବେଦନ ଦାୟର କରିଥିଲେ। ଏଥିସହ ଏହି ଆବେଦନକାରୀ କୋଭିଡ ଜନିତ ମୃତ୍ୟୁ ପ୍ରମାଣପତ୍ର ସମସ୍ତଙ୍କୁ ମିଳୁନି ବୋଲି ଆଉ ଏକ ଆବେଦନରେ ଦର୍ଶାଇଥିଲେ। ଯେଉଁଥିରେ କୁହାଯାଇଥିଲା ଯେଉଁମାନେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ କୋଭିଡରେ ପ୍ରାଣ ହରାଉଛନ୍ତି ସେମାନଙ୍କ ପରିବାର ବର୍ଗଙ୍କୁ କେବଳ କୋଭିଡ ମୃତ୍ୟୁ ପ୍ରମାଣ ପତ୍ର ବା ସାର୍ଟିଫିକେଟ ମିଳୁଛି। ଅନ୍ୟମାନଙ୍କୁ ମିଳୁନି ବୋଲି ଆବେଦନରେ ଦର୍ଶାଯାଇଥିଲା। ପରେ କେନ୍ଦ୍ର ସରକାର କହିଥିଲେ ଯଦି କୋଭିଡରେ ସଂକ୍ରମିତ ହୋଇ ପ୍ରାଣ ହରାଇଥିବେ ସେମାନଙ୍କୁ କୋଭିଡ ଜନିତ ମୃତ୍ୟୁ ବୋଲି ଧରାଯିବ। ଏଥିସହ ସେମାନଙ୍କ ପରିବାର ବର୍ଗଙ୍କୁ କୋଭିଡ ଜନିତ ମତ୍ୟୁର ସାର୍ଟିଫିକେଟ ମିଳିବ।

### ଦେଶରେ କରୋନା ...

ଏଯାଏ ଟଳି ନଥିବା କହିଛନ୍ତି। ତେବେ ଦେଶରେ ଏବେ ବି କେତେକ ଜିଲ୍ଲାରେ ସ୍ଥିତି ଚିନ୍ତାଜନକ ରହିଛି। ଦେଶର ୭୧ଟି ଜିଲ୍ଲାରେ ଏବେ ବି ପଜିଟିଭିଟି ହାର ୧୦ ପ୍ରତିଶତରୁ ଅଧିକ ରହିଛି। ଏହି ୭୧ଟି ଜିଲ୍ଲା ମଧ୍ୟରେ ଓଡ଼ିଶାର ୪ଟି ଜିଲ୍ଲା ରହିଥିବା ବେଳେ ଅରୁଣାଚଳ ପ୍ରଦେଶର ୧୩ଟି, ରାଜସ୍ଥାନର ୧୦ଟି ଓ ଆନ୍ଧ୍ରପ୍ରଦେଶର ୯ଟି ଜିଲ୍ଲା ଅନ୍ତର୍ଭୁକ୍ତ ବୋଲି ସେ କହିଛନ୍ତି। ଦେଶରେ ଏପର୍ଯ୍ୟନ୍ତ ପ୍ରାୟ ୩୪ କୋଟି ଡୋଜ୍ ଟିକା ଦିଆଯାଇଛି ଯାହାକି ସମଗ୍ର ବିଶ୍ୱରେ ସର୍ବାଧିକ ବୋଲି ସେ କହିଛନ୍ତି। ଅନ୍ୟପଟେ ଦେଶରେ ମହାମାରୀ କରୋନାର କୋପ ହ୍ରାସ ପାଉଥିବା ବେଳେ କିଛି ରାଜ୍ୟରେ ସ୍ଥିତି ପୂର୍ବବତ ରହିଛି। ଓଡ଼ିଶା ସମେତ ୬ ରାଜ୍ୟରେ ସଂକ୍ରମଣ ହାରକୁ ଦୃଷ୍ଟିରେ ରଖି ସହଯୋଗ କରିବା ପାଇଁ ଆଗେଇ ଆସିଛନ୍ତି କେନ୍ଦ୍ର ସରକାର। ଏଥିପାଇଁ ଓଡ଼ିଶା ସମେତ କେରଳ, ଅରୁଣାଚଳପ୍ରଦେଶ, ତ୍ରିପୁରା, ଛତିଶଗଡ ଓ ମଣିପୁରକୁ କେନ୍ଦ୍ରୀୟ ଟିମ ପଠାଯାଇଛି। ଏହି କେନ୍ଦ୍ରୀୟ ଟିମ୍‌ର ସଦସ୍ୟମାନେ ସ୍ଥାନୀୟ ପ୍ରଶାସନ ସହ ମିଶି ସଂକ୍ରମଣକୁ ରୋକିବା ପାଇଁ ବିଭିନ୍ନ ପ୍ରକାରର ପଦକ୍ଷେପ ନେବେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, କେନ୍ଦ୍ରୀୟ ଟିମ୍ ଗୁଡିକ ପ୍ରଥମେ ରାଜ୍ୟଗୁଡିକ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଗୁଡିକ ବାବଦରେ ତଥ୍ୟ ସଂଗ୍ରହ କରିବେ। ଏହାପରେ କେଉଁ ସବୁ ଦିଗରେ ସମସ୍ୟା ରହିଛି, ତା'କୁ ସୁଧାରିବା ପାଇଁ ରାଜ୍ୟ ସରକାରମାନଙ୍କ ସହାୟତାରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବେ। ଏହି ଟିମ୍‌କୁ ସମ୍ପୃକ୍ତ ରାଜ୍ୟର ସରକାରମାନେ ସବୁ ପ୍ରକାରର ସହାୟତା ଓ ସହଯୋଗ ଯୋଗାଇ ଦେବେ। ଟିମ୍‌ର ସଦସ୍ୟ ତୁରନ୍ତ ରାଜ୍ୟ ଗୁଡିକୁ ଯାଇ ଟେଷ୍ଟିଂ ସହ ସର୍ଭେଲାନ୍ସ ଓ କଣ୍ଟେନମେଣ୍ଟ ପଦକ୍ଷେପ ଗୁଡିକର ତଦାରଖ କରିବେ। କରୋନା କଟକଣା ଠିକ ଭାବେ ପାଳନ ହେଉଛି କି ନାହିଁ, ତା'ର ଯାଞ୍ଚ କରି ଏଗୁଡିକୁ ଲାଗୁ କରିବାକୁ ସମସ୍ତ ପ୍ରକାରର ପଦକ୍ଷେପ ଗ୍ରହଣ କରିବେ। ରାଜ୍ୟ ଗୁଡିକରେ ଆବଶ୍ୟକ ହସ୍ପିଟାଲ ବେଡ, ଆମ୍ବୁଲାନ୍ସ, ଭେଣ୍ଟିଲେଟର, ମେଡିକାଲ ଅକ୍ସିଜେନ ଅଛି କି ନାହିଁ ଓ ଟିକାକରଣ କେଉଁଭଳି ଚାଲିଛି, ତା'ର ରିପୋର୍ଟ ମଧ୍ୟ ପ୍ରସ୍ତୁତ କରିବେ। କେନ୍ଦ୍ରୀୟ ଟିମ୍ ସ୍ଥିତିକୁ ଯାଞ୍ଚ କରିବା ପରେ ସଂକ୍ରମଣ ରୋକିବା ପାଇଁ କ'ଣ ସବୁ ପଦକ୍ଷେପ ନିଆଯିବା ଉଚିତ, ତା'ର ପରାମର୍ଶ ମଧ୍ୟ ଦେବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

### କାଳିଆ ଯୋଜନା ...

ଶ୍ରମିକ, ଉଠା ଦୋକାନୀ, ଦୁଗ୍ଧ ଚାଷୀ ଆଦି ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ କୋଭିଡ୍ ପ୍ୟାକେଜ୍ ଘୋଷଣା କରିଛନ୍ତି ବୋଲି ସେ କହିଥିଲେ। ପରିଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୋଭିଡ୍ ବିରୋଧରେ ଲଢ଼େଇ କେବଳ ସରକାର ବା ଡାକ୍ତର ବା ସ୍ୱାସ୍ଥ୍ୟକର୍ମୀ ମାନଙ୍କର ନୁହେଁ। ଏହା ଆମ ସମସ୍ତଙ୍କର ଲଢ଼େଇ। ତେଣୁ ଏହି ଲଢ଼େଇରେ ବିଜୟ ପାଇଁ ଚାଷୀ ଭାଇମାନେ ସମସ୍ତେ ଟିକା ନେବା ସହିତ କୋଭିଡ୍‌ର ନିୟମ ପାଳନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅରୁଣ ସାହୁ କୃଷି ଓ କୃଷକମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। କୃଷକ ମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂର ଦୃଷ୍ଟି ଓ ଦୃଢ଼ ନେତୃତ୍ୱର ସେ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ କାଳିଆ ଯୋଜନା ଓ ଭୂମିହୀନ ଚାଷୀମାନଙ୍କ ସମ୍ପର୍କରେ ଏକ କ୍ଷୁଦ୍ର ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୩ ଜଣ ଭୂମିହୀନ ଚାଷୀଙ୍କ ସହିତ କାଳିଆ ଯୋଜନାର ସୁଫଳ ବିଷୟରେ ଆଲୋଚନା କରିଥିଲେ। ନିଜ ସଫଳତା ସମ୍ପର୍କରେ ବର୍ଣ୍ଣନା କରି ମାଳତି ମେଲେକା କହିଥିଲେ ଯେ, କାଳିଆ ଯୋଜନାରେ ପାଇଥିବା ସହାୟତାକୁ ସେ ଛତୁ ଚାଷରେ ବିନିଯୋଗ କରି ଲାଭବାନ ହୋଇଛନ୍ତି। ସେହିପରି ସୁନ୍ଦରଗଡର ସୂରଥ ମାଝୀ କାଳିଆ ଯୋଜନା ସହାୟତାରେ ଜାଲ କିଣି ମାଛ ଧରିବା ସହ ଚାଷ କରି ସେ କିପରି ଉପକୃତ ହୋଇଛନ୍ତି ସେ ବିଷୟରେ ବର୍ଣ୍ଣନା କରିଥିଲେ। ଭଦ୍ରକର ଗଣେଶ ଦାସ କାଳିଆ ଯୋଜନା ସହାୟତାରେ ମାଛ ଓ ଶୁଖୁଆ ବେପାର କରି ପରିବାର ଭଲରେ ଚଳାଉଛନ୍ତି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସହାୟତା ବାବଦରେ ୧୦୦୦ ଟଙ୍କା ଲେଖାଏଁ ସହାୟତା ପାଇ ସବୁ ଭୂମିହୀନ ଚାଷୀ ଖୁସି ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ଏହି ସହାୟତା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା କରାଯାଇଛି। କାଳିଆ ଯୋଜନାରେ ଚାଷୀମାନେ ୩ଟି କିସ୍ତିରେ ୧୨,୫୦୦ ଟଙ୍କା ପାଇଥାନ୍ତି। ସୂଚନାଯୋଗ୍ୟ ଯେ, ବଳରାମ ଯୋଜନାରେ ମଧ୍ୟ ଭୂମିହୀନ ଚାଷୀମାନଙ୍କୁ ବିଭିନ୍ନ ପ୍ରକାର ଆନୁସଙ୍ଗିକ କାର୍ଯ୍ୟ ପାଇଁ କୃଷିଋଣ ସହାୟତା ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କୃଷି ବିଭାଗ କମିଶନର ତଥା ସଚିବ ଏସ୍.କେ. ବଶିଷ୍ଠ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କୃଷି ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ଏବଂ ୩୦ ଜିଲ୍ଲାର ଭୂମିହୀନ ଚାଷୀମାନେ ଭିଡିଓ କନଫରେନ୍ସିଂ ଜରିଆରେ ଯୋଗ ଦେଇଥିଲେ।

### ଡାକ୍ତରଙ୍କ ସେବା ...

ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧାମାନଙ୍କୁ ଯାଉଛି। ଦେଶରେ ଦୀର୍ଘ ଦଶନ୍ଧି ଧରି କେମିତି ସୀମିତ ସ୍ୱାସ୍ଥ୍ୟଭୂମି ଥିବା ସେ ବିଷୟରେ ମଧ୍ୟ ମୋଦି ଏହି ଅବସରରେ କହିବାକୁ ପଛାଇ ନାହାନ୍ତି। ପୂର୍ବରୁ ମେଡିକାଲ ଭିତ୍ତିଭୂମିକୁ ଅବହେଳା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ମୋଦି କହିଛନ୍ତି, ଆମ ଦେଶର ଜନସଂଖ୍ୟା ସୀମିତ ସ୍ୱାସ୍ଥ୍ୟ ଭିତ୍ତିଭୂମି ସମସ୍ୟା ପ୍ରତି ଅଧିକ ଚ୍ୟାଲେଞ୍ଜ ସୃଷ୍ଟି କରି ଆସିଛି। କିନ୍ତୁ ବିକଶିତ ରାଷ୍ଟ୍ରଗୁଡିକ ତୁଳନାରେ ଭାରତରେ ପ୍ରତି ଲକ୍ଷେ ଲୋକରେ ସଂକ୍ରମିତ ଓ ମୃତ୍ୟୁହାର ବେଶ ଭଲ ରହିଛି। ଜଣଙ୍କର ବି ଜୀବନ ଯିବା ବେଶ ଯନ୍ତ୍ରଣାଦାୟକ। ତଥାପି ଭାରତ କରୋନା ଭାଇରସରୁ ଲକ୍ଷାଧିକ ଦେଶବାସୀଙ୍କ ଜୀବନ ରକ୍ଷା କରିବାକୁ ସକ୍ଷମ ହୋଇଛି। ଏହାର ଶ୍ରେୟ କଠିନ ପରିଶ୍ରମ କରିଥିବା ଆମ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ ଯୋଦ୍ଧାଙ୍କ ପାଖକୁ ଯାଉଛି। ନିଜ ସରକାରଙ୍କ ସମ୍ପର୍କରେ ମୋଦି କହିଛନ୍ତି, ଆମ ସରକର ସବୁବେଳେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ସବୁଠାରୁ ଅଧିକ ଗୁରୁତ୍ୱ ଦେଇ ଆସୁଛନ୍ତି। ଗତବର୍ଷ କରୋନାର ପ୍ରଥମ ୱେଭ ବେଳେ ଆମ ସରକାର ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ୧୫ ହଜାର କୋଟି ଟଙ୍କା ଦେଇଥିଲେ। ଚଳିତ ବର୍ଷ ଏହା ୨ଲକ୍ଷ କୋଟି ଟପି ଯାଇଛି। ୨୦୧୪ ସୁଦ୍ଧା ଦେଶରେ କେବଳ ୬ଟି ଏମ୍ସ ଥିଲା। ୭ ବର୍ଷ ମଧ୍ୟରେ ୧୫ଟି ନୂଆ ଏମ୍ସରେ କାମ ଆରମ୍ଭ ହୋଇଯାଇଛି। ମେଡିକାଲ କଲେଜ ସଂଖ୍ୟା ମଧ୍ୟ ଦେଢ଼ଗୁଣା ବୃଦ୍ଧି ପାଇଛି। ବର୍ତ୍ତମାନ ସ୍ୱାସ୍ଥ୍ୟ ସେବାର ସୁବିଧା ନଥିବା ସ୍ଥାନଗୁଡିକ ପାଇଁ ସରକାର ୫୦ ହଜାର କୋଟିର କ୍ରେଡିଟ ଗ୍ୟାରେଣ୍ଟି ସ୍କିମ ଆଣିଛନ୍ତି। ଆମ ସରକାର ସବୁବେଳେ ଡାକ୍ତରଙ୍କ ସୁରକ୍ଷା ପାଇଁ ପ୍ରତିବଦ୍ଧ। ଗତବର୍ଷ ଡାକ୍ତରଙ୍କ ବିରୋଧରେ ହେଉଥିବା ହିଂସାକାଣ୍ଡକୁ ରୋକିବା ପାଇଁ ଏକାଧିକ ଆଇନ ଅଣାଯାଇଥିଲା। ଆମେ ଆମ କୋଭିଡ୍ ଯୋଦ୍ଧାଙ୍କ ପାଇଁ ମାଗଣା ବୀମା ସୁବିଧା କରିଛୁ। ଡାକ୍ତରମାନେ ଯେଉଁଭଳି କାମ କରି ଚାଲିଛନ୍ତି, ଏହା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ୧୩୦ କୋଟି ଲୋକଙ୍କ ପକ୍ଷରୁ ମୁଁ ସମସ୍ତ ଡାକ୍ତରଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଉଛି।

### ୪୦ ପ୍ରତିଶତ ...

ପିଲାସଂଖ୍ୟା ୭୨ଥିବାବେଳେ ପ୍ରଧାନଶିକ୍ଷକ ଅନନ୍ତ ଦେହୁରୀଙ୍କ ସୂଚନା ଅନୁଯାୟୀ ମାତ୍ର ୭ଜଣ ପିଲାଙ୍କ ପାଖରେ ଆଣ୍ଡ୍ରଏଡ଼ ମୋବାଇଲ ସେଟ୍ ଅଛି । ଯଦି ଏହି ୨ଟି ବିଦ୍ୟାଳୟରେ ଏହିପରି ଅବସ୍ଥା ତେବେ ଅବଶିଷ୍ଟ ବିଦ୍ୟାଳୟର ଅବସ୍ଥା କଣ ଥିବ ତାହା ସାଧାରଣରେ ଅନୁମେୟ । ଅପର ପକ୍ଷରେ ବିଗତ ଦିନରେ ସରକାରଙ୍କ ତରଫରୁ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇନଥିବାରୁ ବହୁ ଛାତ୍ରଛାତ୍ରୀ ମୋବାଇଲର ବ୍ୟବହାର ମଧ୍ୟ ଠିକ୍ ଭାବେ ଜାଣିନଥିବାବେଳେ ବହୁ ଅଭିଭାବକ ତାଙ୍କ ପିଲାଙ୍କୁ ଏହା ଯୋଗାଇ ଦେବାକୁ ମଧ୍ୟ ସକ୍ଷମ ନଥିବା ଜଣାପଡ଼ିଛି । ତତ୍‌ସହିତ ବନ୍ତ ବ୍ଲକର ବହୁ ଅଂଚଳରେ ମୋବାଇଲ ଟାୱାର ମଧ୍ୟ ୟୁ-ଟ୍ୟୁବ୍ ଶିକ୍ଷା କ୍ଷେତ୍ରରେ ବାଧା ସୃଷ୍ଟି କରୁଛି । ଏହିପରି ସ୍ଥଳେ ୟୁ-ଟ୍ୟୁବ୍ ପାଠପଢାର ସଫଳ ରୂପାୟନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିନେଇ ବ୍ଲକ ଶିକ୍ଷାଧିକାରୀ ଅଧର ତରାଇଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରତିଦିନ ସିଆରସିସି ଓ ପ୍ରଧାନଶିକ୍ଷକଙ୍କ ସହ ଭାରଚୁଆଲ ମିଟିଙ୍ଗ ଜରିଆରେ ୟୁ-ଟ୍ୟୁବ୍ ମାଧ୍ୟମରେ ଶିକ୍ଷାଦାନକୁ ସଫଳ କରିବାପାଇଁ ସବୁ ପ୍ରକାର ପ୍ରୟାସ ଜାରୀ ରଖିବା ସହ ସିଆରସିସିଙ୍କୁ ପ୍ରମୁଖ ଦାୟିତ୍ୱ ପ୍ରଦାନ କରାଯାଇଛି,ସେମାନେ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ଯୋଗାଯୋଗରେ ରହିବେ ଏବଂ ପ୍ରଧାନଶିକ୍ଷକମାନେ ନିଜ ଶିକ୍ଷକଙ୍କୁ ଅଭିଭାବକମାନଙ୍କୁ ଉକ୍ତ ଶିକ୍ଷାର ଗୁରୁତ୍ୱ ବିଷୟରେ ଘରକୁ ଘର ଯାଇ କରୋନା କଟକଣାକୁ ଅବଲମ୍ବନ କରି ବୁଝାଇବା ସହ କରୋନାର ତୃତୀୟ ଲହର ଆସିବାର ସମ୍ଭାବନା ଥିବାରୁ ବଂଚିବା ପାଇଁ ଅମ୍ଳଜାନ, ଖାଦ୍ୟ ଓ ଜଳ ଯେପରି ନିହାତି ଦରକାର ଶିକ୍ଷା ଗ୍ରହଣ କରିବା ପାଇଁ ଆଣ୍ଡ୍ରଏଡ଼ ମୋବାଇଲ ସେଟ୍ ମଧ୍ୟ ଆବଶ୍ୟକ । ତେଣୁ ଅଭିଭାବକମାନେ ୟୁ-ଟ୍ୟୁବରେ ଶିକ୍ଷା ଗ୍ରହଣକୁ ଏକ ବିକଳ୍ପ ରୂପେ ଗ୍ରହଣ କରି ନିଜ ପିଲାକୁ ମୋବାଇଲ ସେଟ୍ ପ୍ରଦାନ କରିବେ ଏବଂ ଯଦି କୌଣସି ଛାତ୍ରଛାତ୍ରୀ ଠିକ୍‌ରେ ପାଠ ବୁଝିପାରୁ ନାହାନ୍ତି ତେବେ ଫୋନ ମାଧ୍ୟମରେ ଶିକ୍ଷକଙ୍କ ସହ ଯୋଗାଯୋଗ କରିବେ ବୋଲି ପ୍ରକାଶ କରିଥିଲେ ।

## ଜିଲ୍ଲା ପରିଷଦ ସଭ୍ୟ /ସଭ୍ୟାଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ୪ଦଫା ଦାବିପତ୍ର ପ୍ରଦାନ

# କୋଭିଡ୍ ଖର୍ଚ୍ଚର ଅଡିଟ୍ କରି ତଥ୍ୟ ପ୍ରଦାନ ଦାବି



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲା ପରିଷଦ ସଭ୍ୟ / ସଭ୍ୟା ମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଆଜି ଏକ ୪ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳ ଅଜିତ କୁମାର ମିଶ୍ରଙ୍କ ଅନୁପସ୍ଥିତିରେ ଏହି ଦାବି ପତ୍ର ଅତିରିକ୍ତ ଜିଲ୍ଲାପାଳ ରତ୍ନାକର ସାହୁ ଗ୍ରହଣ କରିଥିଲେ। ଉକ୍ତ ଦାବିପତ୍ର ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାର ଅନୁଦାନର ସମସ୍ତ ପାଣ୍ଠିର ପରିଚାଳନାଗତ ତୃଟିକୁ ନେଇ ସମସ୍ତଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପାଣ୍ଠି ପ୍ରତି ଜିଲ୍ଲା ପରିଷଦ ଅଥବା ଜନସଂଖ୍ୟା ଆଧାରରେ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି। କୋଭିଡ୍ ଖର୍ଚ୍ଚର ଅଡିଟ୍ କରି ଉକ୍ତ ତଥ୍ୟ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ / ସଭ୍ୟା ଅବଗତ ନିମନ୍ତେ ପ୍ରଦାନ କରାଯାଉ କେନ୍ଦ୍ର ଓ ରାଜ୍ୟ ସରକାର ଦ୍ୱାରା ଦିଆଯାଇଥିବା ସମସ୍ତ ପାଣ୍ଠିର ମୋଟ ସୁଧ ଟଙ୍କାରେ ଜିଲ୍ଲା ପ୍ରଶାସନ ଦ୍ୱାରା ଅନୁମୋଦିତ ସମସ୍ତ ପ୍ରକଳ୍ପ ସହିତ ଆଗକୁ ଖର୍ଚ୍ଚ କରାଯିବା ତଥ୍ୟ ସମସ୍ତ ଜିଲ୍ଲା ପରିଷଦ ସଭ୍ୟ /ସଭ୍ୟା ମାନଙ୍କୁ ପ୍ରଦାନ କରାଯାଉ। ସାର ଓ ବିହନ ଯୋଗଣରେ ସାମ୍ରାଜ୍ୟ ଦାବି ବା ଜମିଦାରୀ ଦଲାଲ ବନ୍ଦ କରି ଚାଷୀର ଉପଯୁକ୍ତ ତତ୍ତ୍ୱାବଧାନରେ କରାଯାଉ ବୋଲି ସମସ୍ତ ସଭ୍ୟ /ସଭ୍ୟା ମାନେ ଦାବି କରିଛନ୍ତି। ଉପରୋକ୍ତ ଦାବି ଗୁଡିକ ଆଗାମୀ ୭ ଦିନ ମଧ୍ୟରେ ସମାଧାନ କରାନଗଲେ ଜିଲ୍ଲାରେ ଆନ୍ଦୋଳନ କରିବା ସହ ନ୍ୟାୟଳୟର ଆଶ୍ରୟ ନିଆଯିବ ବୋଲି ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ମାନେ ଚେତାବନୀ ଦେଇଛନ୍ତି। ଜିଲ୍ଲା ପରଷଦଙ୍କ ଦାବି ଗୁଡିକ ନେଇ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରାଯାଇ ତାହାର ତର୍ଜମା କରାଯିବ ସହ ବିଧିବଦ୍ଧ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ରତ୍ନାକର ସାହୁ କହିଛନ୍ତି। ଏହି ଦାବି ପତ୍ର ପ୍ରଦାନ ବେଳେ ପିଏସ ମହାନ୍ତି, ପାନୁଜା ପାଙ୍ଗା ସୁଦର୍ଶନ ମାଝୀ, ବେଦବ୍ୟାସ ଭତ୍ରା, ଚମ୍ପାବତୀ ମୁଦୁଲି, ମାଳତୀ ମାଝୀ, ଧନପତି ହରିଜନ, ବ୍ରଜନାଥ ଗଣ୍ଡ, ଶ୍ୟାମସୁନ୍ଦର ମାଝୀ, ସମେତ ବହୁ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

# ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ: ବଣୁଆଙ୍କୁ ଆବାସ ଯୋଜନା ସାତସପନ



**ଭଦ୍ରକ :** ପ୍ରଥମେ ଭୂମିହିନ ଦର୍ଶାଇ ଆବାସ ଯୋଜନାରୁ ବଂଚିତ କରିବା ଓ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ତାଙ୍କ ନାମକୁ ହିତାଧିକାରୀ ତାଲିକାରେ ଯୋଡ଼ିବା ନେଇ ତତ୍ପରତା ଦେଖାଇବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଗୋପିନାଥପୁର ପଂଚାୟତ ଅନ୍ତର୍ଗତ ତାଜିପୁର ଗ୍ରାମ ଆଦିବାସୀ ସାହୀର ବଣୁଆଙ୍କ କ୍ଷେତ୍ରରେ । ସୂଚନା ଅନୁଯାୟୀ;ବଣୁଆ ମୁଣ୍ଡା ଜଣେ ଜନଜାତି ସଂପ୍ରଦାୟର ବ୍ୟକ୍ତି ହେବା ସହ ଅତ୍ୟନ୍ତ ଗରୀବ ଶ୍ରେଣୀୟ ବ୍ୟକ୍ତି ଅଟନ୍ତି । ୩ ପୁଅ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ସଂସାର । ସେ ଦିନମଜୁରିଆ ହିସାବରେ କାର୍ଯ୍ୟକରି ସେଥିରେ ତାଙ୍କ ପରିବାର ଚଳାଇଥାନ୍ତି । ପ୍ରତିଦିନ ଦୁଇ ମୁଠା ପେଟ ପୁରା ଦାନା ମିଳିବା ତାଙ୍କ ପରିବାର ପକ୍ଷେ ସମ୍ଭବପର ହୋଇପାରେ ନାହିଁ । ନୂଆଣିଆ ଝଲଘରକୁ ପ୍ରତିବର୍ଷ ଛାଉଣି କରିପାରୁ ନଥିବାରୁ ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର କିରଣ ଘର ଭିତରକୁ ପଡ଼ିଥାଏ । ବର୍ଷା ଦାଉରୁ ରକ୍ଷା ପାଇବା ପାଇଁ ପଲିଥିନ ଖଣ୍ଡମାନ ଛପର ସାରା ଭର୍ତ୍ତି । ରେସନ କାର୍ଡ଼ ମାଧ୍ୟମରେ କେବଳ ସରକାରୀ ସହାୟତା ତାଙ୍କ ପାଇଁ ସୀମିତ । ସେ ମୋ କୁଡ଼ିଆ ପାଇବା ପାଇଁ ବ୍ଲକ୍ କୁ ଦୌଡ଼ିଦୌଡ଼ି ନୟାନ୍ତ ହେଲେଣି ଅଥଚ ଏହା ତାଙ୍କ ଭାଗ୍ୟରେ ଆଜିଯାଏ ଜୁଟି ପାରି ନାହିଁ । ୨୦୨୦-୨୧ ଆର୍ଥିକ ବର୍ଷରେ ସରକାରଙ୍କ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରକାଶିତ ହିତାଧିକାରୀ ତାଲିକାରେ ବଣୁଆଙ୍କ କ୍ରମିକ ସଂଖ୍ୟା ୪୭ ଏବଂ ଅଗ୍ରାଧିକାର ଭିତ୍ତିରେ ମିଳିଥିବା କ୍ରମିକ ସଂଖ୍ୟା ୯ଥିବାବେଳେ ତାଙ୍କ ଆଇଡ଼ି ନଂ୨୫୦୦୧୮୭ ଥିଲା । ସେ ସବୁ ଦୃଷ୍ଟି କୋଣରୁ ଆବାସ ପାଇବାକୁ ଯୋଗ୍ୟ ଥିବାବେଳେ ପରବର୍ତ୍ତି ମୁହୂର୍ତ୍ତରେ ତାଙ୍କୁ ଭୂମିହିନ ଦର୍ଶାଇ ଏଥିରୁ ବଂଚିତ କରାଯାଇଥିଲା । କିନ୍ତୁ ପ୍ରକୃତପକ୍ଷେ ବଣୁଆ ଜଣେ ପଟ୍ଟାଧାରୀ ହିତାଧିକାରୀ, ସରକାରଙ୍କ ତରଫରୁ ମିଳିଥିବା ପଟ୍ଟା ଅନୁଯାୟୀ ବଣୁଆଙ୍କ ଖତିୟାନ ନଂ୨୬୩/୬୮ ଅଟେ । ତେଣୁ ସେ ଜଣେ ପଟ୍ଟାଧାରୀ ବ୍ୟକ୍ତି ହୋଇଥିବା ସ୍ଥଳେ ତାଙ୍କୁ କେଉଁ କାରଣରୁ ଭୂମିହିନ ଦର୍ଶାଇ ଆବାସ ଯୋଜନାରୁ ବଂଚିତ କରାଗଲା ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିବା ସହ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି । ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ସରକାରୀ ଯୋଜନାକୁ ପ୍ରହସନରେ ପରିଣତ ନକରି ଏହାର ତଦନ୍ତ କରି ବଣୁଆକୁ ଆବାସ ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି । ଏ ନେଇ ବିସ୍ତୃତ ଖବର ବିଭିନ୍ନ ଗଣ ମାଧ୍ୟମରେ ପ୍ରକାଶ ପାଇବା ପରେ ଅଧିକାରୀ ତା ନାମକୁ ହିତାଧିକାରୀଙ୍କ ତାଲିକାରେ ଯୋଡ଼ିବା ନେଇ ତତ୍ପରତା ଦେଖାଇଥିବା ଜଣାପଡ଼ିଛି ।

# ଜିଲ୍ଲାରେ ନିମୋକୋକଲ୍ କଞ୍ଜୁଗେଟ୍ ଭ୍ୟାକ୍‌ସିନ୍‌ର ଶୁଭାରମ୍ଭ

**ଜଗତ୍‌ସିଂହପୁର :** ରାଜ୍ୟସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଭର୍ଚୁଆଲ ମାଧ୍ୟମ ଜରିଆରେ ଜିଲ୍ଲାରେ ନିମୋକୋକଲ୍ କଞ୍ଜୁଗେଟ୍ ଭ୍ୟାକ୍‌ସିନ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଭ୍ୟାକ୍‌ସିନ୍ ଦ୍ୱାରା ପିଲାମାନଙ୍କୁ ନିମୋକୋକଲ୍ ବ୍ୟାକ୍ଟେରିଆ ଏବଂ ଅନ୍ୟ ନିମୋ କୋକଲ ଜନିତ ରୋଗଗୁଡିକରୁ ସୁରକ୍ଷା ପ୍ରଦାନ କରିଥାଏ । ଏପରିକି ଏହି ଭ୍ୟାକ୍‌ସିନ୍ ଜନ୍ମରୁ ଏକବର୍ଷ ମଧ୍ୟରେ ଅର୍ଥାତ ଦେଢ଼ମାସରେ ପ୍ରଥମ ମାତ୍ରା, ସାଢ଼େ ତିନିମାସରେ ଦ୍ୱିତୀୟମାତ୍ରା ଓ ନଅମାସରେ ତୃତୀୟ ମାତ୍ରା ଦିଆଯାଇଥାଏ । ଜିଲ୍ଲାର ଏହି ଉଦ୍‌ଘାଟନ୍ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରିଣୀ ଡାଃ ବିଜୟା ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଏହାର ଶୁଭ ଉଦ୍‌ଘାଟନ ହୋଇଥିଲା । ଏହା ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉପସ୍ଥିତ ଥିବା ଦେଢ଼ମାସର ୧୨ଜଣ ଶିଶୁଙ୍କୁ ପ୍ରଥମମାତ୍ରା ନିମୋକୋକଲ୍ କଞ୍ଜୁଗେଟ୍ ଭ୍ୟାକ୍‌ସିନ୍ ପ୍ରଦାନ କରାଯାଇଥିଲା । ଏହି ନିମୋକୋକଲ୍ କଞ୍ଜୁଗେଟ୍ ଭ୍ୟାକ୍‌ସିନ୍ ସାର୍ବଜନୀନ ଟୀକାକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବା ସହିତ ସମସ୍ତ ରୁଟିନ୍ ବା ଇମ୍ୟୁନାଇଜେସନ୍ ଜରିଆରେ ପ୍ରତି ବୁଧବାର ଯୋଗ୍ୟ ହିତାଧିକାରୀମାନଙ୍କୁ ଏହି ଟୀକା ମାଗଣାରେ ପ୍ରଦାନ କରାଯିବ । ଶିଶୁମାନଙ୍କର ଫୁସ୍‌ଫୁସ୍ ଜନିତ ସଂକ୍ରମଣ, ଶ୍ୱାସକ୍ରିୟାରେ କଷ୍ଟହେବା, ଛାତି ଜୋର୍‌ରେ ଭିତରକୁ ଟାଣିହେବା ଓ ଜ୍ୱର ତଥା କାଶ ଇତ୍ୟାଦି ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥାଏ, ଫଳରେ ସମସ୍ୟା ଗୁରୁତର ଦେଖାଦେଲେ ପିଲାଟି ମୃତ୍ୟୁ ମୁଖରେ ପଡିଥାଏ । ଏଥିପାଇଁ ଜନସାଧାରଣମାନେ ସଚେତନ ହେବା ସହିତ ନିକଟସ୍ଥ ରୁଟିନ୍ ଇମ୍ୟୁନାଇଜେସନ୍ କେନ୍ଦ୍ରମାନଙ୍କରେ ପ୍ରତିବୁଧବାର ଦିନ ନିର୍ଦ୍ଧାରିତ ସମୟ ମଧ୍ୟରେ ଟୀକା ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପକ୍ଷରୁ ପ୍ରକାଶ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାଃ ପ୍ରମୋଦ କୁମାର ବାରିକ୍, ବିଶ୍ୱସ୍ୱାସ୍ଥ୍ୟ ସଙ୍ଗଠନର ଏସ୍.ଏମ୍.ଓ. ଡାଃ ଦିପକ୍ କର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ କ୍ଷେତ୍ରବାସୀ ଦାସ, ଡାଃ ବସନ୍ତ କୁମାର ବାରିକ୍, ଏ.ଡି.ଏମ୍.ଓ (ମେଡିକାଲ) ଡାଃ ଅଜୟ କୁମାର ସ୍ୱାଇଁ, ଡି.ପି.ଏମ୍. ଚକ୍ରଧର ଜେନା, ଡେପୁଟି ମ୍ୟାନେଜର ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସୁକାନ୍ତ କୁମାର ପ୍ରଧାନ, ଏ.ପି.ଡେମୋଲୋଜିଷ୍ଟ ଡାଃ ଅଶୋକ କୁମାର ସାହୁଙ୍କ ସମେତ ଜିଲ୍ଲା ଇମ୍ୟୁନାଇଜେସନ୍ ଟିମ୍‌ର ସମସ୍ତ ସଦସ୍ୟ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ରଥ ପାଇଁ ସେବକ







ଗତବର୍ଷ ପରି ଚଳିତ ବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଓ ଅନ୍ୟାନ୍ୟ ଯାତ୍ରା କୋଭିଡ଼ ଗାଇଡ଼ ଲାଇନ ଅନୁସାରେ ହେଉଛି। ରଥ ନିର୍ମାଣ ପାଇଁ ଆବଶ୍ୟକ ପଡୁଥିବା ସେବକମାନଙ୍କ ନିମିତ୍ତ ପ୍ରଶାସନ ଯଥେଷ୍ଟ ପୂର୍ବରୁ ସେମାନଙ୍କୁ ଟିକା ପ୍ରଦାନ କରାଯାଇଛି। ତିନିରଥ ନିର୍ମାଣ ପାଇଁ ସ୍ୱତନ୍ତ୍ର ବିଧି ରହିଛି। ତିଥି ଅନୁସାରେ ଶ୍ରୀପଞ୍ଚମୀ ଦିନ ରଥଖଳାରେ କାଠ ପହଞ୍ଚିଥାଏ। ଶ୍ରୀରାମ ନବମୀରେ ରଥ କାଠ ଚିରା ଆରମ୍ଭ ହୁଏ।





ଅକ୍ଷୟତୃତୀୟାରେ ରଥ ନିର୍ମାଣ ଅନୁକୂଳ ହୁଏ। ନୃସିଂହ ଚତୁର୍ଦ୍ଦଶୀରେ ଗୁଜ ଅନୁକୂଳ, ଭଉଁରୀ ଦିନ ପ୍ରତି ରଥର ୨ଟି ଚକ ନିର୍ମାଣ ହୋଇ ଅଖ ସଂଯୋଗ ହୁଏ। ଦେବସ୍ନାନ ପୂର୍ଣ୍ଣିମୀ ଦିନ ଚାରିନାହାକା ଡେରା ହୁଏ। ନେତ୍ରୋତ୍ସବ ଦିନ ରଥ ଖଳାରୁ ସିଂହଦ୍ୱାରକୁ ରଥ ବିଜେ କରିଥାଏ।

**ବଢ଼େଇ ମହାରଣା :** ରଥ ନିର୍ମାଣରେ ବିଭିନ୍ନ ସେବକ ସମ୍ପୃକ୍ତ ଥାଆନ୍ତି। ସେଥିମଧ୍ୟରୁ ବଢ଼େଇ ମହାରଣା ଅନ୍ୟତମ। ଶ୍ରୀମନ୍ଦିର ସ୍ୱତ୍ୱଲିପି ମୁତାବକ ଏହି ବଢ଼େଇ ମହାରଣାଙ୍କ ମଧ୍ୟରେ ସୂତାର, ତଳି ମହାରଣା, ମହାରଣା, ରଥ ଅମିନ ରହିଥାନ୍ତି। ରଥ କାଠ ଅନୁକୂଳ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଏମାନଙ୍କର ସେବା ରହିଥାଏ। ୩୪ଟି ଅଙ୍ଗ ବିଶିଷ୍ଟ ତିନିରଥ ନିର୍ମାଣ ନିମନ୍ତେ ପ୍ରତ୍ୟେକ ରଥରେ ଜଣେ ମୁଖ୍ୟ ମହାରଣା ରହନ୍ତି। ତାଙ୍କ ନେତୃତ୍ୱରେ ତଳି ମହାରଣା ନିୟୋଜିତ ହୋଇଥାନ୍ତି। ରଥ କାଠର ମାପ ନିମନ୍ତେ ଜଣେ ଅମିନ ରହିଥାନ୍ତି।

**ଓଝା ବା କମାର ସେବକ :** ଏହି ସେବା ପାଇଁ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ସୂଚନା ରହିଛି। ଏହି ସେବକମାନେ ଦୋଳଦେବୀ କୋଣରେ ରଥ ପାଇଁ ଏକ ସ୍ୱତନ୍ତ୍ର କମାରଶାଳ କରିଥାନ୍ତି। ସେଠାରେ ରଥ ପାଇଁ ଆବଶ୍ୟକ ଲୁହାକଣ୍ଟା, ବଳା, ପନ୍ଦାରି, କ୍ଲାମ୍ପ ଯୋଗାଇଥାନ୍ତି। ଅଣସର ସମୟରେ ଅଣସର ଘରେ ଲାଗୁଥିବା ସହସ୍ରା (ଲୁହା ନିର୍ମିତ ଏକ ଅସ୍ତ୍ର) ଯୋଗାଇଥାନ୍ତି । କଣ୍ଟା ଯୋଗାଇବା ସହ କମାର ସେବକମାନେ ନେତ୍ରୋତ୍ସବ ଦିନ ତିନିରଥ ରଥଖଳାରୁ ସିଂହଦ୍ୱାରକୁ ଯିବା ବେଳେ ରଥରେ ଚାନ୍ଦୁଆ ବାନ୍ଧିଥାନ୍ତି।

**ଭୋଇ ସେବକ :** ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଲିପିବଦ୍ଧ ରହିଛି ଏମାନଙ୍କ ସେବା। ରଥ ନିର୍ମାଣ ବେଳେ କାଠ ନେବା ଆଣିବା ପାଇଁ ଭୋଇ ସେବକଙ୍କୁ ନିୟୋଜିତ କରାଯାଇଥାଏ। ଜଣେ ନିର୍ମାଣ ପାଇଁ କାଠ ଯୋଗାଇବା ସହ ରଥରେ କାଠ ଯୋଡ଼ାଯିବା ବେଳେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି।

**ଦରଜି ସେବା :** ତିନିରଥ ପାଇଁ ନିର୍ଦ୍ଦିଷ୍ଟ ଥିବା ରଥ କନାକୁ ରଥ ନିମନ୍ତେ ସାଇଜ କରି କାଟିଥାନ୍ତି। ସେଗୁଡ଼ିକୁ ସିଲେଇ କରିବା ସହ ରଥ କନାରେ ବିଭିନ୍ନ ଫୁଲ ସିଲେଇ କରି ଆକର୍ଷଣୀୟ କରିଥାନ୍ତି। ରଥର ବାନା ଓ ଚାନ୍ଦୁଆ ମଧ୍ୟ ଏମାନେ ସିଲେଇ କରିଥାନ୍ତି।

**ତାମରା ବିଶୋଇ :** ସ୍ୱତ୍ୱଲିପିରେ ଏହି ସେବାର ସୂଚନା ରହିଛି। ଏମାନେ ଶ୍ରୀଅଙ୍ଗ ପାଇଁ ତାମ୍ରପଟା ପ୍ରସ୍ତୁତ କରିଦିଅନ୍ତି। ସ୍ନାନଯାତ୍ରା ପୂର୍ବ ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ଠାକୁରମାନଙ୍କର ହେଉଥିବା ପହଣ୍ଡି ପୂର୍ବରୁ ସେନାପଟା ଲାଗି ହୋଇଥାଏ। ଏହି ସେନାପଟାରେ ତାମ୍ରପାତିଆ ପ୍ରସ୍ତୁତ କରି ଦେଇଥାନ୍ତି।

**ରୂପକାର :** ତିନିରଥ ନିର୍ମାଣ କରାଯିବା ସହ ରଥକୁ ସୁନ୍ଦର ଓ ଆକର୍ଷଣୀୟ କରାଯାଏ। ସେଥିପାଇଁ ରଥରେ ଅନେକ ରୂପକାମ କରାଯାଇଥାଏ। ପୂର୍ବରୁ ରେଖାଚିତ୍ର କରାଯାଉଥିବା ବେଳେ ଏବେ ଖୋଦେଇ ମୂର୍ତ୍ତି କରାଯାଉଛି। ଏହି ସବୁ ରୂପକାର କାର୍ଯ୍ୟକୁ ରୂପକାର ସେବକମାନେ ସମ୍ପାଦନ କରିଥାନ୍ତି। ସେଥିରେ କଣଗୁଜ, ପଟାଗୁଜ, ଋଷିପଟା ସମେତ ବିଭିନ୍ନ ରୂପ କାର୍ଯ୍ୟ କରିଥାନ୍ତି। ଏହା ବ୍ୟତୀତ ନବକଳେବର ବର୍ଷ ସାରଥି, ଘୋଡ଼ା, ସଖୀ, ଓଲଟ ଶୁଆ, କଳସ, ପାର୍ଶ୍ୱଦେବଦେବୀ ନିର୍ମାଣ କରିଥାନ୍ତି। ରଥଟଣା ପୂର୍ବରୁ ଘୋଡ଼ାବନ୍ଧା କାର୍ଯ୍ୟ ଏହି ସେବକମାନେ ସମ୍ପାଦନ କରିଥାନ୍ତି।

**ଚିତ୍ରକର :** ଚିତ୍ରକରମାନଙ୍କର ରଥଯାତ୍ରାରେ କେତେକ ପ୍ରମୁଖ ସେବା ରହିଛି। ତିନିରଥ ନିର୍ମାଣ ପରେ ରଥକୁ ରଙ୍ଗ କରିବା ସହ ରଥରେ ହେଉଥିବା ଦେବଦେବୀ ମୂର୍ତ୍ତିକୁ ରଙ୍ଗ ଦେଇ ଆକର୍ଷିତ କରିଥାନ୍ତି। ପାର୍ଶ୍ୱଦେବଦେବୀ, ଘୋଡ଼ା, ସାରଥି ସମେତ ବିଭିନ୍ନ ଅଂଶକୁ ରଙ୍ଗ ଦେଇଥାନ୍ତି। ଏହା ବ୍ୟତୀତ ଶ୍ରୀବିଗ୍ରହମାନେ ଅଣସରରେ ଥିବା ବେଳେ ଗର୍ଭଗୃହରେ ପୂଜା ପାଉଥିବା ଅଣସର ପଟି ମଧ୍ୟ ଏହି ସେବକମାନେ ପ୍ରସ୍ତୁତ କରିଥାନ୍ତି। ପରମ୍ପରା ମୁତାବକ ରଥ ନିର୍ମାଣ କାର୍ଯ୍ୟରେ ୬୦ ଜଣ ମହାରଣା, ୭୫ଜଣ ଭୋଇ ସେବକ, ୧୫ଜଣ କମାର, ୧୫ରୁ ୨୦ ଜଣ ଚିତ୍ରକର, ୮ଜଣ ଦରଜି, ୧୫ଜଣ ରୂପକାର ସେବକ କାମ କରନ୍ତି। କରୋନା ରାକ୍ଷାସରୁ ମୁକ୍ତି ପାଇବା ପାଇଁ ଭଗବାନ ମହାବୀର ହନୁମାନ ଆମ ସମସ୍ତଙ୍କୁ ଆଶୀର୍ବାଦ ଓ କୃପା ପ୍ରଦାନ କରୁଥାନ୍ତୁ।

ଡାକ୍ତର ବିରଞ୍ଚି ନାରାୟଣ ମଲ୍ଲିକ
ସର୍ଜରୀ ବିଶେଷଜ୍ଞ
ଫ୍ଲାଟ ନଂ-୪୦୩, କିରଣ ପାରିଜାତକ
ଏନ୍‌କ୍ଲେଭ, କ୍ୟାଣ୍ଟନମେଣ୍ଟ ରୋଡ଼,କଟକ











# ‘ସମସ୍ତ ମଣ୍ଡିରୁ ଧାନ ନଉଠାଇଲେ ଆନ୍ଦୋଳନ ଜୋରଦାର କରାଯିବ’

**ଭୁବନେଶ୍ୱର :** ସାରା ରାଜ୍ୟରେ ହଜାର ହଜାର ସଂଖ୍ୟାରେ ଚାଷୀଙ୍କ ପାଖରେ ଧାନ ବିକ୍ରି ନହୋଇପାରି ସ୍ଥାନୀୟ ମଣ୍ଡିଗୁଡିକରେ ପଡିରହିଛି। ସରକାରଙ୍କ ତରଫରୁ ଟୋକନ ବ୍ୟବସ୍ଥାରେ ଧାନ ବିକ୍ରି ପାଇଁ ଥିବା ବିଧି ବ୍ୟବସ୍ଥାରେ ପ୍ରାୟ ୫ ହଜାର ଚାଷୀଙ୍କ ଟୋକନ ଲ୍ୟାପସ୍ ହେବା କାରଣରୁ ସେମାନଙ୍କ ଧାନ ମଣ୍ଡିରେ ପଡିରହିଛି। ଏଥିପାଇଁ ଯେତେ ସଂଖ୍ୟାରେ ଚାଷୀ ପଞ୍ଜୀକରଣ କରିଥିଲେ ଟୋକନ ନଦେବା କାରଣରୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ଖୋଲା ବଜାରରେ କ୍ୱିଂଟାଲ ପିଛା ୧ ହଜାର ଟଙ୍କାରେ ଧାନବିକ୍ରି କରିବାକୁ ବାଧ ହୋଇଛନ୍ତି । ଟୋକନ ପାଇଥିବା ଚାଷୀ ମଣ୍ଡିରେ ଧାନବିକ୍ରି କଲାବେଳେ ମିଲର୍ସ ମାନେ ମନଇଚ୍ଛା କ୍ୱିଂଟାଲ ପିଛା ୮/୧୦ କେଜି କଟନୀ ଛଟନୀ କରି ଚାଷୀଙ୍କୁ ଶୋଷଣ କରୁଛନ୍ତି । ଚଳିତ ରବି ଋତୁରେ ସରକାର ଟୋକନର ଅବଧି ମାତ୍ର ୧୨ ଦିନ କରିଦେଇଥିବାରୁ ଅନେକ ଚାଷୀଙ୍କ ଟୋକନ ଲ୍ୟାପସ ହୋଇଛି। ମଣ୍ଡିରେ ପଡିଥିବା ଧାନ ଗଡା ହେବାର ଦୃଶ୍ୟ ପ୍ରତିଦିନ ଗଣମାଧ୍ୟମରେ ପ୍ରସାରଣ କରୁଛି । ଏପରି ଅବ୍ୟବସ୍ଥା ବିରୁଦ୍ଧରେ ରାଜ୍ୟ କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟ ଯୋଗାଣ ନିଗମ ଆଗରେ ଧାରଣା ଦିଆଯିବା ସହ ତୁରନ୍ତ ବାକି ଥିବା ଧାନକୁ କିଣିବା ପାଇଁ ଦାବି କରାଯାଇଥିଲା । ଜୁନ୍ ୩୦ ତାରିଖ ସୁଦ୍ଧା ଧାନ ସବୁ କିଣାଯିବ ବୋଲି ଯୋଗାଣ ନିଗମର ମ୍ୟାନେଜିଂ ଡାଇରେକ୍ଟର ପ୍ରତିଶ୍ରୁତି ଦେବା ପରେ ବି ଏଯାବତ୍ ମଣ୍ଡିରୁ ଗୋଟିଏ ବସ୍ତା ଧାନ ଉଠିଲା ନାହିଁ । ପଂଜୀକୃତ ଚାଷୀ ଏବଂ ଅକାମୀ ହୋଇଥିବା ଟୋକନରେ ସମସ୍ତ ଧାନ କିଣିବା ଦାବିରେ ଆଜି ବିଜେପି ପକ୍ଷରୁ ରାଜ୍ୟବ୍ୟାପୀ ସମସ୍ତ ଧାନମଣ୍ଡି ଏବଂ ସିଏସଓ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି । ଆଗାମୀ ଦିନରେ ସମସ୍ତ ଚାଷୀଙ୍କ ଠାରୁ ଧାନ କିଣାନଗଲେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ଚେତାବନୀ ଦେଇଛନ୍ତି। ଚାଷୀମାନଙ୍କୁ ରାଜ୍ୟ ସରକାର ପ୍ରତାରଣା କରିଚାଲିଛନ୍ତି । କେନ୍ଦ୍ର ସରକାର ବିଭିନ୍ନ ଫସଲର ଏମଏସପି ବୃଦ୍ଧି କରିବା, ଫସଲ ବୀମା ଯୋଜନାରେ ଚାଷୀଙ୍କୁ ଅର୍ଥ ଯୋଗାଇବା, ବିଭିନ୍ନ ସାର ଓ ଚାଷ ଉପକରଣରେ ରିହାତି ଦେବାବେଳେ ରାଜ୍ୟସରକାରଙ୍କ ଚାଷୀମାରଣ ନୀତି ଯୋଗୁଁ ଓଡିଶାର ଚାଷୀକୂଳ ଆଜି ହତାଶ ହୋଇଛି । ବୋଲି ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ରାଜ୍ୟରେ ଧାନ ସଂଗ୍ରହ ପାଇଁ କେନ୍ଦ୍ର ସରକାରଙ୍କ ୧୫୧ ଦିନର ସମୟ ଅବଧିକୁ ଅଣଦେଖା କରାଯାଇଛି । ପିଏମସି କିମ୍ବା ପିପିସି ସଚିବଙ୍କ ଦ୍ୱାରା ୩୦ ଦିନିଆ ଟୋକନ ବ୍ୟବସ୍ଥାର ଅପବ୍ୟବହାର କରାଯାଉଛି । ବିଜେପି ଓଡିଶାର ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏ ଆନ୍ଦୋଳନ ଲଢୁଛି । ଅନ୍ୟପଟେ କଂଗ୍ରେସ ରାଜ୍ୟରେ ବିଜେଡିର ବି ଟିମ୍ ଭାବେ କାମ କରୁଛି । ସେମାନେ ନା ଚାଷୀଙ୍କ ପାଇଁ ଲଢୁଛନ୍ତି ନା ପେଟ୍ରୋଲ ଡିଜେଲ ଉପରୁ ଭାଟ୍ କମାଇବା ପାଇଁ ବିଜେଡିକୁ ବିରୋଧ କରୁଛନ୍ତି । ବିଜେଡିର ଢାଲ ସାଜି କଂଗ୍ରେସ ଓଡିଶାରେ କାର୍ଯ୍ୟ କରୁଛି ବୋଲି ଶ୍ରୀ ପୁରୋହିତ ଅଭିଯୋଗ କରିଛନ୍ତି। ରାଜ୍ୟର ସମସ୍ତ ଜିଲ୍ଲାରେ ଧାନମଣ୍ଡି ଘେରାଉ ଏବଂ ସିଏସଓ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି । ବଲାଙ୍ଗିରରେ ପୂର୍ବତନ ମନ୍ତ୍ରୀ କେ.ଭି ସିଂହଦେଓ, ବିଧାୟକ ମୁକେଶ ମହାଲିଙ୍ଗ, ଜିଲ୍ଲା ସଭାପତି ଶିବାଜୀ ମହାନ୍ତି ଓ ଲକ୍ଷ୍ମଣ ବାଗ୍; ସମ୍ବଲପୁରରେ ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ବିଧାୟକ ନାଉରୀ ନାଏକ ଓ ରାଧେଶ୍ୟାମ ବାରିକ; ନୂଆପଡାରେ ସୁବ୍ରତ ଠାକୁର; ବରଗଡରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ଯୁବମୋର୍ଚ୍ଚା ସଭାପତି ଇରାସିସ ଆଚାର୍ଯ୍ୟ, ଅଶ୍ୱିନୀ ଷଡଙ୍ଗୀ; ସୁନ୍ଦରଗଡରେ ବିଧାୟକ ଭବାନୀ ଭୋଇ, କୁସୁମ ଟେଟେ, ରଂଜନ ପଟେଲ; ଦେବଗଡରେ ବିଧାୟକ ସୁବାଷ ପାଣିଗ୍ରାହୀ, ମୀନକେତନ ପ୍ରଧାନ; ଝାରସୁଗୁଡାରେ ଟଙ୍କଧର ତ୍ରିପାଠୀ, ରାଧାରାଣୀ ପଣ୍ଡା, ମଙ୍ଗଳ ସାହୁ; ରାଉରକେଲାରେ ବିଧାୟକ ଶଙ୍କର ଓରାମ, ଲତିକା ପଟ୍ଟନାୟକ ଓ ନିହାର ରାୟ; କଳାହାଣ୍ଡିରେ ଶର୍ମିଷ୍ଠା ମେହରେ, ଦେବେନ୍ଦ୍ର ମହାନ୍ତି, ରମେଶ ମାଝୀ; କୋରାପୁଟରେ ସୁମନ୍ତ ପ୍ରଧାନ, ଗୌତମ ସାମନ୍ତରାୟ; କେନ୍ଦୁଝରରେ ରାଧାକାନ୍ତ ମହନ୍ତ, ଜିଲ୍ଲା ସଭାପତି ସବୁଜ ଅଂଶୁମାନ ମହନ୍ତ; ଖୋର୍ଦ୍ଧାରେ ରଶ୍ମୀରଂଜନ ମହାପାତ୍ର, ତାପସ ଜେନା; ସୋନପୁରରେ ପ୍ରମୋଦ ମହାପାତ୍ର, ଉଷା କୁମାର ଦେବୀ; ବୌଦ୍ଧରେ ବିପ୍ର ମହାନ୍ତି; କଟକରେ ଲଲାଟେନ୍ଦୁ ବଡ୍ଡୁ, ଶଙ୍କର୍ଷଣ ମହାନ୍ତି; ଭୁବନେଶ୍ୱରରେ ଜିଲ୍ଲା ସଭାପତି ବାବୁ ସିଂ, ଜଗନ୍ନାଥ ପ୍ରଧାନ; ପୁରୀରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ. କାମାକ୍ଷା ପ୍ରସାଦ ପ୍ରଧାନ; ଭଦ୍ରକରେ ; ଯାଜପୁରରେ ଚୈତନ୍ୟ ସାମଲ; କେନ୍ଦ୍ରାପଡାରେ କିଶୋର ପଣ୍ଡା; ଜଗତସିଂହପୁରରେ ବିଭୁ ପ୍ରସାଦ ତରାଇ, ସତ୍ୟବ୍ରତ ମହାପାତ୍ର ଓ ସଂପଦ ସ୍ୱାଇଁ ପ୍ରମୁଖଙ୍କ ନେତୃତ୍ୱରେ ଘେରାଉ ଏବଂ ରାସ୍ତାରୋକ କାର୍ଯ୍ୟକ୍ରମ ହୋଇଥିଲା।



### ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅନୁମତି

# ଗର୍ଭବତୀ ନେଇପାରିବେ କରୋନା ଟିକା

**ନୂଆଦିଲ୍ଲୀ :** ବିଭିନ୍ନ ପରୀକ୍ଷା ଓ ତର୍ଜମା ପରେ ଗର୍ଭବତୀଙ୍କୁ କରୋନା ଟିକା ନେବାକୁ ଅନୁମତି ଦେଇଛନ୍ତି କେନ୍ଦ୍ର ସରକାର। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ଉଭୟ ଅଫଲାଇନ ଓ ଅନଲାଇନ ପଞ୍ଜିକରଣ ପଦ୍ଧତିରେ ସେମାନେ ଟିକାର ଡୋଜ୍ ନେଇପାରିବେ। ମନ୍ତ୍ରଣାଳୟ କହିଛି ଯେ, ଗର୍ଭବତୀମାନେ ଚାହିଁଲେ କୋୱିନ ଆପରେ ପଞ୍ଜିକରଣ କରି ସ୍ଲଟ ବୁକିଂ କରିପାରିବେ। ନଚେତ ସେମାନେ ଟିକାକରଣ କେନ୍ଦ୍ରକୁ




ସିଧାସଳଖ ଯାଇ ପଞ୍ଜିକରଣ କରି ଟିକାର ଡୋଜ୍ ନେଇପାରିବେ। ସାଧାରଣ ଲୋକଙ୍କ ପାଇଁ ଯେଉଁସବୁ ନିୟମ ଲାଗୁ ହେଉଛି, ଗର୍ଭବତୀଙ୍କ କ୍ଷେତ୍ରରେ ସମାନ ନିୟମ ଲାଗୁ ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତ ମାସରୁ କ୍ଷୀର ଖୁଆଉଥିବା ମହିଳାମାନଙ୍କୁ କରୋନା ଟିକାର ଡୋଜ୍ ନେବାକୁ ସରକାର ଅନୁମତି ଦେଇଥିଲେ। ହେଲେ ସୁରକ୍ଷା ଓ ତଥ୍ୟର ଅଭାବରୁ ଗର୍ଭବତୀଙ୍କ ଟିକାକରଣ ପାଇଁ ଅନୁମତି ମିଳି ନଥିଲା। ହେଲେ ଗର୍ଭବତୀଙ୍କ ପ୍ରତି ସଂକ୍ରମଣର ଆଶଙ୍କା ଅଧିକ ଥିବାରୁ ବିଶେଷଜ୍ଞମାନେ ସେମାନଙ୍କର ଟିକାକରଣ ପ୍ରକ୍ରିୟା ଆରମ୍ଭ କରିବାକୁ ପରାମର୍ଶ ଦେଇଥିଲେ। ସରକାର ସବୁ ଦିଗକୁ ବିଚାର କରିବା ପରେ ଗର୍ଭବତୀଙ୍କୁ ଟିକାର ଡୋଜ୍ ନେବାକୁ ଅନୁମତି ଦେଇଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଏସବୁ ସୁପାରିସକୁ ଗ୍ରହଣ କରିଥିଲା ଏବଂ ଗର୍ଭବତୀ ମହିଳାଙ୍କ ଟିକାକରଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟ / କେନ୍ଦ୍ର ଶାସିତ ପ୍ରଦେଶ ସରକାରମାନଙ୍କୁ ସକ୍ଷମ କରିବା ଲାଗି ଗର୍ଭବତୀ ମହିଳାମାନଙ୍କୁ ଟିକା ଦେବା ପାଇଁ ପରିଚାଳନାଗତ ମାର୍ଗଦର୍ଶିକା, ଚିକିତ୍ସା ଅଧିକାରୀ ଓ ଏଫ୍ଏଲଡବ୍ଲୁଙ୍କ ପାଇଁ ପରାମର୍ଶଦାତା କିଟ୍ ଏବଂ ସାଧାରଣ ଜନତାଙ୍କ ପାଇଁ ଆଇଇସି ଉପକରଣ ପ୍ରସ୍ତୁତ କରିଥିଲା।

# ଦୂତୀଙ୍କୁ ଟୋକିଓ ଟିକେଟ୍



**ଭୁବନେଶ୍ୱର :** ଓଡ଼ିଆ ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଟୋକିଓ ଅଲିମ୍ପିକ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଶ୍ୱ ମାନ୍ୟତା ଆଧାରରେ ତାଙ୍କୁ ଚୟନ କରାଯାଇଥିବା ଜଣାଯାଇଛି। ତାଙ୍କୁ ୧୦୦ ଓ ୨୦୦ ମିଟର ମହିଳା ସ୍ପ୍ରିଣ୍ଟ ଇଭେଣ୍ଟରେ ସେ ଏହି ଯୋଗ୍ୟତା ଅର୍ଜନ କରିଛନ୍ତି। ନିକଟରେ ଦୂତୀ ଇଣ୍ଡିଆନ ଗ୍ରାଣ୍ଡ ପ୍ରିକ୍ସ୪ର ୧୦୦ ମିଟର ଇଭେଣ୍ଟକୁ ୧୧.୧୭ ସେକେଣ୍ଡ ଅତିକ୍ରମ କରି ନିଜର ପୂର୍ବ ରେକର୍ଡକୁ କାଟିଦେଇଥିଲେ। ସେ ମାତ୍ର ୦.୦୨ ସେକେଣ୍ଡ ପାଇଁ ସେ ଅଳ୍ପକେ ସିଧାସଳଖ ଅଲିମ୍ପିକ ଯୋଗ୍ୟତା ଅର୍ଜନ କରିପାରିନଥିଲେ। ତେବେ ନିଜର ବିଶ୍ୱ ମାନ୍ୟତା ଅନୁସାରେ ସେ ଅଲିମ୍ପିକ ଯୋଗ୍ୟତା ଅର୍ଜନ କରିଛନ୍ତି। ଆଜି ଓଡ଼ିଶା ସରକାର ଦୂତୀଙ୍କୁ ରାଜୀବ ଗାନ୍ଧି ଖେଳ ରତ୍ନ ପୁରସ୍କାର ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି। ସେହିପରି ଭାରତୀୟ ହକି ଦଳର ଉପଅଧିନାୟକ ବିରେନ୍ଦ୍ର ଲାକ୍ରାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିଶ କରାଯାଇଛି।

# ୧୯ରୁ ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ :** ମହାମାରୀ କରୋନା ସଂକ୍ରମଣର ଦ୍ୱିତୀୟ ଲହର ହ୍ରାସ ପାଉଥିବାରୁ ସଂସଦର ମୌସୁମୀ ଅଧିବେଶନ ବସିବ। ଜୁଲାଇ ୧୯ରୁ ସଂସର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହା ଅଗଷ୍ଟ ୧୩ଯାଏ ଚାଲିବ ଓ ପୁରା ଅଧିବେଶନରେ ୨୦ଟି କାର୍ଯ୍ୟ ଦିବସ ରହିବ ବୋଲି ଜଣାପଡିଛି। ସାଧାରଣତଃ ସଂସଦର ମୌସୁମୀ ଅଧିବେଶନ ଜୁଲାଇ ୩ୟ ସପ୍ତାହରେ ଆରମ୍ଭ ହୋଇଥାଏ ଓ ସ୍ୱାଧୀନତା ଦିବସ ପୂର୍ବରୁ ଶେଷ ହୋଇଥାଏ। ମହାମାରୀ କରୋନା ସଂକ୍ରମଣ ମଧ୍ୟରେ ଚଳିତ ବର୍ଷ ମୌସୁମୀ ଅଧିବେଶନ ବି ଜୁଲାଇ ତୃତୀୟ ସପ୍ତାହରେ ଆରମ୍ଭ ହେବ। ଅଧିବେଶନ ବେଳେ କରୋନା ସଂକ୍ରମଣକୁ ରୋକିବା ପାଇଁ ଜାରି ସମସ୍ତ



ଗାଇଡଲାଇନକୁ ପାଳନ କରାଯିବ। ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମନ୍ତ୍ରିପରିଷଦ ବୈଠକ ବସିଥିଲା। ଏହି ସମୟରେ ସେ ସମସ୍ତ ମନ୍ତ୍ରୀମାନଙ୍କୁ ବିରୋଧୀମାନେ କରୋନା ସଙ୍କଟକୁ ନେଇ ଉଠାଇଥିବା ପ୍ରଶ୍ନକୁ କାଉଣ୍ଟର କରିବା ପାଇଁ ପ୍ରସ୍ତୁତ ରହିବାକୁ କହିଥିଲେ। ମହାମାରୀ କରୋନାକୁ ନେଇ ଯଦି ବିରୋଧୀ କୌଣସି ମିଛ ଅଭିଯୋଗ କରୁଥିବେ, ତା'ହେଲେ ଏହାର ପର୍ଦ୍ଦାଫାସ କରିବାକୁ ଉପଯୁକ୍ତ ଦସ୍ତାବିଜ ମୌସୁମୀ ଅଧିବେଶନକୁ ଧରି ଆସିବା ପାଇଁ ମଧ୍ୟ ମୋଦି ସବୁ ମନ୍ତ୍ରୀମାନଙ୍କୁ କହିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଦଳ ଗୁଡିକ ମୌସୁମୀ ଅଧିବେଶନରେ ସରକାରଙ୍କୁ ଘେରିବା ପାଇଁ ପୂରା ଯୋଜନା କରିଛନ୍ତି। ମହାମାରୀ କରୋନାକୁ ମୁକାବିଲା କରିବାରେ ସରକାରୀ ବିଫଳତା ଠାରୁ ଆରମ୍ଭ କରି ବିଭିନ୍ନ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପ୍ରସଙ୍ଗକୁ ବିରୋଧୀ ମୁଖ୍ୟ ଅସ୍ତ୍ର କରିବେ ବୋଲି କୁହାଯାଉଛି। ଏହାବାଦ ବେକାରୀ ଓ ବିଭିନ୍ନ ଅଧ୍ୟାଦେଶ ସମ୍ପର୍କରେ ମଧ୍ୟ ବିରୋଧୀ ନିଜର ସ୍ୱର ଶାଣିତ କରିବେ।

# ଜୁଲାଇ ୩୦ରୁ ମାଟ୍ରିକ୍ ଅଫ୍‌ଲାଇନ୍ ପରୀକ୍ଷା

**କଟକ :** କଟକ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ତଥା ମାଟ୍ରିକ ପରୀକ୍ଷା ପାଇଁ ଅଫ୍‌ଲାଇନ୍ ପରୀକ୍ଷା ଜୁଲାଇ ୩୦ରୁ ଆରମ୍ଭ ହେବ। ଏହି ଅଫ୍‌ଲାଇନ ପରୀକ୍ଷା ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜୁଲାଇ ୫ ରୁ ୧୪ ପର୍ଯ୍ୟନ୍ତ ମାଟ୍ରିକ ଅଫ୍‌ଲାଇନ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିପାରିବେ। ମାଟ୍ରିକ ମୂଲ୍ୟାୟନରେ ଅସନ୍ତୁଷ୍ଟ ଛାତ୍ରଛାତ୍ରୀ ଦେଇପାରିବେ ଅଫଲାଇନ ପରୀକ୍ଷା। ଏହାସହିତ ଯେଉଁମାନେ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଛନ୍ତି ସେମାନେ ମଧ୍ୟ ପରୀକ୍ଷା ଦେଇପାରିବେ। ଦଶମ ଶ୍ରେଣୀ




ଅଫଲାଇନ ପରୀକ୍ଷା ପାଇଁ ବୋର୍ଡ ପକ୍ଷରୁ ଟାଇମ୍ ଟେବୁଲ ପ୍ରକାଶ କରାଯାଇଛି। ମହାମାରୀ କରୋନା ପାଇଁ ଚଳିତବର୍ଷ ମାଟ୍ରିକ ପରୀକ୍ଷା ହୋଇନଥିଲା। ସେଥିପାଇଁ ବିନା ପରୀକ୍ଷାରେ ଗତ ୨୫ ତାରିଖରେ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇଥିଲା। ଏଥର ୯୭.୮% ଛାତ୍ରଛାତ୍ରୀ ପାସ୍ କରିଥିଲେ। ମୋଟ ୫,୭୪,୧୨୫ ପିଲାଙ୍କର ମୂଲ୍ୟାୟନ କରାଯାଇଥିଲା। ସେଥିରୁ ୫,୬୨,୦୧୦ଜଣ ପିଲା ପାସ କରିଥିଲେ। ୭୭୦୩ ଛାତ୍ରଛାତ୍ରୀ ଫେଲ୍ ହୋଇଥିବା ବେଳେ ୪୪୧୨ ପିଲା ଅନୁପସ୍ଥିତ ଥିଲେ।

### ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନୂଆ ନିର୍ଦ୍ଦେଶନାମା

# ୫୦% କର୍ମଚାରୀରେ ଚାଲିବ ଅଫିସ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ ଓ ଅଧସ୍ତନ କାର୍ଯ୍ୟାଳୟ ଗୁଡିକ ଜୁଲାଇ ୧୫ ତାରିଖ ପର୍ଯ୍ୟନ୍ତ ଅତିକମରେ ୫୦% କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ। ଉପସଚିବ ଓ ତଦୂର୍ଦ୍ଧ୍ୱ ପାହ୍ୟାରେ ଅଫିସରମାନେ ପ୍ରତିଦିନ ଅଫିସ ଆସିବେ। ଯେଉଁ କର୍ମଚାରୀମାନେ ଦୁଇ ଡୋଜ୍ କୋଭିଡ୍ ଟିକା ନେଇଥିବେ ସେମାନେ ଅଫିସ ଆସିବା ବାଧ୍ୟତାମୂଳକ। ତେବେ ଭିନ୍ନକ୍ଷମ ଓ ଗର୍ଭବତୀ ମହିଳାଙ୍କୁ ଅଫିସ ଆସିବା ଓ ୱାର୍କ ଫ୍ରମ ହୋମରୁ ବାଦ ଦିଆଯାଇଛି। ଆଜି ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନୂଆ ନିର୍ଦ୍ଦେଶନାମା ଜାରି ହୋଇଛି। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜିବ ଚୋପ୍ରା ଆଜି ଏକ ନିର୍ଦ୍ଦେଶନାମା ଜାରି କରି ଜୁଲାଇ ୧ ରୁ ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ କିଭଳି ପରିଚାଳିତ



ହେବ ସେ ନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତେବେ କଟକ ଓ ଭୁବନେଶ୍ୱରରେ ଥିବା ବିଭାଗୀୟ ଅଫିସ ଓ ବିଭାଗୀୟ ମୁଖ୍ୟ ଦପ୍ତରରେ କେଉଁ କର୍ମଚାରୀ ଅଫିସ ଆସିବେ ତାହା ସମ୍ପୃକ୍ତ କାର୍ଯ୍ୟାଳୟର ମୁଖ୍ୟ ନିଷ୍ପତ୍ତି ନେବେ। ସମ୍ପୂର୍ଣ୍ଣ ଟିକାକରଣ ହୋଇନଥିବା କର୍ମଚାରୀ ଓ ରୋଷ୍ଟର ଆଧାରରେ ଅଫିସ ଆସିବା ନିଷ୍ପତ୍ତି ସମ୍ପୃକ୍ତ କାର୍ଯ୍ୟାଳୟର ମୁଖ୍ୟ ନେବେ। ମାତ୍ର ଅତ୍ୟାବଶ୍ୟକ ସେବା ଯୋଗାଉଥିବା ଅଫିସ ଯଥା ଏସ୍ଆରସି ଓ ଓସଡମା ଅଫିସ, ପୋଲିସ, ଅଗ୍ନିଶମ, ସ୍ୱାସ୍ଥ୍ୟସେବା, ପୌର ସେବା ଆଦି କାର୍ଯ୍ୟାଳୟ ଗୁଡିକ ସମ୍ପୂର୍ଣ୍ଣ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ। ଏହାବ୍ୟତୀତ ଯେଉଁ କର୍ମଚାରୀମାନଙ୍କୁ ରୋଷ୍ଟର ଡ୍ୟୁଟି ଆବଣ୍ଟନ ହୋଇନଥିବ ସେମାନେ ନିଶ୍ଚିତ ଭାବେ ଭିପିଏନ୍ ମାଧ୍ୟମରେ ଘରୁ ରହି ନିୟମିତ ଓ ବକେୟା ଅଫିସ କାର୍ଯ୍ୟ କରିବେ। ଯଦି କିଛି ଜରୁରୀ ପଡେ ତା'ହେଲେ ଟେଲିଫୋନ୍ ମାଧ୍ୟମରେ ସବୁ ସମୟରେ ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଧସ୍ତନ ଅଫିସ ଗୁଡ଼ିକରେ କେତେ ସଂଖ୍ୟକ କର୍ମଚାରୀ କାର୍ଯ୍ୟ କରିବେ ସେ ନିଷ୍ପତ୍ତି ସେମାନଙ୍କର ପ୍ରଶାସନିକ ବିଭାଗ କରିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି।

# ସାହିତ୍ୟ ପତ୍ରିକା ଶ୍ୱେତପଦ୍ମାର ପରିକଳ୍ପନା ନିମନ୍ତେ ଆଭାସୀ ବୈଠକ

**ତାଳଚେର :** ଓଡିଆ ଭାଷା,ସାହିତ୍ୟ,ସଂସ୍କୃତିର ବୈଭବ ଓ ସୌରଭକୁ ଜନସାଧାରଣଙ୍କ ନିକଟରେ ପଂହଚାଇବା ପାଇଁ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଉଥବଲଣ୍ଡାର କବୟତ୍ରୀ ଅନୀତା ପାଣିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗବେଷକ ବିଭୂତି ଭୂଷଣ ସାହୁ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବରେ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଶାନ୍ତନୁ କୁମାର ସର ଓ ଶ୍ରମିକନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ଆମ ଭାଷା,ସାହିତ୍ୟର ସଂରକ୍ଷଣ ପାଇଁ ତଥା ଏହାର ପ୍ରଚାର,ପ୍ରସାର ପାଇଁ ଏକ ସାହିତ୍ୟ ପତ୍ରିକା ପ୍ରକାଶନ କରିବାକୁ ମତପ୍ରକାଶ କରିଥିଲେ। ଉପସ୍ଥିତ ସାହିତ୍ୟପ୍ରେମୀମାନଙ୍କ ସର୍ବସମ୍ମତିକ୍ରମେ ଏକ ଭିନ୍ନ ସ୍ୱାଦର ନୂତନ ସାହିତ୍ୟ ପତ୍ରିକା ଶ୍ୱେତପଦ୍ମା ବାର୍ଷିକ ଦୁଇଟି ସଂଖ୍ୟା ଯଥା ପୂଜା ସଂଖ୍ୟା ଓ ବିଷୁବ ସଂଖ୍ୟାରେ ପ୍ରକାଶ ପାଇବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା। ଏହି ପତ୍ରିକାରେ କ୍ଷୁଦ୍ରଗଳ୍ପ,କବିତା, ଗବେଷଣାତ୍ମକ ନିବନ୍ଧ,ଅନୁବାଦ ସାହିତ୍ୟ,ସାକ୍ଷାତକାର ସହିତ ତରୁଣ ପିଢୀର




ଯୁବଲେଖକ, ଲେଖିକାମାନଙ୍କ ସୃଜନଶୀଳତା ଓ ନୂତନ ଚିନ୍ତାଧାରର ମୌଳିକ ଲେଖାମାନ ପ୍ରକାଶ ପାଇବ ବୋଲି ସ୍ଥିରୀକୃତ କରାଯାଇଥିଲା। ଶ୍ୱେତପଦ୍ମା ସାହିତ୍ୟ ପତ୍ରିକାର ମୁଖ୍ୟ ସଂପାଦକ ଭାବରେ ପ୍ରଫେସର ଶାନ୍ତନୁ କୁମାର ସର,ସଂପାଦକା ଅନୀତା ପାଣି,ସହ ସଂପାଦକ ଭାବରେ ବିଭୂତି ଭୂଷଣ ସ୍ୱାଇଁ ଦାୟିତ୍ୱ ନିର୍ବାହ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା। ସେହିପରି ଉପଦେଷ୍ଟା ଭାବରେ ଶ୍ରମିକନେତା ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଡ.ଦୀନେଶ ମାଲୀ, ଗବେଷକ ବିଭୂତି ଭୂଷଣ ସାହୁ,ଡ.ପ୍ରଶାନ୍ତ କୁମାର ରଥ,ନାଟ୍ୟକାର ମୁକୁନ୍ଦ ଶତପଥୀ ତଥା ସଂପାଦନାମଣ୍ଡଳୀରେ କବି ତ୍ରିନାଥ ସାହୁ,ଇଂ ଅରୁଣ କୁମାର ଗଡନାୟକଙ୍କୁ ମନୋନୀତ କରାଯାଇଥିଲା । ଏହି ପତ୍ରିକାରେ ଲେଖା ଦେବାକୁ ଆଗ୍ରହୀ ଲେଖକ,ଲେଖିକାମାନେ ପତ୍ରିକାର ସଂପାଦିକା ଅନୀତା ପାଣିଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ଶେଷରେ ଇଂ ଅରୁଣ କୁମାର ଗଡନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାର ୨ଗୋଟି ସ୍ଥାନରେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ଦ୍ୱାରା କୋର୍ଟ ଉଦ୍‌ଘାଟିତ

**ଜଗତ୍‌ସିଂହପୁର :** ଜଗତ୍‌ସିଂହପୁର ଚର୍ଚ୍ଚିକା ବଜାର ନିକଟରେ ଅବସ୍ଥିତ କୋର୍ଟ ପରିସର ମଧ୍ୟରେ ସ୍ୱତନ୍ତ୍ର ଫାଷ୍ଟଟ୍ରାର୍କ କୋର୍ଟର ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡଃ ଏସ୍ ମୁରଲୀଧରଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମ ଜରିଆରେ ଶୁଭ ଉଦ୍‌ଘାଟନ ହୋଇଯାଇଛି । ସେହିପରି ଏରସମା ଠାରେ ନୂତନ ଭାବେ ଏକ ସିଭିଲ-ଜଜ ତଥା ଜୁନିଅର ମାଜିଷ୍ଟ୍ରେଟ ଫାଷ୍ଟକ୍ଲାସ୍ କୋର୍ଟର ମଧ୍ୟ ଶୁଭ ଉଦ୍‌ଘାଟନ ହୋଇଯାଇଛି । ଏହି ଉଦ୍‌ଘାଟନ ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାର ପତି ସଞ୍ଜୁ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ । ଏହି ଉଦ୍‌ଘାଟନ ସମୟରେ ମୁଖ୍ୟ ବିଚାର ପତି ଡଃ ମୁରଲି ଧରନ୍ ପ୍ରକାଶ କରିଥିଲେ ଯେ ଜିଲ୍ଲାମାନଙ୍କରେ ଏପରି ଅଧିକ କୋର୍ଟ ସବୁ ଖୋଲାଯିବା ଦ୍ୱାରା ଲୋକମାନେ ତ୍ୱରିତ ନ୍ୟାୟ ପାଇପାରିବେ । ଆଗରୁ ଏପରି କୋର୍ଟର ବ୍ୟବସ୍ଥା ନଥିବାରୁ ଜନସାଧାରଣ ନ୍ୟାୟ ପାଇବା ପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଉଥିଲେ । ପ୍ରତି ଜିଲ୍ଲାମାନଙ୍କରେ ଏପରି ନ୍ୟାୟାଳୟ ଖୋଲିବା ଦ୍ୱାରା ଲୋକମାନଙ୍କୁ ତ୍ୱରିତ ନ୍ୟାୟ ମିଳିଯିବାର ବ୍ୟବସ୍ଥା କରାଯିବ । ଏହି ଉଦ୍‌ଘାଟନୀ ଉତ୍ସବରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ଜିଲ୍ଲା ଦୌରା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା, କୁଜଙ୍ଗର ଅତିରିକ୍ତ ଜିଲ୍ଲା ଜଜ୍ ପ୍ରଣବ କୁମାର ରାଉତରାୟ, ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଏସ୍.ପି. ପ୍ରକାଶ ରଙ୍ଗରାଜ, ପରିବାର ଅଦାଲତ ଜଜ୍ ଜୀବନଜ୍ୟୋତି ରଥ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍, ପ୍ରିୟରଞ୍ଜନ ମିଶ୍ର, କୁଜଙ୍ଗ ସବ୍‌ଜଜ୍ ପ୍ରିୟରଞ୍ଜନ ବାରିକ୍, ଏରସମା ଜେ.ଏମ୍.ଏଫ୍.ସି ମହମ୍ମଦ ଶାହା ଫଇଜଲ, କୁଜଙ୍ଗ ସିଭିଲି ଜଜ୍ ପୂଜା ଦେ, ତିର୍ତ୍ତୋଲ ଜେ.ଏମ୍.ଏଫ୍.ସି. ସୁଶାନ୍ତ କୁମାର ନାୟକ ଓ ଆଇନ୍‌ଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।













Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି